

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-326 •BHUBANESWAR •SUNDAY •25 MAY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୨ •ସଂଖ୍ୟା-୩୨୬ •ଭୁବନେଶ୍ୱର •ରବିବାର •୨୫ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)



SARASWATI GROUP OF INSTITUTIONS CUTTACK ESTD.-2012

# SARASWATI GROUP OF INSTITUTIONS

## STATE SCIENCE TOPPER CHSE - 2025


97.67%
BINIT MOHANTY
Mark-586


95.50%
RITESH KU. MALLA
Mark-573


94.50%
SUNITA SAHOO
Mark-567



DR. DEBADATTA SWAIN
CHAIRMAN



DR. BISWAJIT TRIPATHY
PRINCIPAL



94.33%
TANDRA M. MOHANTY
Mark-566


94.33%
MITALI BEHERA
Mark-566


93.83%
BHAGYASHREE BEHERA
Mark-563


93.67%
NAFISHA PARWEEN
Mark-562


93.17%
LIPSA ROUT
Mark-559


93.00%
GOPINATH SAR
Mark-558


92.50%
RUTURANI ROUT
Mark-555


92.33%
DEEPYASHREE MOHAPATRA
Mark-554


92.00%
GAYATRI MISHRA
Mark-552


91.50%
ARPITA SAHOO
Mark-549


91.50%
OM PRAKASH KAR
Mark-549


91.50%
PRITAM PRIYADARSHY
Mark-549


91.33%
SMRUTI SA. MOHANTY
Mark-548


91.33%
SOMYA RN. SAHOO
Mark-548


91.33%
SOAYAMSHREE SAHOO
Mark-548


91.33%
TANUSHREE ROUT
Mark-548


91.17%
TANISKA PANDA
Mark-547


91.17%
TATHASTU NATH
Mark-547


90.83%
JASMIN BISWAL
Mark-545



90.83%
RASHMI RN PATRA
Mark-545


90.50%
OM PRAKASH BEHERA
Mark-543


90.50%
SIBANI PRI. DAS
Mark-543


90.33%
POOJALIN DAS
Mark-542



90.33%
BHABESH MISHRA
Mark-542


90.17%
SASANKA SE. SAHOO
Mark-541


90.17%
ABINASH DAKUA
Mark-541








## ADMISSION OPEN 2025-26
## +2 Science
A Day-Cum Residential

## +3 SCIENCE
Under Utkal University
HONOURS SEATS

| | | | |
|---|---|---|---|
| PHYSICS | - 16 | COMP. SCIENCE | - 24 |
| CHEMISTRY | - 24 | BOTANY | - 16 |
| MATHEMATICS | - 08 | ZOOLOGY | - 16 |
| GEOLOGY | - 24 | | |

## BSc. ITM (32 Seats)
Under Utkal University

## CHSE RESULT - 2025 (99.99%)

Integrated Coaching for
**NEET, JEE-MAIN**
by Expert Faculties


ABOVE 90% - 29
ABOVE 80% - 120
1ST DIVISION - 349 / 2ND DIVISION - 50
3RD DIVISION - 03

SGI always improve Marks in +2 Sc.
Compare 10th Mark with +2 Sc. Mark

| CHSE Roll No. | Name of Students | Marks Secured | % of Mark in +2 | % of Mark in 10th |
|---|---|---|---|---|
| 302CZ297 | BINIT MOHANTY | 586 | 97.67 | 92.01 |
| 302CZ279 | RITESH KUMAR MALLA | 573 | 95.50 | 91.83 |
| 302CZ317 | SUNITA SAHU | 567 | 94.50 | 92.17 |
| 302CZ014 | TANDRA MINAKSHI MOHANTY | 566 | 94.33 | 94.17 |
| 302CZ043 | MITALI BEHERA | 566 | 94.33 | 93.83 |
| 302CZ162 | BHAGYASHREE BEHERA | 563 | 93.83 | 92.17 |
| 302CZ370 | NAFISHA PARWEEN | 562 | 93.67 | 86.17 |
| 302CZ005 | LIPSHA ROUT | 559 | 93.17 | 92.17 |
| 302CZ001 | GOPINATH SAR | 558 | 93.00 | 93.05 |
| 302CZ259 | RITURANI ROUT | 555 | 92.50 | 90.01 |
| 302CZ124 | DEEPYASHREE MOHAPATRA | 554 | 92.33 | 91.33 |
| 302CZ307 | GAYATRI MISHRA | 552 | 92.00 | 86.50 |
| 302CZ034 | ARPITA SAHOO | 549 | 91.50 | 85.83 |
| 302CZ221 | OM PRAKASH KAR | 549 | 91.50 | 59.14 |
| 302CZ303 | PRITAM PRIYADARSHY | 549 | 91.50 | 84.33 |
| 302CZ068 | SMRUTI SANGITA MOHANTY | 548 | 91.33 | 91.50 |
| 302CZ330 | SOUMYA RANJAN SAHOO | 548 | 91.33 | 74.00 |
| 302CZ380 | SWAYAMSHREE SAHOO | 548 | 91.33 | 82.83 |
| 302CZ412 | TANUSHREE ROUT | 548 | 91.33 | 88.67 |
| 302CZ213 | TANISKA PANDA | 547 | 91.17 | 85.83 |
| 302CZ375 | TATHASTU NATH | 547 | 91.17 | 90.00 |
| 302CZ028 | JASMIN BISWAL | 545 | 90.83 | 82.00 |
| 302CZ037 | RASHMI RANJAN PATRA | 545 | 90.83 | 93.17 |
| 302CZ109 | OMM PRAKASH BEHERA | 543 | 90.50 | 85.67 |
| 302CZ168 | SHIBANI PRIYADARSHANI DAS | 543 | 90.50 | 86.50 |
| 302CZ010 | PUJALIN DAS | 542 | 90.33 | 86.50 |
| 302CZ222 | BHABESH MISHRA | 542 | 90.33 | 81.07 |
| 302CZ077 | SASANKA SEKHAR SAHOO | 541 | 90.17 | 88.67 |
| 302CZ136 | ABINASH DAKUA | 541 | 90.17 | 85.33 |
| 302CZ026 | ABHINANDAB SAHOO | 538 | 89.60 | 80.00 |
| 302CZ149 | BISWAMITRA DASH | 537 | 89.50 | 85.83 |
| 302CZ315 | SOUMYA RN. DALAI | 539 | 89.83 | 72.50 |

**Admission Contact : 8260700307, 8260583744, 7609091223, 8895429620**

CAMPUS : TRISULIA, BELAGACHHIA, CUTTACK-45. H.O. : ARUNODOYA MARKET, LINK ROAD, CUTTACK-12




## ବଲିଉଡ୍ ଅଭିନେତା ମୁକୁଲ ଦେବଙ୍କ ପରଲୋକ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କ ଶନିବାର ସକାଳେ ପରଲୋକ ହୋଇଛି । ଗତ କିଛି ଦିନ ଧରି ସେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ଏଠାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା । ମୁକୁଲ ବହୁ ବର୍ଷ ଧରି ବଲିଉଡ୍ ଜଗତ ସହ କାର୍ଯ୍ୟ କରିଥିଲେ । ତାଙ୍କ ଦ୍ୱାରା ଅଭିନିତ 'ସନ ଅଫ୍ ସର୍ଦ୍ଦାର', ଯମଲା ପଗଲା ଦିୱାନା ଏବଂ ଜୟହୋ ଭଳି କିଛି ଫିଲ୍ମ ଦର୍ଶକ ମହଲରେ ବେଶ ଆଦୃତ ହୋଇଥିଲା । ତାଙ୍କର ମୃତ୍ୟୁ ଖବର ପାଇ ବଲିଉଡ୍ ଜଗତରେ ଶୋକ ଖେଳିଯାଇଛି । ବହୁ ନାମୀଦାମୀ ଅଭିନେତା ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୁକୁଲଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ମୁକୁଲ ୧୯୯୬ରେ ପ୍ରସାରିତ ଟେଲିଭିଜନ ଧାରାବାହିକ 'ମୁମକିନ୍' ରୁ ନିଜର କ୍ୟାରିୟର ଆରମ୍ଭ କରିବା ସହିତ ସେହିବର୍ଷ ' ଦସ୍ତକ' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ଏହା ପରେ ପରେ ସେ ବଲିଉଡ୍‌ରେ ପ୍ରବେଶ କରିବା ସହିତ ସଲମାନ ଖାନ ଏବଂ ଅଜୟ ଦେବଗନଙ୍କ ସହିତ ବହୁ ଫିଲ୍ମରେ କାର୍ଯ୍ୟ କରିଥିଲେ । ମୁକୁଲ ଦେବଙ୍କ ଜନ୍ମ ଜଳନ୍ଧର ନିକଟସ୍ଥ ଏକ ଗାଁରେ ପଞ୍ଜାବୀ ପରିବାରରେ ହୋଇଥିଲା । ତାଙ୍କ ବାପା ହରିଦେବ ପୁଲିସ ସହାୟକ କମିସନର ଭାବେ କାର୍ଯ୍ୟ କରିଥିଲା ବେଳେ ସେ ମୁକୁଲଙ୍କୁ ଆଫଗାନ ସଂସ୍କୃତି ସହିତ ପରିଚିତ କରାଇଥିଲେ। ହରିଦେବ ପାସ୍ତୋ ଏବଂ ପାର୍ସି ଭାଷା କହିପାରୁଥିଲେ । ମୁକୁଲ ୮ମ ଶ୍ରେଣୀରେ ପଢୁଥିଲା ବେଳେ ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କୁ ଅନୁକରଣ କରି ଦୂରଦର୍ଶନର ଏକ ଡ୍ୟାନ୍ସ ଶୋ'ରେ ପ୍ରଦର୍ଶନ କରିଥିଲେ। ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀର ନିଜାମୁଦ୍ଦିନସ୍ଥିତ ଦୟାନନ୍ଦ ମୁକ୍ତି ଧାମ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

### ଜାତିସଂଘରେ ପୁଣି ପାକିସ୍ତାନକୁ ଘେରିଲା ଭାରତ

## ପାକିସ୍ତାନକୁ ସିନ୍ଧୁ ଜଳ ବନ୍ଦ କରାଯିବା ଯଥାର୍ଥ

ୱାଶିଂଟନ୍,୨୪।୫(ଏଜେନ୍ସି): ପହଲଗାମ ଘଟଣା ପରେ ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଭାରତ ପାକିସ୍ତାନକୁ ବିଭିନ୍ନ ମଞ୍ଚରେ ଘେରିଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏବେ ବି ସ୍ଥିତି ସ୍ୱାଭାବିକ ହୋଇ ନଥିବା ବେଳେ ଶନିବାର ଭାରତ ଜାତିସଂଘରେ ପାକିସ୍ତାନର ପ୍ରକୃତ ଚେହେରାକୁ ଦର୍ଶାଇ ବର୍ଷିଛି। ଅପରେସନ ସିନ୍ଦୂର ପରେ ଏବେ ସିନ୍ଧୁ ନଦୀ ଜଳ ବନ୍ଦକୁ ନେଇ ପାକିସ୍ତାନ ବାରମ୍ବାର ଭାରତକୁ ଧମକ ଦେବାରେ ଲାଗିଛି। ଏହାଛଡ଼ା ବିଭିନ୍ନ ମଞ୍ଚରେ ପାକିସ୍ତାନ ସରକାର ଭାରତ ବିରୋଧରେ ମିଥ୍ୟାରୋପ କରି ଫେରାଦ ହୋଇଛନ୍ତି। କିନ୍ତୁ ପାକିସ୍ତାନର ଏହି ଆଭିମୁଖ୍ୟକୁ ଭାରତ ଶନିବାର ଜାତିସଂଘରେ ପାକିସ୍ତାନକୁ ଭର୍ତ୍ସନା କରିବା ସହିତ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ରୋକ୍ ଲଗାଇ ପାକିସ୍ତାନକୁ ପାଣି ବନ୍ଦ କରାଯିବା ଯଥାର୍ଥ ବୋଲି କହିଛି। ଭାରତ ଚୁକ୍ତିନାମା ଉଲ୍ଲଂଘନ ପାଇଁ ପାକିସ୍ତାନକୁ ଦାୟୀ କରିଛି । ପାକିସ୍ତାନ ଭାରତ ବିରୋଧରେ ବିଗତ ଦିନରେ ତିନି ତିନୋଟି ଯୁଦ୍ଧ କରିବା ସହିତ ଆତଙ୍କବାଦୀ ଆକ୍ରମଣ କରି ଚୁକ୍ତିନାମାର ଉଲ୍ଲଂଘନ କରିଛି। କିନ୍ତୁ ଅନ୍ୟପଟେ ଭାରତ ବିରୋଧରେ ମିଥ୍ୟାରୋପ କରିଚାଲିଛି। ତେବେ ଭାରତ ପାକିସ୍ତାନର ଏହି ସମସ୍ତ ମିଥ୍ୟା ଆରୋପକୁ ଦୃଢ ଭାବେ ପ୍ରତ୍ୟାଖ୍ୟାନ କରୁଛି ଏବଂ ଭାରତୀୟଙ୍କ ରକ୍ତ ବୁହାଇଥିବା ଶକ୍ତିକୁ ଆମେ ପାଣି ଦେଇପାରିବୁ ନାହିଁ ବୋଲି ଜାତିସଂଘରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ପି ହରିଶ କହିଛନ୍ତି। ସେ କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ପାକିସ୍ତାନ ବିଭିନ୍ନ ମହଲରେ ଭୁଲ ତଥ୍ୟ ପ୍ରସାର କରୁଛି। ଏଥିପାଇଁ ପାକିସ୍ତାନ ସରକାର ସୁଚିନ୍ତିତ ଅଭିଯାନ ଚଳାଇଛନ୍ତି। କିନ୍ତୁ ଭାରତ ଏହାକୁ ବିରୋଧ କରିବା ସହିତ ଏଥିପ୍ରତି ଜବାବ ଦେବାକୁ ବାଧ୍ୟ ହୋଇଛି। ଭାରତ ଏକ ଦାୟିତ୍ୱପୂର୍ଣ୍ଣ ଦେଶ ଭାବେ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଆଚରଣ ନିଭାଇ ଆସିଛି। ହରିଶ କହିଛନ୍ତି ଯେ, ଭାରତ ସଦଭାବନା ଏବଂ ବନ୍ଧୁତା ଆଧାରରେ ସିନ୍ଧୁ ଜଳ ଚୁକ୍ତିନାମାକୁ ଗ୍ରହଣ କରିଥିଲା। କିନ୍ତୁ ବିଗତ ୬୫ ବର୍ଷ ମଧ୍ୟରେ ପାକିସ୍ତାନ କେବେବି ବନ୍ଧୁତାର ଆଚରଣ ଦେଖାଇ ନାହିଁ। ଏହି ଦୀର୍ଘ କାଳ ମଧ୍ୟରେ ପାକିସ୍ତାନ ଭାରତ ଉପରେ ହଜାର ହଜାର ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ କରିଛି। ଗତ ୪୦ ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୨୦ ହଜାରରୁ ଅଧିକ ଭାରତୀୟ ପ୍ରାଣ ହରାଇଛନ୍ତି। ପହଲଗାମ ଏହାର ସଦ୍ୟତମ ପ୍ରମାଣ ବୋଲି ହରିଶ କହିଛନ୍ତି। ଭାରତ ପୂର୍ବରୁ ସବୁବେଳେ ସଂଯମତା ରକ୍ଷା କରିବା ସହିତ ଉଦାରତା ଦେଖାଇ ଆସିଥିଲା। କିନ୍ତୁ ଏବେ ଦେଶ ବଦଳି ଯାଇଛି। ନୂଆ ଭାରତ କୌଣସି ସ୍ତରରେ ଆତଙ୍କବାଦକୁ ବରଦାସ୍ତ କରିବ ନାହିଁ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିକୁ ଉଚିତ ଶିକ୍ଷା ଦେବ ବୋଲି ହରିଶ କହିଛନ୍ତି। ପାକିସ୍ତାନ କେବଳ ସୀମାରେ ଆତଙ୍କବାଦୀ ଆକ୍ରମଣ କରି ନାହିଁ ବରଂ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ଟାର୍ଗେଟ କରିଛି। ଯାହା ଶକ୍ତି ଉତ୍ପାଦନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗମ୍ଭୀର ପ୍ରଭାବ ପକାଇଛି ବୋଲି ସେ କହିଛନ୍ତି।




**ଆତଙ୍କବାଦୀ ଆକ୍ରମଣରେ ୨୦ହଜାରରୁ ଅଧିକ ଭାରତୀୟଙ୍କ ମୃତ୍ୟୁ ହୋଇଛି**

■ ଜଷ୍ଟିସ୍ ଅଭୟ ଓକାଙ୍କ ଅବସରକାଳୀନ ବାର୍ତ୍ତା

## ସୁପ୍ରିମକୋର୍ଟର ପ୍ରଧାନବିଚାରପତି କୈନ୍ଦ୍ରିକ ଛବି ବଦଳିବା ଦରକାର



ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅଭୟ ଓକା ଶୁକ୍ରବାର କାର୍ଯ୍ୟରୁ ଅବସର ନେଇଛନ୍ତି।ବିଦାୟକାଳୀନ ସଭାରେ ଯୋଗ ଦେଇ ଜଷ୍ଟିସ୍ ଓକା ସୁପ୍ରିମକୋର୍ଟର କାର୍ଯ୍ୟ ପରିଚାଳନା ଶୈଳୀ ଏବଂ ପ୍ରଧାନବିଚାରପତି କେନ୍ଦ୍ରିକ ଛବିକୁ ନେଇ ବଡ଼ ବାର୍ତ୍ତା ଦେଇଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ କେବଳ ପ୍ରଧାନବିଚାରପତି କେନ୍ଦ୍ରିକ ଛବି ସହ କାର୍ଯ୍ୟ କରିବା ଉଚିତ ନୁହେଁ। ବରଂ ସମାବେଶୀ ଏବଂ ଏକ ଗଠନମୂଳକ ଢଙ୍ଗରେ କାର୍ଯ୍ୟ କରିବା ଦରକାର। ହାଇକୋର୍ଟ ବିଭିନ୍ନ କମିଟି ଏବଂ ସ୍ଥାୟୀ ରୋଷ୍ଟର ମାଧ୍ୟମରେ କାର୍ଯ୍ୟ କରିଥିଲା ବେଳେ ସୁପ୍ରିମକୋର୍ଟ କେବଳ ପ୍ରଧାନବିଚାରପତିଙ୍କୁ କେନ୍ଦ୍ର କରି କାର୍ଯ୍ୟ କରୁଛି। ଏଭଳି ଶୈଳୀରେ ପରିବର୍ତ୍ତନ ହେବା ଦରକାର ବୋଲି ଜଷ୍ଟିସ୍ ଓକା କହିଛନ୍ତି। ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ଭାବେ ସୁପ୍ରିମକୋର୍ଟରେ ଦେଶର ବିଭିନ୍ନ ଭାଗରୁ ୩୪ ବିଚାରପତି ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ତେଣୁ କେବଳ ପ୍ରଧାନବିଚାରପତିଙ୍କୁ ମୁଖ୍ୟ କରି କାର୍ଯ୍ୟ କରାନଯାଇ ସମାବେଶୀ ତରିକାରେ କାର୍ଯ୍ୟ ହେବା ଦରକାର ବୋଲି ସେ କହିଛନ୍ତି।

### ଆତଙ୍କବାଦକୁ ନିନ୍ଦା; ଫତ୍‌ୱା ଜାରିକଲେ ମୁଖ୍ୟ ଇମାମ

## ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ ଦିଆଯିବନି କବର

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଆତଙ୍କବାଦକୁ ଦୃଢ ନିନ୍ଦା କରିବା ସହିତ ଆତଙ୍କବାଦୀଙ୍କ ପ୍ରତି ଫତୱା ଜାରି କରିଛନ୍ତି ଅଖିଳ ଭାରତ ଇମାମ୍ ସଂଗଠନର ମୁଖ୍ୟ ଇମାମ୍ ଡକ୍ଟର ଉମର ଅହମ୍ମଦ ଇଲିୟାସୀ। ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ କବର ଦିଆଯିବ ନାହିଁ ବୋଲି ଇଲିୟାସୀ କହିଛନ୍ତି। ଏହାବ୍ୟତୀତ ଇସଲାମିକ ପରମ୍ପରା ଅନୁସାରେ ଜଣଙ୍କ ଶେଷକୃତ୍ୟ ବେଳେ ନମାଜ ପାଠ କରାଯିବାର ବିଧାନ ରହିଥିଲା ବେଳେ କୌଣସି ଆତଙ୍କବାଦୀଙ୍କ ଶେଷକୃତ୍ୟରେ ଏହା କରାଯିବ ନାହିଁ ବୋଲି ସେ ଫତୱା ଜାରି କରି କହିଛନ୍ତି। ସେହିପରି ବହୁ ଆତଙ୍କବାଦୀ ସଂଗଠନ ସେମାନଙ୍କ ନାମରୁ ଇସଲାମ ଏବଂ ମହମ୍ମଦ ଭଳି ଶବ୍ଦ ହଟାନ୍ତୁ ବୋଲି ସେ କହିଛନ୍ତି।

ମଧ୍ୟପ୍ରଦେଶ ମନ୍ତ୍ରୀ ପ୍ରଧୁମନ ସିଂ ତୋମାରଙ୍କ ଝିଅ ବିବାହ ଉତ୍ସବରେ ଯୋଗ ଦେବା ଲାଗି ଇମାମ ଇଲିୟାସୀ ଶନିବାର ଗ୍ୱାଲିୟର ଯାଇଥିଲା ବେଳେ ସେଠାରେ ତାଙ୍କୁ ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଆତଙ୍କବାଦକୁ ନେଇ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ,ଇସଲାମକୁ ରକ୍ଷା କରିବା ଉଚିତ। ଇସଲାମ ସୁରକ୍ଷା ଏବଂ ଶାନ୍ତିର ଧର୍ମ। କିନ୍ତୁ ଇସଲାମ ଏବଂ ମହମ୍ମଦ ସାହେବଙ୍କ ନାମକୁ ଆମେ ଆତଙ୍କବାଦ ପାଇଁ ବ୍ୟବହାର କରିବାକୁ ଦେବୁ ନାହିଁ। ଏହି ସମୟରେ ସେ ଆତଙ୍କବାଦ ବିରୋଧରେ ଫତୱା ଜାରି କରିଥିଲେ। ଯାହା ଭାରତରେ ପ୍ରଥମ ଘଟଣା ଏବଂ ଏହା ବିଶ୍ୱସମାଜ ପାଇଁ ଏକ ବଡ଼ ବାର୍ତ୍ତା। ଅହମଦ ଇଲିୟାସୀ କହିଛନ୍ତି ଯେ, ପହଲଗାମରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ପଚାରି ଯେଭଳି ହତ୍ୟା କରାଯାଇଥିଲା ତାହା ମାନବତାର ହତ୍ୟା। ସେ କହିଥିଲେ ଯେ ଆତଙ୍କବାଦୀର କୌଣସି ଧର୍ମ ନାହିଁ । ଆତଙ୍କବାଦୀ ସୈତାନ, ସାମାନଙ୍କ ସହ ସୈତାନ ପରି ବ୍ୟବହାର କରାଯିବା ଉଚିତ । ସେଥିପାଇଁ ଆମେ ପହଲଗାମ ଆକ୍ରମଣ ଘଟଣାକୁ ବିରୋଧ କରି ଏହି ଫତୱା ଜାରି କରିଛୁ। ଅନ୍ୟପକ୍ଷରେ ବେଲୁଚିସ୍ତାନ ସ୍ଥିତିକୁ ନେଇ ପ୍ରଶ୍ନ କରାଯିବାରେ ସେ କହିଛନ୍ତି ଯେ ମୁସଲମାନ ସମ୍ପ୍ରଦାୟ ଭାରତର କୂଟନୀତି ଏବଂ ନୀତି ସହିତ ଅଛନ୍ତି। ବେଲୁଚିସ୍ତାନ ବହୁ ଦିନ ଧରି ସ୍ୱତନ୍ତ୍ରତା ପାଇଁ ଦାବି କରିଆସୁଛି। କିନ୍ତୁ ପାକିସ୍ତାନ ବେଲୁଚବାସୀଙ୍କ ପ୍ରତି ଅନ୍ୟାୟ କରିଚାଲିଛି। ହେଲେ ଏବେ ବେଲୁଚିସ୍ତାନ ସ୍ୱାଧୀନତା ପାଇବାର ସମୟ ଆସିଗଲାଣି। ସ୍ୱାଧୀନତା ସମସ୍ତଙ୍କର ଅଧିକାର, ବେଲୁଚିସ୍ତାନ ସ୍ୱାଧୀନ ହେବା ଉଚିତ ବୋଲି ଅହମଦ ଇଲିୟାସୀ କହିଥିଲେ। ସେହିପରି ୱାକଫ ଆଇନ ସମ୍ପର୍କରେ ନିଜ ମତ ରଖି ସେ କହିଛନ୍ତି ଯେ ଏହି ବିଷୟ ଏବେ ଅଦାଲତରେ ବିଚାରାଧୀନ ଅଛି। ତେବେ ଭାରତ ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ଆଇନ ଅନେକ ଦୃଷ୍ଟିରୁ ଭଲ ବୋଲି ସେ କହିଛନ୍ତି।



## ପୁଞ୍ଚରେ ଯୁଦ୍ଧ ପୀଡିତଙ୍କ ପରିବାରକୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଜମ୍ମୁ କଶ୍ମୀରର ପୁଞ୍ଚ ଇଲାକା ଗସ୍ତ କରି ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ସେନା ଗୁଳିମାଡ଼ରେ ମୃତାହତ ହୋଇଥିବା ଲୋକଙ୍କ ପରିବାରକୁ ଭେଟିଛନ୍ତି। ଅପରେସନ ସିନ୍ଦୂର ବେଳେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଭାରତୀୟ ସୀମା ପଟକୁ ଗୁଳିଗୋଳା ବର୍ଷଣ କରିଥିଲା। ଏଥିରେ ପଞ୍ଜାବ ସୀମା ସ୍ଥିତ ବହୁ ଗ୍ରାମ ଏବଂ ଜମ୍ମୁ କଶ୍ମୀରର ପୁଞ୍ଚ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଜଣେ ସ୍କୁଲ ପିଲା ସମେତ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ମୋର୍ଟାର ମାଡ଼ରେ ଅନେକ ଲୋକଙ୍କ ଘର ଭାରୀମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ରାହୁଲ ପୀଡ଼ିତଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ପରିସ୍ଥିତି ଶୀଘ୍ର ସ୍ୱାଭାବିକ ହେବ ବୋଲି କହିଛନ୍ତି। ଏହି ସମୟରେ ରାହୁଲ ଜମ୍ମୁ କଶ୍ମୀର ଉପମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକରେ ଯୋଗ ଦେବେ ବୋଲି କୁହାଯାଇଛି। ଏହାଛଡ଼ା ସେ ଗୁଳିମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ଅନୁଷ୍ଠାନ ପରିଦର୍ଶନ କରିବେ ବୋଲି କୁହାଯାଇଛି।



### ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି

୭ ବର୍ଷ ତଳର ଏକ ମାନହାନୀ ମାମଲାରେ ଝାଡ଼ଖଣ୍ଡର ଚାଇବାସା ଏମପି-ଏମଏଲଏ କୋର୍ଟ ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି। କୋର୍ଟ ରାହୁଲଙ୍କୁ ଜୁନ୍ ୨୬ରେ କୋର୍ଟରେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲଙ୍କ ଓକିଲ କୋର୍ଟରେ ଏକ ପିଟିସନ ଦାଏର କରିଥିଲେ ହେଁ କୋର୍ଟ ଏହାକୁ ଖାରଜ କରିବା ସହ ରାହୁଲଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲ ୨୦୧୮ ରେ ବିଜେପିର ତତ୍କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ପ୍ରତି ଆପତ୍ତିଜନକ ଟିପ୍ପଣୀଦେଇଥିଲେ। ଏହାକୁ ବିରୋଧ କରି ବିଜେପି ନେତା ପ୍ରତାପ କଟିଆର ରାହୁଲଙ୍କ ବିରୋଧରେ ଚାଇବାସା ସିଜେଏମ କୋର୍ଟରେ ମାନହାନୀ ମକଦ୍ଦମା ରୁଜୁ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲାକୁ ଏମପି-ଏମଏଲଏ କୋର୍ଟକୁ ହସ୍ତାନ୍ତର କରାଯାଇଥିଲା। ଏହି କୋର୍ଟ ରାହୁଲଙ୍କୁ ବହୁବାର ହଜାର ହେବା ଲାଗି ନୋଟିସ୍ କରିଥିଲେ ହେଁ ରାହୁଲ ହାଜର ହୋଇ ନଥିଲେ। ଏହାପରେ ସଂପୃକ୍ତ କୋର୍ଟ ରାହୁଲଙ୍କ ବିରୋଧରେ ଏହି ପଦକ୍ଷେପ ନେଇଛନ୍ତି।

■ ଟ୍ରମ୍ପଙ୍କ କଟକଣା ହଟାଇଲେ ଆମେରିକା ବିଚାରପତି

## ହାଭାର୍ଡକୁ ବିଦେଶୀ ଛାତ୍ରଛାତ୍ରୀଙ୍କ ନାମଲେଖା ଅନୁମତି

ବୋଷ୍ଟନ, ୨୪।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଲାଗିଛି। ହାଭାର୍ଡ ୟୁନିଭର୍ସିଟି ଉପରେ ଟ୍ରମ୍ପ ପ୍ରଶାସନ ଲଗାଇଥିବା କଟକଣାକୁ ବୋଷ୍ଟନର ଫେଡେରାଲ କୋର୍ଟ ହଟାଇ ଦେଇଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ନାମ ଲେଖା ପାଇଁ ଏହି ୟୁନିଭର୍ସିଟିକୁ କୋର୍ଟ ଅନୁମତି ଦେଇଛନ୍ତି। ଏବେ ଏହି ବିଶ୍ୱବିଦ୍ୟାଳୟରେ ୭୮୮ ଭାରତୀୟ ଛାତ୍ରଛାତ୍ରୀ ପଢୁଛନ୍ତି। ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଆବେଦନରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ବିରୋଧ କରାଯାଇଥିଲା। ଏହାକୁ ସମ୍ବିଧାନ ଏବଂ ଅନ୍ୟ ସଂଘୀୟ ଆଇନର ଘୋର ଉଲ୍ଲଙ୍ଘନ ବୋଲି କୁହାଯାଇଥିଲା। ତତ୍କାଳ ପ୍ରଭାବରେ ଏହି ବିନାଶକାରୀ ନିର୍ଦ୍ଦେଶକୁ ହଟାଇବାକୁ ନିବେଦନ କରାଯାଇଥିଲା।

## ଅଷ୍ଟ୍ରେଲିଆରେ ଜଳପ୍ରଳୟ; ୫୦ ହଜାର ଲୋକ ଜଳବନ୍ଦୀ




କାନବେରା,୨୪।୫(ଏଜେନ୍ସି): ୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୂର୍ବ ଅଷ୍ଟ୍ରେଲିଆରେ ଜଳପ୍ରଳୟ ସ୍ଥିତି ଉପୁଜିଛି। ପ୍ରବଳ ଏବଂ ଲଗାଣ ବର୍ଷା ଯୋଗୁଁ ଏଠାକାର ବହୁ ସହର ଜଳାର୍ଣ୍ଣବ ହେବା ସହିତ ହଜାର ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ଅନେକ ସହର ଏବଂ ଗ୍ରାମାଞ୍ଚଳର ରାସ୍ତାଘାଟ, ନଈ ନାଳ ଏକାକାର ହୋଇଯାଇଛି। ଘର ଭିତରେ ଏବଂ ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡିଥିବାରୁ ଲୋକମାନେ ଅନ୍ୟତ୍ର ଯିବା ଅସମ୍ଭବ ହୋଇପଡ଼ିଛି। ଗତକାଲି ବନ୍ୟା ପରିସ୍ଥିତି ଭୟଙ୍କର ହୋଇଥିବା ବେଳେ ଶନିବାର ପୁଣି ବର୍ଷା ହେବା ଯୋଗୁଁ ବହୁ ରାସ୍ତାଘାଟ ଧୋଇ ଯାଇଛି। ବହୁ ସହର ବାହ୍ୟ ଜଗତରୁ ବିଛିନ୍ନ ହୋଇପଡ଼ିଛି ଏବଂ ୫୦ ହଜାରରୁ ଅଧିକ ଲୋକ ଜଳବନ୍ଦୀ ହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ହୋଇଥିବା ସହିତ କେତେକ ସ୍ଥାନରେ ଆଉ କିଛି ଲୋକ ନିଖୋଜ ରହିଥିବା କୁହାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ମୁକାବିଲା ପାଇଁ ୨୦୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

## ବଲୁଚ୍ ସାମ୍ବାଦିକଙ୍କ ହତ୍ୟାର ପ୍ରତିଶୋଧ ନେଲା ବିଏଲ୍ଏ

କ୍ୱେଟା,୨୪।୫(ଏଜେନ୍ସି): ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଶନିବାର ପୁଣି ଥରେ ପାକିସ୍ତାନ ସେନା ଉପରେ ଜୋରଦାର ଆକ୍ରମଣ କରିଛି। ବେଲୁଚିସ୍ତାନର ମାଙ୍ଗୋଚର ସହରରେ ପାକିସ୍ତାନୀ ସେନାର ଏକ କନଭୟ ଉପରେ ବିଏଲଏ କରିଥିବା ଆକ୍ରମଣରେ ବହୁ ସଂଖ୍ୟକ ପାକ୍ ଯବାନଙ୍କ ମୃତ୍ୟୁ ହୋଇଥିବାର ଖବର ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁସାରେ ବିଏଲଏ ପାକିସ୍ତାନ ସେନାକୁ ଟାର୍ଗେଟ କରି ଦୁଇଟି ସ୍ଥାନରେ ଆକ୍ରମଣ କରିଥିଲା। ପାକ୍ ସେନା କନଭଏର ଅନେକ ଗାଡ଼ି ଉପରେ ବୋମା ମାଡ଼ କରାଯାଇଥିଲା। ଏହି ଆକ୍ରମଣ ପାଇଁ ବିଏଲଏ ନିଜକୁ ଦାୟୀ କରିଥିଲା ବେଳେ ବରିଷ୍ଠ ବେଲୁଚ ସାମ୍ବାଦିକ ଲତିଫ୍ ବାଲୁଚଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନିଆଯାଇଛି ବୋଲି କୁହାଯାଇଛି। ବହୁ ବେଲୁଚ ନେତା ପାକିସ୍ତାନ ସେନା ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ଲତିଫ୍ ବଲୋଚଙ୍କୁ ସେନା ହତ୍ୟା କରିଛି ବୋଲି କହିଛନ୍ତି।

### ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ

## କିଭ୍ ସମେତ ବହୁ ସହର ଉପରକୁ ଘନଘନ କ୍ଷେପଣାସ୍ତ୍ର ମାଡ଼



କିଭ୍ ,୨୪।୫(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଥିବା ସତ୍ତ୍ୱେ ରୁଷ ଏବଂ ୟୁକ୍ରେନ ଆକ୍ରମଣ ପ୍ରତି ଆକ୍ରମଣ କରିବାରୁ ବର୍ତ୍ତି ନାହାନ୍ତି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିଲା ବେଳେ ଶନିବାର ପ୍ରତ୍ୟୁଷରେ ରୁଷିଆ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ଏହାର ଆଖପାଖ ବିଭିନ୍ନ ସହର ଉପରେ ରୁଷ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ନେଇ ବିଭିନ୍ନ ସହର ବିସ୍ଫୋରଣ ଶବ୍ଦରେ ଥରି ଉଠିଥିଲା ବେଳେ ଜୀବନ ବଞ୍ଚାଇବା ପାଇଁ ଲୋକମାନେ ଭୂତଳ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଛନ୍ତି।ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବନ୍ଦୀ ବିନିମୟ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ପରେ ରୁଷ ସେନା ୟୁକ୍ରେନ ଉପରେ ଏଭଳି ଆକ୍ରମଣ କରିଥିବା ୟୁକ୍ରେନ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଗତ ସପ୍ତାହରେ ଇସ୍ତାନବୁଲରେ ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁସାରେ ପ୍ରଥମ ପର୍ଯ୍ୟାୟର ଅଂଶ ସ୍ୱରୂପ ଶତାଧିକ ସୈନିକ ଏବଂ ନାଗରିକଙ୍କୁ ମୁକ୍ତ କରାଯାଇଥିଲା। କିନ୍ତୁ ଏହାସତ୍ତ୍ୱେ ରୁଷ ଶନିବାର ଜୋରଦାର ଆକ୍ରମଣ କରିଛି ବୋଲି କିଭ୍ ସାମରିକ ପ୍ରଶାସନର କାର୍ଯ୍ୟକାରୀ ମୁଖ୍ୟ ତୈମୁର ତକାଚେଙ୍କୋ ସୋସିଆଲ ମିଡିଆରେ କହିଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଭ୍‌ର ସୋଲୋମିୟାନ୍‌ସ୍କି ଜିଲ୍ଲାରେ ଦୁଇଟି ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ବହୁ ଆପାର୍ଟମେଣ୍ଟ ଏବଂ ବହୁତଳ ପ୍ରାସାଦ କ୍ଷତିଗ୍ରସ୍ତ ହୋଇଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ୧,୦୦୦ ଯୁଦ୍ଧ ବନ୍ଦୀଙ୍କୁ ଶୁକ୍ରବାର ମୁକ୍ତ କରିବାକୁ ସ୍ଥିର ହୋଇଥିଲା। ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୩୯୦ ୟୁକ୍ରେନୀୟ ନାଗରିକ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ରାଷ୍ଟ୍ରପତି ଜେଲେଁସ୍କି କହିଛନ୍ତି।

## କେରଳ ଉପକୂଳରେ ବୁଡ଼ିଗଲା ବିଦେଶୀ ଜାହାଜ

କୋଚି,୨୪।୫(ଏଜେନ୍ସି) : ଆରବ ସାଗରର କେରଳର କୋଚି ନିକଟସ୍ଥ ସମୁଦ୍ରରେ ଏକ ବିଦେଶୀ ମାଲବାହୀ ଜାହାଜ ଶନିବାର ବୁଡ଼ିଯାଇଛି। ଜାହାଜ ବୁଡ଼ିଯିବାର ପ୍ରକୃତ କାରଣ ତାହା ସ୍ପଷ୍ଟ ହୋଇ ନଥିଲା ବେଳେ ଖରାପ ପାଗ କାରଣ ହୋଇପାରେ ବୋଲି ଆକଳନ କରାଯାଇଛି। ଲାଇବେରିଆ ପତାକା ସଙ୍କେତ ରହିଥିବା ଏହି ଜାହାଜରେ ମୋଟ ୨୪ ଜଣ କର୍ମଚାରୀ ରହିଥିବା କୁହାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଭାରତୀୟ କୋଷ୍ଟ ଗାର୍ଡ ୯ ଜଣଙ୍କୁ ଉଦ୍ଧାର କରିଛି। ବାକି ୧୫ ଜଣଙ୍କୁ ଖୋଜିବାକୁ ଅଭିଯାନ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ ୧୮୪ ମିଟର ଲମ୍ବ ବିଶିଷ୍ଟ ଲାଇବେରିଆନ ପତାକାଯୁକ୍ତ ଜାହାଜ ଏମଏସସି ଏଲସା ୩ ଗତକାଲି ମାଲ ନେଇ ୨୩ ତାରିଖରେ ଭିଳିନଜାମ ବନ୍ଦରରୁ ବାହାରିଥିଲା ଏବଂ ଶନିବାର କୋଚି ବନ୍ଦରରେ ପହଞ୍ଚିବାର ଥିଲା। କିନ୍ତୁ କୋଚି ବନ୍ଦରରେ ପହଞ୍ଚିବାର ମାତ୍ର ୩୦ ମିନିଟ୍ ପୂର୍ବରୁ ଏବଂ ୩୦ ନଟିକାଲ ମାଇଲ ଦୂରରୁ ଏହା ସମୁଦ୍ରରେ ବୁଡ଼ି ଯାଇଥିଲା। ଖବର ପାଇବା ପରେ କେରଳ ବିପର୍ଯ୍ୟୟ ପରିଚାଳନା ବୋର୍ଡ ପକ୍ଷରୁ ସତର୍କତା ଜାରି କରାଯାଇଥିଲା ଏବଂ ପରେ ପରେ କୋଷ୍ଟ ଗାର୍ଡ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।




ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ 'ନିତି ଆୟୋଗ' ପ୍ରଶାସନିକ ପରିଷଦର ୧୦ମ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-326 ♦BHUBANESWAR ♦SUNDAY ♦25 MAY 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୨୬ ♦ଭୁବନେଶ୍ୱର ♦ରବିବାର ♦୨୫ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ପିଏଫ୍ ଉପରେ ୮.୨୫ ପ୍ରତିଶତ ସୁଧ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ପିଏଫ୍ ସୁଧହାରକୁ ଅପରିବର୍ତ୍ତିତ ରଖାଯାଇଛି। ୨୦୨୩-୨୪ ପରି ୨୦୨୪-୨୫ ପାଇଁ ପିଏଫ୍ ଆକାଉଣ୍ଟର ଜମା ରାଶି ଉପରେ ୮.୨୫ ପ୍ରତିଶତ ସୁଧ ମିଳିବ। ଏ ନେଇ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) କରିଥିବା ସୁପାରିସକୁ ଅର୍ଥ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛି। ଏବେ ଦେଶର ୭ କୋଟିରୁ ଅଧିକ କର୍ମଚାରୀଙ୍କ ପିଏଫ୍ ଆକାଉଣ୍ଟକୁ ସିଧାସଳଖ ସୁଧ ବାବଦ ଅର୍ଥ ଟ୍ରାନ୍ସଫର କରିଦିଆଯିବ। ଏହା ପୂର୍ବରୁ ଫେବୃଆରୀ ୨୮ରେ ବସିଥିବା ଇପିଏଫଓର ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ବୈଠକରେ ୮.୨୫ ପ୍ରତିଶତର ସୁଧହାରକୁ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଏହାକୁ ଅର୍ଥ ମନ୍ତ୍ରାଳୟର ମଞ୍ଜୁରୀ ପାଇଁ ପଠା ଯାଇଥିଲା। ୮. ୨୫ ପ୍ରତିଶତ ହିସାବରେ ଯଦି ଇପିଏଫ ଆକାଉଣ୍ଟରେ ଲକ୍ଷେ ଟଙ୍କା ଜମାଥିବ ତେବେ ଏହା ଉପରେ ବର୍ଷକୁ ୮, ୨୫୦ ଟଙ୍କା ସୁଧ ମିଳିବ। ସେହିପରି ଆକାଉଣ୍ଟରେ ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ଜମା ଥିଲେ ୪୧, ୨୫୦ ଟଙ୍କା ସୁଧ ମିଳିବ।

## ମୌସୁମୀର କ୍ଷିପ୍ର ଗତି
# ସଅଳ ଛୁଇଁଲା କେରଳ

### ୨୦୦୯ ପରେ ପୁଣି ମେ'ରେ ପ୍ରବେଶ
### ଜୁନ୍ ପ୍ରଥମ ସପ୍ତାହରେ ଓଡ଼ିଶା ଛୁଇଁବ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଚଳିତ ବର୍ଷ ଧାର୍ଯ୍ୟ ସମୟ ପୂର୍ବରୁ ମୌସୁମୀର ଆଗମନ ହୋଇଛି। ପାଣିପାଗ ବିଭାଗ ଆକଳନ ଅବଧିର ଆଠଦିନ ପୂର୍ବରୁ ଶନିବାର ମୌସୁମୀ କେରଳ ଉପକୂଳ ଛୁଇଁଛି। ବିଗତ ୧୬ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା। ଏଥର ଜୁନ୍ ପହିଲାରେ ମୌସୁମୀ କେରଳ ଛୁଇଁବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା।

କେରଳରେ ମୌସୁମୀ ଜନିତ ପ୍ରବଳ ବର୍ଷା ଆରମ୍ଭ ହୋଇଥିବା ବେଳେ ଓଡ଼ିଶାକୁ ମଧ୍ୟ ମୌସୁମୀ ବାୟୁ ସଅଳ ଆସିବା ନେଇ ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ସାଧାରଣତଃ କେରଳରେ ମୌସୁମୀ ବାୟୁ ଛୁଇଁବାର ୧୦ ଦିନ ପରେ ଏହା ଓଡ଼ିଶାକୁ ପ୍ରବେଶ କରିଥାଏ। ଅତଏବ ମେ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଅଧିକ ସମ୍ଭାବନା ରହିଥିବା କୁହାଯାଉଛି। ▸ପୃଷ୍ଠା-୭

## ଗିଲ୍‌ଙ୍କୁ ଭାରତର ଟେଷ୍ଟ ନେତୃତ୍ୱ



ଶୁବମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଖେଳାଯିବାକୁ ଥିବା ୫-ଟେଷ୍ଟ ସିରିଜ୍ ପାଇଁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଶୁଭମନ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।

### ଲମତାପୁଟରେ ବାଦଲଫଟା ବର୍ଷା
## ଧୋଇଗଲା ହାଟ



■ **କୋରାପୁଟ/ଲମତାପୁଟ, ୨୪।୫ (ସମିସ):** କୋରାପୁଟ ଜିଲ୍ଲା ଲମତାପୁଟରେ ଆଜି ବାଦଲଫଟା ବର୍ଷା ହୋଇଛି। କାଳବୈଶାଖୀ ପ୍ରଭାବରେ ଅଚାନକ ପବନ ସହ ବର୍ଷା ହେବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୟପୁର-ବିଶାଖାପାଟଣା ରାଜପଥ ଜଳମଗ୍ନ ହେବାରୁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ସୂଚନା ଅନୁଯାୟୀ, କାଳବୈଶାଖୀ ବର୍ଷାର ପ୍ରଭାବ ଲମତାପୁଟ ବ୍ଲକ ମହକୁମାରେ ଦେଖିବାକୁ ମିଳିଛି। ଆଜି ଲାମତାପୁଟ ସାପ୍ତାହିକ ହାଟ ଥିବାବେଳେ ଅଚାନକ ▸ପୃଷ୍ଠା-୭






### 'ନିତି ଆୟୋଗ' ବୈଠକରେ ସବୁ ରାଜ୍ୟଙ୍କୁ ମୋଦୀଙ୍କ ଆହ୍ୱାନ
## 'ଟିମ୍ ଇଣ୍ଡିଆ' ହୋଇ କାର୍ଯ୍ୟ କରିବାକୁ ପଡ଼ିବ



■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ବିକଶିତ ଭାରତ ସବୁ ଭାରତୀୟଙ୍କ ଲକ୍ଷ୍ୟ। ରାଜ୍ୟ ବିକଶିତ ହେଲେ ଭାରତ ସାମଗ୍ରିକ ସ୍ତରରେ ବିକଶିତ ହେବ। ଏହାକୁ ହାସଲ କରିବାକୁ ହେଲେ ଆମକୁ 'ଟିମ୍ ଇଣ୍ଡିଆ' ଭଳି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ 'ନିତି ଆୟୋଗ'ର ୧୦ମ ପ୍ରଶାସନିକ ପରିଷଦ ବୈଠକରେ ଆହ୍ୱାନ ▸ପୃଷ୍ଠା-୭


**'କେନ୍ଦ୍ର-ରାଜ୍ୟ ମିଳିତ ଭାବେ କାର୍ଯ୍ୟ କଲେ କିଛି ଅସମ୍ଭବ ହେବନି'**

**'ବିକଶିତ ଓଡ଼ିଶା' ଗଠନ ପାଇଁ ସହଯୋଗ ଲୋଡ଼ିଲେ ମୋହନ**

### ପୂର୍ବ ଶତ୍ରୁତାରୁ ଗଡ଼ିଲା ମୁଣ୍ଡ
## ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣିଲେ



■ **ରେଢ଼ାଖୋଲ, ୨୪।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବୁର୍ଡା ପଞ୍ଚାୟତର ବଡ଼ମାଳ ଗ୍ରାମରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ପ୍ରଫୁଲ୍ଲ ନାଏକ। ପ୍ରଫୁଲ୍ଲ ନିଜ ଚାଷ ଜମିରେ କାମ ▸ପୃଷ୍ଠା-୭

## ବୌଦ୍ଧରୁ ପୁରୀ ଗଲା ୭୦ଖଣ୍ଡ ରଥ କାଠ



**ବୌଦ୍ଧ, ୨୪।୫(ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଶନିବାର ବୌଦ୍ଧ ବନଖଣ୍ଡର ମାଧପୁର ରେଞ୍ଜରୁ ୭୦ ଖଣ୍ଡ ଅସନ କାଠ ପୁରୀ ରଥଖଳାକୁ ପଠାଯାଇଛି। ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧରୁ ପୁରୀକୁ ରଥ କାଠ ପଠାଯାଇଥିବା ମାଧପୁର ରେଞ୍ଜ ଅଫିସର ଆଶିକ କୁମାର ଦିଗାଲ ସୂଚନା ଦେଇଛନ୍ତି। ସଙ୍କିର୍ତ୍ତନ ମଣ୍ଡଳୀ ସହିତ ରଥକାଠ ବୋଝେଇ ଦୁଇଟି ଗାଡ଼ିକୁ ମାଧପୁର ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କଳସ ବସାଯାଇ ସ୍ୱାଗତ କରାଯାଇଥିଲା। ଘଣ୍ଟ ବାଦ୍ୟ, ହରିବୋଲି ଓ ହୁଳହୁଳି ଦେଇ ମହାପ୍ରଭୁଙ୍କ କାଠକୁ ପୁରୀ ଅଭିମୁଖେ ପାଛୋଟି ନିଆଯାଇଥିଲା।

## ମନ୍ଦିର ଆଗରେ ନର୍ଦ୍ଦମା କାଦୁଅ

**ଭବାନୀପାଟଣା, ୨୪।୫ (ସମିସ):** ଭବାନୀପାଟଣା ପୌର କର୍ମଚାରୀ ଟ୍ରାକ୍ଟରରେ ମଇଳା ନେଲା ବେଳେ ପୁରୁଣାପଡ଼ା ଗାୟତ୍ରୀ ମନ୍ଦିର ପାଖରେ ଓଲଟି ପଡ଼ିଗଲା। ଓଲଟି ଯିବାରୁ ଟ୍ରାକ୍ଟରରେ ଥିବା କୁଢ କୁଢ କାଦୁଅ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାରେ ପଡ଼ି ରହିଛି। ଫଳରେ ମନ୍ଦିରକୁ ଯାଉଥିବା ଭକ୍ତ ଏବଂ ରାସ୍ତାରେ ଯାଉଥିବା ଲୋକଙ୍କ ଦେହରେ କାଦୁଅ ଛିଟିକି ପଡୁଛି। ପୌର ବିଭାଗର ନଗରପାଳ, ନିର୍ବାହୀ ଅଧିକାରୀ, ୧୪ ଓ ୧୫ ନମ୍ବର ୱାର୍ଡର କାଉନସିଲର ଦୃଷ୍ଟି ଦେଇ ଜରୁରୀକାଳୀନ ଭାବେ ସଫେଇ କରିବାର ବ୍ୟବସ୍ଥା କରିବାକୁ ପୁରୁଣାପଡ଼ାବାସୀ ଦାବି କରୁଛନ୍ତି।



## ଡାକ ସହାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


କେସିଙ୍ଗା, ୨୪।୫(ସମିସ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୋଷ୍ଟ ଅଫିସରେ କାର୍ଯ୍ୟରତ ଡାକ ସହାୟକ ବିଭୂତି ଭୂଷଣ ନାଏକଙ୍କୁ କେସିଙ୍ଗା ପୋଷ୍ଟ ଅଫିସ ପକ୍ଷରୁ ଶନିବାର ଦିନ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରକାଶ ଥାଉକି ଶ୍ରୀ ନାଏକ ୨୦୨୨ ମସିହାରେ କେସିଙ୍ଗା ପୋଷ୍ଟ ଅଫିସ ଯୋଗଦାନ କରି ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ଶ୍ରୀ ନାଏକ ପୋଷ୍ଟ ଅଫିସରେ ଅଲରାଉଣ୍ଡର ଭାବରେ ସମସ୍ତ କାର୍ଯ୍ୟକୁ ଅତି ସୁନ୍ଦର ଭାବରେ କରିପାରୁଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କେସିଙ୍ଗା ପୋଷ୍ଟ ମାଷ୍ଟର ଝସକେତନ ତ୍ରିପାଠୀଙ୍କ ସମେତ ଡାକ ସହାୟକ ସୁନୀଲ ରଣା, ରାଜେନ୍ଦ୍ର ନାରାୟଣ ସାହୁ, ଦେବରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



## କାର୍ଯ୍ୟକ୍ଷମ ହେଉନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

# ସାପ୍ତାହିକ ବଜାରରେ ପାଣି ପାଇଁ ଲୋକ ହନ୍ତସନ୍ତ

**ସୁବଳୟା, ୨୪।୫(ସମିସ):**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣି ପଞ୍ଚାୟତର କର୍ଡାପାଲ ସ୍ଥିତ ସାପ୍ତାହିକ ବଜାରରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣର ୨ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ପ୍ରତି ଗୁରୁବାର ବସୁଥିବା କର୍ଡାପାଲ ସାପ୍ତାହିକ ବଜାର ଉପରେ ମୁର୍ଷୁଣି, ଲୁତୁରପଙ୍କ, କେନଝିରିଆପାଲି, ବହଲପଦର, ଦୁର୍ଜନତୈଲା ଆଦି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଏହାବ୍ୟତିତ ଦୂର ଦୁରାନ୍ତରୁ ମଧ୍ୟ ଅନେକ ଲୋକେ କିଣାବିକା କରିବା ପାଇଁ ଆସିଥାନ୍ତି। ଏଠାରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିବା ବେଳେ ଉକ୍ତ ପାଣି ପିଇ ଏହି ଅଞ୍ଚଳର ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏଠାକୁ ଆସୁଥିବା ଲୋକଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ଲକ୍ଷ୍ୟ ନେଇ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ମାତ୍ର ଏହା ନିର୍ମାଣ ହୋଇ ଦୁଇ ବର୍ଷ ବିତିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଉକ୍ତ ପ୍ରକଳ୍ପକୁ ଏଯାଏ ବିଦ୍ୟୁତ ସଂଯୋଗ ହୋଇପାରି ନଥିବା ଏହା କାର୍ଯ୍ୟକ୍ଷମ ହୋଇପାରୁ ନଥିବା ଜଣାପଡ଼ିଛି। ବଜାରକୁ ଆସୁଥିବା ଲୋକଙ୍କ ପାନୀୟ ଜଳ ସୁବିଧା ପାଇଁ ଏହି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼ଙ୍କୁ ପଚାରିବାରୁ, ଉକ୍ତ ପ୍ରକଳ୍ପ ଆମ ବିଭାଗକୁ ଏଯାଏ ହସ୍ତାନ୍ତର ହୋଇ ନଥିବା କହିଛନ୍ତି।

## ଗଞ୍ଜେଇ ଜବତ ମାମଲାର ୩ କୋର୍ଟ ଚାଲାଣ



ବୌଦ୍ଧ, ୨୪।୫(ସମିସ):ବୌଦ୍ଧ ପୁଲିସ ଦ୍ୱାରା ଟୁଟୁସିଙ୍ଗା ଗ୍ରାମରାସ୍ତାରୁ କାର୍ ସହ ୭ କେଜି ଗଞ୍ଜେଇ ଜବତ୍ ମାମଲାର ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ଟୁଟୁସିଙ୍ଗା ଗ୍ରାମରାସ୍ତାରୁ ମହାନଦୀ ବ୍ରିଜ ଆଡକୁ ଆସୁଥିବା ଏକ କାର୍‌କୁ ଅଟକାଇ ବୌଦ୍ଧ ପୁଲିସ ଯାଞ୍ଚ କରିଥିଲା। କାର୍ ଭିତରେ ଥିବା ଏକ ଜରି ବସ୍ତାରେ ଗଞ୍ଜେଇ ବାହାରି ଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୭ କେଜି ଗଞ୍ଜେଇ ହୋଇଥିଲା। କାର୍‌ରେ ଥିବା ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଲହୁଣୀପଡ଼ା ଗ୍ରାମର ସୁମିତ କୁମାର ରାଏ, ଶରଧାପୁର ଗ୍ରାମର ସୁଧୀର କୁମାର୍ ମହନ୍ତ ଓ ଗୁଡିଆଲି ଗ୍ରାମର ଗଙ୍ଗାଧର ମହନ୍ତଙ୍କୁ ଗିରଫ କରି ତାଙ୍କ ଠାରୁ ୩ଟି ମୋବାଇଲ ଜବତ ମଧ୍ୟ କରା ଯାଇଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ମାମଲା ରୁଜୁ କରି ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ● ଦାଦନ ସର୍ଦ୍ଦାର ପାଖରେ ନାବାଳିକା ବନ୍ଧା ପଡ଼ିବା ଘଟଣା

## ଥାନାରେ ନାବାଳିକା ଓ ଅଭିଯୁକ୍ତକୁ ରଖି ତଦନ୍ତ

**କଲମପୁର, ୨୪।୫(ସମିସ):** କଲମପୁର ଥାନା ମିନଗୁରମଣ୍ଡିପଡ଼ାର ବଟକୃଷ୍ଣ ଗୋପାଳଙ୍କ ନାବାଳିକା ଝିଅ ଦାଦନ ସର୍ଦ୍ଦାର ନିକଟରେ ବନ୍ଧା ପଡ଼ିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ଦୀର୍ଘ ପାଞ୍ଚ ମାସ ପରେ ନାବାଳିକାକୁ ଉଦ୍ଧାର କରିବାରେ ପୁଲିସ ସଫଳ ହୋଇଛି। ରାଜ୍ୟ ବାହାରକୁ ଯାଇ ସ୍ଥାନୀୟ ପୁଲିସ ଓ ଶିଶୁ ସୁରକ୍ଷା ବିଭାଗ ମିଳିତ ଭାବେ ଚଢ଼ଉ କରି ଝିଅକୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ ବଟକୃଷ୍ଣ ଗୋପାଳ ଓ ତାଙ୍କ ସ୍ତ୍ରୀ ସମେତ ଦୁଇ ଝିଅକୁ ଧରି ତାମିଲନାଡୁର ରାମ ଗୁଣ୍ଡାକୁ ଜଣେ ଦାଦନ ଚାଲାଣକାରୀଙ୍କ ଦ୍ୱାରା କାମ ଅନ୍ୱେଷଣରେ ଯାଇଥିଲେ। ସେଠାରେ ଏମାନଙ୍କୁ ନେଇଥିବା ଚାଲାଣକାରୀ ଅନ୍ୟ ଏକ ଲୋକଙ୍କୁ ଏମାନଙ୍କୁ ସମର୍ପି ଦେଇଥିଲା। ସେହି ଦାଦନ ସର୍ଦ୍ଦାର ଏମାନଙ୍କୁ ଏକଘରେ ରଖି ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲା। ଖାଦ୍ୟପେୟର ଅଭାବ ଅନାଟନ କରିବାରୁ ଏମାନେ ଫେରି ଆସିବାକୁ ଚେଷ୍ଟା କରୁଥିବା ବେଳେ ଦାଦନ ସର୍ଦ୍ଦାର ତାଙ୍କ ନାବାଳିକା ଝିଅକୁ ଉଠାଇ ନେଇ ଚାଲିଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ପରେ ଝିଅକୁ ଉଦ୍ଧାର କରିବାରେ ପୁଲିସ ସଫଳ ହୋଇଛି। କଲମପୁର ଥାନାରେ ଉଭୟ ଅଭିଯୁକ୍ତ ଓ ନାବାଳିକାଙ୍କୁ ଅଟକ ରଖି ପୁଲିସ ତଦନ୍ତ ଜାରି ରଖିଛି। ଏନେଇ କଲମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ ସୂଚନା ଦେଇଥିବା ବେଳେ ନାବାଳିକା ପରିବାର ଲୋକେ ମଧ୍ୟ ଥାନାରେ ଉପସ୍ଥିତ ଥିଲେ। ଏନେଇ 'ସକାଳ'ରେ ଗତ ଫେବୃଆରୀ ୨୩ତାରିଖ ଦିନ ଖବର ପ୍ରକାଶ ପାଇଥିଲା।

## ଆହାରକେନ୍ଦ୍ର କାର୍ଯ୍ୟକ୍ଷମ ନେଇ ଅନିଶ୍ଚୟତା

ଶଗଡ଼ା, ୨୪।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମିତ ଆହାରକେନ୍ଦ୍ର ଏକ ବର୍ଷରୁ ଅଧିକ ସମୟ ହେବ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ଜିଲ୍ଲାର ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଡାକ୍ତରଖାନା ଉପରେ ୨୦ହଜାରରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ପଡୋଶୀ କନ୍ଧମାଳ ଓ ସୁବର୍ଣ୍ଣପୁର ଜିଲ୍ଲାର ରୋଗୀମାନେ ମଧ୍ୟ ଡାକ୍ତରଖାନାରେ ପ୍ରତିଦିନ ଚିକିତ୍ସା ହେଉଛନ୍ତି। ପ୍ରତି ଦିନ ଶହ ଶହ ରୋଗୀ ଚିକିତ୍ସା ହେଉଥିବା ବେଳେ ୪୦ରୁ ଅଧିକ ରୋଗୀ ଭର୍ତ୍ତି ମଧ୍ୟ ହେଉଛନ୍ତି। ଦୂରରୁ ଆସିଥିବା ରୋଗୀମାନେ ରନ୍ଧା ଖାଦ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନାରୁ ୫ଶହ ମିଟର ଦୂରକୁ ଯାଇ ରନ୍ଧାଖାଦ୍ୟ କିଣି ଖାଉଛନ୍ତି ଓ ଅଧିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଦାବୀ ଅନୁସାରେ ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର ନିର୍ମାଣ କରାଯାଇଛି ଓ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଉଦ୍‌ଘାଟନ ମଧ୍ୟ ସରିଛି। ହେଲେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ନାହିଁ। ତେଣୁ କରି ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଆହାର କେନ୍ଦ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ଜିଲ୍ଲାପାଳଙ୍କ କୃଷି ସମ୍ବନ୍ଧୀୟ ସମୀକ୍ଷା ବୈଠକ

ନୂଆପଡ଼ା, ୨୪।୫(ସମିସ): କୃଷି ସମ୍ବନ୍ଧୀୟ ସମୀକ୍ଷା ବୈଠକ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରାଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ନୂଆପଡ଼ାକୁ କୃଷି ପ୍ରଧାନ ଜିଲ୍ଲାରୁ କୃଷି ଉଦ୍ୟୋଗୀ ଜିଲ୍ଲାରେ ରୂପାନ୍ତରିତ କରିବା ପାଇଁ ବିଭାଗ ପଦକ୍ଷେପ ନେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୃଷକମାନଙ୍କ ଉନ୍ନତି ପାଇଁ ଯେଉଁସବୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି ତାହା ଜିଲ୍ଲାରେ ସଠିକ ଭାବରେ ରୁପାୟନ କରାଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦେଲେ ଚାଷୀମାନେ ଲାଭବାନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ କାମ ଯୋଗାଇ ପାରିବେ, ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ବିଲୋପ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। କୃଷି ବିଭାଗ ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଓ ସଫଳତାର କାହାଣୀ ପାୱାର୍ ପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ।



### ସଫେଇ ଆଳରେ ହାତ ସଫେଇ

# ନେଇଗଲେ ଲକ୍ଷାଧିକ ଟଙ୍କାର ସୁନା ଗହଣା

**ରାଉରକେଲା, ୨୪।୫(ସମିସ)**

ସ୍ମାର୍ଟ ସିଟି ରାଉରକେଲାରେ ପୁଣି ସଫେଇ ଆଳରେ ହାତ ସଫେଇ କରି ଲକ୍ଷାଧିକ ଟଙ୍କା ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପୂର୍ବରୁ ପତଞ୍ଜଳି କମ୍ପାନୀର କର୍ମଚାରୀ ପରିଚୟ ଦେଇ ସୁନା ଅଳଙ୍କାର ଲୁଟ୍ କରୁଥିବାବେଳେ ଏବେ ଉଜାଲା କମ୍ପାନୀର କର୍ମଚାରୀ ପରିଚୟ ଦେଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ କରିଥିବା ନେଇ ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଛେଣ୍ଡ ଏଲ୍‌ସିଆର/୧୬୫ ଘରେ ବାସ କରୁଥିବା ରାଜେନ୍ଦ୍ର ରଥ ଶୁକ୍ରବାର କାମକୁ ଯାଇଥିବା ବେଳେ ଘରେ ସ୍ତ୍ରୀ ଏକୁଟିଆ ଥିଲେ। ହଠାତ୍ ଦୁଇ ଜଣ ଦୁର୍ବୃତ୍ତ ଆସି କବାଟ ବାଡ଼େଇ ନିଜକୁ ଉଜାଲା କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। କମ୍ପାନୀ ପକ୍ଷରୁ ସୁନା ଅଳଙ୍କାର, ପିତ୍ତଳ ବାସନ ସଫା ପାଇଁ ନୂଆ ପାଉଡର ବାହାରିଛି। ପ୍ରଥମେ ଆଖି ସାମ୍ନାରେ ସଫା କରି ଦେଖାଇବା ପରେ ମାଗଣାରେ ଗୋଟିଏ ପାଉଚ୍ ପାଉଡର କମ୍ପାନୀ ପକ୍ଷରୁ ଦିଆଯିବ ବୋଲି କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଶ୍ରୀମତୀ ରଥ ସୁନା ଅଳଙ୍କାର ସାମଗ୍ରୀ ଦେଇଥିଲେ। ସଫା କରିବା ଆଳରେ ସୁଯୋଗ ଦେଖି ମୁଦି, ହାର ଓ କାନ ଫୁଲ ନେଇ ଦୁର୍ବୃତ୍ତ ଦ୍ୱୟ ଫେରାର ହୋଇ ଯାଇଥିଲେ। ପ୍ରାୟ ୨ ଭରି ଓଜନର ସୁନା ଠକେଇ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏ ନେଇ ପୁଲିସ ବିଶେଷ ଗୁରୁତ୍ୱ ଦେଇ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଥିବା ଇନ୍ସପେକ୍ଟର ବିଜୟ ସିଂ କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୧ ମସିହାରୁ ପତଞ୍ଜଳି ନାଁରେ ସମାନ ଘଟଣା ଘଟି ଚାଲିଥିଲା। ତେବେ ୨୦୨୪ ଅକ୍ଟୋବର ମାସରେ ପୁଲିସ ଏଥିରେ ବିହାର ରାଜ୍ୟର ୮ ଜଣ ଓ ରାଉରକେଲାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଆର୍‌ଏସ୍‌ପି ହସ୍‌ପିଟାଲରେ ଜଟିଳ ଅସ୍ତ୍ରୋପଚାର

**ରାଉରକେଲା, ୨୪।୫(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ଜନୈକ ବ୍ୟକ୍ତିଙ୍କ ଜଟିଳ ଅସ୍ତ୍ରୋପଚାର କରାଯାଇଛି। ମେରୁଦଣ୍ଡ ଆଘାତ ପାଇଥିବା ୫୯ ବର୍ଷୀୟ ପୁରୁଷ ରୋଗୀଙ୍କ ସଫଳ ଚିକିତ୍ସା ସହିତ ଉନ୍ନତ ଶଲ୍ୟ ଚିକିତ୍ସାରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି ଆର୍‌ଏସ୍‌ପି। ଗତ ୩ ତାରିଖରେ ପଡ଼ିଯିବାରୁ ତାଙ୍କର ମେରୁଦଣ୍ଡରେ ଗୁରୁତର ଆଘାତ ହୋଇଥିଲା। ରାଉରକେଲା ସରକାରୀ ହସ୍ପିଟାଲରେ ଚାରି ଦିନ ପାଇଁ ପ୍ରାରମ୍ଭିକ ଚିକିତ୍ସା ପରେ ସେ ୭ ତାରିଖରେ ଆଇଜିଏଚ୍‌ରେ ଆୟୁଷ୍ମାନ ଭାରତ ଯୋଜନାରେ ଭର୍ତ୍ତି ହୋଇଥିଲେ। ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କର ସର୍ଭିକାଲ୍ ମେରୁଦଣ୍ଡର ଏମ୍‌ଆର୍‌ଆଇ ଏବଂ ଏକ୍ସ-ରେ ସମେତ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କର ସର୍ଭିକାଲ୍ ଡିସ୍କ ରୋଗ ଏବଂ ସର୍ଭିକାଲ୍ ଭର୍ଟିବ୍ରାର ଅସ୍ୱାଭାବିକ ଗତିଶୀଳତା ଚିହ୍ନଟ କରିଥିଲେ। ଆଇଜିଏଚର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାରଙ୍କ ନେତୃତ୍ୱରେ ଶଲ୍ୟଚିକିତ୍ସା ଦଳ ସଫଳତାର ସହ ଶଲ୍ୟ ଚିକିତ୍ସା ପ୍ରକ୍ରିୟା ସମ୍ପାଦନ କରିଥିଲେ। ଆନାସ୍ଥେସିଆ ଏବଂ ଆଇସିୟୁର ଅତିରିକ୍ତ ସିଏମଓ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ କେୟାର ପରିଚାଳନା କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା।



# ବେଦାନ୍ତ ଆଲୁମିନିୟମ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

**ରାଉରକେଲା, ୨୪।୫(ସମିସ):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକର ମୁଣ୍ଡେରଖେତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ହେମଗିରିର ମୁଣ୍ଡେରଖେତ ପଞ୍ଚାୟତ ସରପଞ୍ଚ ସନ୍ନ୍ୟାସୀ ବାଗଙ୍କ ଉପସ୍ଥିତିରେ ହେମଗିରି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଥିଲେ। ବେଦାନ୍ତ ଦ୍ୱାରା ମୁଣ୍ଡେରଖେତ, ଝାରପାଲମ, ଗର୍ଜନଜୋର ଏବଂ ନିକଟସ୍ଥ ଗ୍ରାମପଞ୍ଚାୟତକୁ ସାମିଲ କରି ଗ୍ରାମୀଣ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ ଏହି ପଦକ୍ଷେପ ନିଆଯାଇଥିଲା। ଏହି ପଦକ୍ଷେପ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ମାଗଣା ସେବାର ଏକ ପରିସର ପ୍ରଦାନ କରିଥିଲା। ଯେଉଁଥିରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁ ରୋଗ, ଚର୍ମରୋଗ, ଇଏନ୍‌ଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ, ସ୍ୱତନ୍ତ୍ର ପରାମର୍ଶ ଏବଂ ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ଏହାସହିତ, ପ୍ରତିରୋଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ଦୀର୍ଘକାଳୀନ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିସାର ଏବଂ ରୋଗ ନିବାରଣ ଉପରେ ସଚେତନତା ଅଧିବେଶନ କରାଯାଇଥିଲା। କମ୍ପାନୀର ଗୋଷ୍ଠୀକୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ।



# ଗୁଳିମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ତେତେରକେଲା ବାଲି ଘାଟକୁ ନେଇ ହୋଇଥିଲା ବିବାଦ**

**ଏନ୍‌କାଉଣ୍ଟର ପରେ ଦୁଇ ସୁପାରି କିଲର ଜେଲ୍‌ରେ**

**ରାଉରକେଲା, ୨୪।୫(ସମିସ):** ସ୍ଥାନୀୟ ସେକ୍ଟର -୩ ଥାନା ଅନ୍ତର୍ଗତ ସେକ୍ଟର -୪, ଏ/୮୮ ଘର ବାସିନ୍ଦା ବିଜୟ ଲାକ୍ରାଙ୍କୁ ଗତ ୨୨ ଫେବୃଆରୀ ରାତିରେ ଗୁଳିମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ସେକ୍ଟର - ୩ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିଶ୍ରା ତେତେରକେଲା ଅଞ୍ଚଳର କୁଖ୍ୟାତ ବାଲି ମାଫିଆ ଭରତ ମାହାନ୍ତ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୨୨ ଫେବୃଆରୀ ସଂଧ୍ୟା ପ୍ରାୟ ୮ଟା ୧୦ ବେଳେ ବିଜୟ ଲାକ୍ରା ତାଙ୍କ ଝିଅକୁ କାରରେ ନେଇ ଯାଉଥିବା ବେଳେ ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଗୁଳି କରି ଫେରାର ହୋଇ ଯାଇଥିଲେ। ଫଳରେ ସେକ୍ଟର-୪, ଏ/୩୦ ଘରର ପାଚେରୀକୁ ଯାଇ କାର ଧକ୍କା ଦେଇଥିବା ବେଳେ ବିଜୟଙ୍କ ଡାହାଣ ଗାଲରେ ଗୁଳି ବାଜିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ଏ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲା ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ଭରତ ମହତୋ (୩୨)ଙ୍କୁ ଧାରା ୧୦୯, ୧୧୮(୨), ୬୧(୨) (ଏ), ୩(୫) ବିଏନଏସ, ୨୫/୨୭ ଆର୍ମସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାକୁ ନେଇ ଇନ୍ସପେକ୍ଟର ପିଙ୍କି କୁମାରୀ ମୁର୍ମୁ ସୂଚନା ଦେଇ କହିଛନ୍ତି ଯେ, ତଦନ୍ତ ବେଳେ ବାଲି ବ୍ୟବସାୟ ବିବାଦରୁ ଏହି ଆକ୍ରମଣ ଘଟିଥିଲା।

ଆହତ ବିଜୟ ଥିଲେ ଜଣେ ବାଲି ବ୍ୟବସାୟୀ। ସେ ତେତେରକେଲା ବାଲୁଘାଟ, ବିଶ୍ରା, ଜମୁନାନାକି, ଉସ୍ରା ବାଲୁଘାଟ, କୁଆଁରମୁଣ୍ଡା ଭଳି ବିଭିନ୍ନ ବାଲୁଘାଟରେ କାମ କରିଥିଲେ। ପରେ ସେ ଭୁବନେଶ୍ୱରର ପ୍ରଭା ରଞ୍ଜନ ମିଶ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ୨୦୧୮ ମସିହାରେ ପ୍ରଭା ରଞ୍ଜନ ମିଶ୍ର ତେତେରକେଲା ବାଲିଘାଟର ଟେଣ୍ଡର ପାଇଥିଲେ। ସେ ସେହି ସ୍ଥାନରେ ଉପସ୍ଥିତ ରହି ନପାରିବାରୁ, ସେ ବିଜୟ ଲାକ୍ରାଙ୍କ ସହିତ ଏକ ଚୁକ୍ତିନାମା କରିଥିଲେ। ତାଙ୍କୁ ଘାଟ ପରିଚାଳନା ପାଇଁ ୫୦ ପ୍ରତିଶତ ସହଭାଗୀତା ଦେଇଥିଲେ। ତେବେ ବିଜୟ ଲାକ୍ରା ଭରତ ମହତୋଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନେ ୫୦ ପ୍ରତିଶତ ଅଂଶଧନର ଏକ ପୃଥକ ଚୁକ୍ତିନାମା ମଧ୍ୟ କରିଥିଲେ। ଏନେଇ ଭରତ ତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ମାତ୍ର ପରେ ବ୍ୟବସାୟ ଅଧିକ ଲାଭଜନକ ହେବାରୁ ଲିଜ୍ ଧାରୀ ପ୍ରଭା ମିଶ୍ର ଓ ଅଂଶୀଦାର ଭରତଙ୍କୁ କିଛି ଟଙ୍କା ଦେଲେ ନାହିଁ। ଫଳରେ ଘଟଣାକୁ ନେଇ ବିଜୟ ଏବଂ ଭରତଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ବିଜୟଙ୍କୁ ରାସ୍ତାରୁ ହଟାଇବା ପାଇଁ ଝାଡ଼ଖଣ୍ଡ ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ବିଯେସ୍ ଲାଖୁଆ ଏବଂ ଅମିତ ଟପ୍ପୋଙ୍କୁ ସୁପାରୀ ଦେଇଥିଲେ। ଏହି ଦୁଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ୧୨ ମାର୍ଚ୍ଚ ୨୦୨୫ରେ ରାଉରକେଲା ପୁଲିସ ଏନକାଉଣ୍ଟର ମାମଲାରେ ଜେଲ ହାଜତରେ ଅଛନ୍ତି।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ବଣାଇଁ, ୨୪।୫(ସମିସ):** ବଣାଇଁ ବ୍ଲକ ସାନ ଗୋଗୁଆ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ମୁକୁଳା ହୋଇ ପଡ଼ିଛି। ପ୍ରତ୍ୟେକ ଦିନ ଶହଶହ ଲୋକ ଏହି ରାସ୍ତାରେ ଯାତାୟାତ କରିବା ସହ ଆଗକୁ ସ୍କୁଲ ଖୋଲିଲେ ରାସ୍ତାରେ ଛାତ୍ରଛାତ୍ରୀଙ୍କ ଭିଡ଼ ଜମିବ। ସେହିପରି ନିକଟରେ ମନ୍ଦିର ସମୂହ ଦେବଭୂମି ରହିଛି। ତେଣୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଅନେକ ଲୋକ ମନ୍ଦିର ଯାଉଛନ୍ତି। ଆଉ କିଛି ଦିନ ପରେ ଚାଷ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। ବିଗତ ବର୍ଷରେ ଗୋଗୁଆରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ଟ୍ରାନ୍ସଫର୍ମରଟି ମୁକୁଳା ଥିବା ଫଳରେ ଲୋକେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେବେ ବଣାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସବୁଆଡ଼େ ପାଚେରି ନିର୍ମାଣ କରାଯାଉଥିଲେ ମଧ୍ୟ ଏଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାନ୍ସଫର୍ମରକୁ ମୁକୁଳା ରଖିବା ବିଭାଗର ଖାମଖିଆଲି ମନୋଭାବ ଦର୍ଶାଉଛି। କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ବଣାଇଁ ବିଦ୍ୟୁତ୍ ବିଭାଗ ତୁରନ୍ତ ଏଠାରେ ଏକ ପାଚେରି ନିର୍ମାଣ କରିବା ପାଇଁ ଦାବି ହେଉଛି।



# ଆର୍‌ଏସ୍‌ପି କର୍ମଚାରୀଙ୍କ ପାଇଁ 'ସଜାଗ'ର ଶୁଭାରମ୍ଭ



**ରାଉରକେଲା, ୨୪।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ସତର୍କତା ବିଭାଗ ଦ୍ୱାରା କାରଖାନାର କର୍ମଚାରୀଙ୍କ ପାଇଁ ଏକ ନୂତନ ପ୍ରତିଷେଧମୂଳକ କାର୍ଯ୍ୟକ୍ରମ 'ସଜାଗ' ଆରମ୍ଭ କରାଯାଇଛି। ଏହି ପଦକ୍ଷେପର ପ୍ରଥମ ଅଧିବେଶନ ଶନିବାର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଆର୍‌ଏସ୍‌ପିର ଭିଜିଲାନ୍ସ ବିଭାଗର ସିଜିଏମ୍ ତଥା ଏସିଭିଓ ସୁବ୍ରତ ପ୍ରହରାଜ ଏବଂ ଏଚ୍‌ଆର୍‌ଏଲ୍ ଆଣ୍ଡ ଡି ବିଭାଗର ସିଜିଏମ୍ ପି କେ ସାହୁ ଉପସ୍ଥିତ ଥିଲେ। ଏହି ଦିନିକିଆ କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ବିଭାଗର ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

ଏହି ଅଧିବେଶନର ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଶ୍ରୀ ପ୍ରହରାଜ ଦୈନନ୍ଦିନ କାର୍ଯ୍ୟରେ ସଚ୍ଚୋଟତା ଏବଂ ସତର୍କତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରତିଷେଧମୂଳକ ସତର୍କତା କେବଳ କିଛି ଲୋକଙ୍କ ଦାୟିତ୍ୱ ନୁହେଁ ବରଂ ଏହା ଏକ ସାମୂହିକ ପ୍ରୟାସ, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କ ସଚେତନ, ସତର୍କ ଏବଂ ନୈତିକ ଅଭ୍ୟାସ ପ୍ରତି ପ୍ରତିବଦ୍ଧତା ରହିବା। କାର୍ଯ୍ୟକ୍ରମରେ ସତର୍କତା ଏବଂ ଉତ୍କୋଚ ବିରୋଧୀ ପରିଚାଳନା, କର୍ମକ୍ଷେତ୍ରରେ ନୈତିକ ମୂଲ୍ୟବୋଧ ଏବଂ ସଚ୍ଚୋଟତା, ପ୍ରାସଙ୍ଗିକ ସ୍ଥାୟୀ ନିର୍ଦ୍ଦେଶ ଏବଂ ଆରଡିଏ କାର୍ଯ୍ୟପନ୍ଥା, କେସ୍ ଷ୍ଟଡି ଉପସ୍ଥାପନା ଏବଂ କର୍ମଚାରୀଙ୍କ ସହିତ ଜଡ଼ିତ ସତର୍କତା ତଦନ୍ତ ଉପରେ ଆଲୋଚନା, ଉତ୍ପାଦନ ଏବଂ ପରିଚାଳନା, ନମୁନା, ପରୀକ୍ଷଣ ଏବଂ ଯାଞ୍ଚ, ଷ୍ଟୋର ଏବଂ ଗୋଦାମ, ଓଜନ ଏବଂ ପ୍ରେରଣ, ବିକ୍ରେତା ବିଲ୍ ପରିଚାଳନା ଏବଂ କର୍ମଚାରୀ ବିଷୟ, ଚୁକ୍ତିନାମା କାର୍ଯ୍ୟକାରୀରେ କ'ଣ କରିବେ ଏବଂ କ'ଣ ନ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ସତର୍କତା ଶପଥ ଗ୍ରହଣ କରିଥିଲେ। ଭିଜିଲାନ୍ସ ବିଭାଗର ଜିଏମ୍ ଏମ୍ କେ ଅଗ୍ରୱାଲ ଏବଂ ଏଚ୍‌ଆର୍‌ଏଲ୍ ଆଣ୍ଡ ଡି ବିଭାଗର ଜିଏମ୍ ଏଚ୍ ପତି କାର୍ଯ୍ୟକ୍ରମର ଶେଷ ଅଧିବେଶନରେ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିଥିଲେ। ଏହି କାର୍ମଶାଳାର ବିଭିନ୍ନ ଅଧିବେଶନ ଭିଜିଲାନ୍ସ ବିଭାଗର ଏଜିଏମ୍ ଏ କେ ବିଶ୍ୱାଲ ମ୍ୟାନେଜର ଏମ୍‌କେ ସିଂହ ଏବଂ ଡେପୁଟି ମ୍ୟାନେଜର ପି କେ ସରକାର ପରିଚାଳନା କରିଥିଲେ।

# ତୁଟୁନି କୋଇଡ଼ା ଟ୍ରକ୍-ଟିପ୍ପର୍ ସଂଘ ଅଡୁଆ

**ଭବିଷ୍ୟତକୁ ନେଇ ଅନ୍ଧାରରେ ଗାଡ଼ି ମାଲିକ**

**କୋଇଡ଼ା, ୨୪।୫(ସମିସ):** କୋଇଡ଼ା ଟ୍ରକ୍ ଟିପ୍ପର୍ ସଂଘ ଅଡୁଆ ସମାଧାନ ହେଉନଥିବାରୁ କୋଇଡ଼ା ଖଣି ଅଞ୍ଚଳରେ ଲୋଡିଂକୁ ନେଇ ଦୈନନ୍ଦିନ ଛୋଟବଡ଼ ଗଣ୍ଡଗୋଳ ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଯେ କୋଇଡ଼ା ଟ୍ରକ୍ ଓ ଟିପ୍ପର୍ ମାଲିକ ସଂଘର ବିଗତ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ବାଚନ କରାଯାଇ ନାହିଁ। ଟ୍ରକ୍ ଓ ଟିପ୍ପର୍ ମାଲିକ ସଂଘରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବାରୁ ଗତ ଦୁଇମାସ ତଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଇଡ଼ା ଟ୍ରକ୍ ଏବଂ ଟିପ୍ପର ଆସୋସିଏସନ୍‌ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରି ଏକ ମାସ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବାଇ-ଲ'ର ଆଳ ଦେଖାଇ ନିର୍ବାଚନ କରିବାରେ ଟାଳଟୁଳ ନୀତି ଦେଖିବାକୁ ମିଳିଛି। ଯାହା ଫଳରେ କୋଇଡ଼ା ଅଞ୍ଚଳର ପ୍ରକୃତ ଟ୍ରକ୍ ଟିପର୍ ମାଲିକମାନେ ଲୋଡିଂ ନ ପାଇ ହଟହଟା ହେବା ସହ ଟ୍ରକର ମାସିକ କିସ୍ତି ଦେଇ ପାରୁନାହାନ୍ତି। କିଛି ମୁଷ୍ଟିମେୟ ବ୍ୟକ୍ତି ଆସୋସିଏସନ ପଦବୀର ଫାଇଦା ଉଠାଇବା ସହିତ ଟ୍ରକ ସମେତ ପରିବହନ ସଂସ୍ଥା ଠାରୁ ଟନ ପ୍ରତି ଅର୍ଥ ଆଦାୟ କରୁଛନ୍ତି ବୋଲି ଅଭିଯୋଗ ଜିଲ୍ଲା ପ୍ରଶାସନ ନିକଟରେ କରାଯାଇଛି। ସେପଟେ ଲୋଡିଂ ନପାଇ କୋଇଡ଼ା ଟ୍ରକ୍ ଓ ଟିପ୍ପର ମାଲିକମାନେ ହଇରାଣ ହେଉଛନ୍ତି। ଏମିତିକି ଲୋଡିଂ ପାଇଁ ଟ୍ରକ୍ ମାଲିକଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇ ନ୍ୟାୟ ପାଇଁ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିବା ନଜିର ରହିଛି। ଯଥାଶୀଘ୍ର ଉଭୟ ସଂଘର ନିର୍ବାଚନ କରାଯାଇ ନ୍ୟାୟ ପ୍ରଦାନ କରିବାକୁ ଦାବି ହେଉଛି।

# ଭୂତଳ ଖଣିରେ ବାୟୁଚଳନ ଉପରେ ଜାତୀୟ ଆଲୋଚନାଚକ୍ର

**ରାଉରକେଲା, ୨୪।୫(ସମିସ)**

ଏନ୍‌ଆଇଟି ରାଉରକେଲାର ଖଣି ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଗତ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ 'ଭୂତଳ ଖଣି ପାଇଁ ବାୟୁଚଳନ ଯୋଜନା ଏବଂ ଡିଜାଇନ୍' ଶୀର୍ଷକ ଆୟୋଜିତ ଏକ ପାଞ୍ଚ ଦିନିଆ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍‌ର ପୂର୍ବତନ ସିଏମ୍‌ଡି ଡକ୍ଟର ପ୍ରେମ ସାଗର ମିଶ୍ର ଉଦ୍‌ଘାଟନ କରିଥିଲେ। ଖଣି ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଏ. କେ. ଗୋରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଡକ୍ଟର ପ୍ରେମ ସାଗର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଭୀର ଏବଂ ଯାନ୍ତ୍ରିକ ଖଣି କାର୍ଯ୍ୟରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବୈଜ୍ଞାନିକ ବାୟୁଚଳନ ରଣନୀତିର ଆବଶ୍ୟକତା ଉପରେ ପ୍ରଫେସର ରାଓ ଆଲୋକପାତ କରିଥିଲେ। ଡକ୍ଟର ମହେଶ କୁମାର ଶ୍ରୀୱାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡକ୍ଟର ଦେବୀଦାସ ଏସ୍. ନିମାଜେ ଏବଂ ଡକ୍ଟର ବୁକ୍କେ କିରଣ ନାୟକ ସହ-ସଂଯୋଜକ ଭାବରେ ସହାୟତା କରିଥିଲେ। ଭିପିଡିୟୁଏମ୍ - ୨୦୨୫ ଆଧୁନିକ ଖଣି ଭେଣ୍ଟିଲେସନ୍ ଡିଜାଇନ୍, ଭେଣ୍ଟିଲେସନ୍-ଆଧାରିତ ମଡେଲିଂ, ସ୍ମାର୍ଟ ମନିଟରିଂ ସିଷ୍ଟମ୍ ଏବଂ ନିୟାମକ ଅନୁପାଳନରେ ବୈଷୟିକ କ୍ଷମତା ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଛି। ଏସ୍‌ଇସିଏଲ୍, ଇସିଏଲ, ଏଚ୍‌ସିଏଲ, ଡବ୍ଲ୍ୟୁସିଏଲ, ଏମ୍‌ସିଏଲ୍, ସିସିଏଲ୍, ଏସ୍‌ସିସିଏଲ୍, ଏମ୍ଓଆଇଏଲ୍, ୟୁସିଏଲ୍, ଏଚ୍‌ଜିଏମ୍‌ଏଲ୍, ଆଇଏମ୍‌ଏଫ୍‌ଏ ଏବଂ ଆଦାନୀ ମାଇନିଂ ସମେତ ବିଭିନ୍ନ ସଂଗଠନର ୪୦ରୁ ଅଧିକ ଏହି ପାଠ୍ୟକ୍ରମରେ ଯୋଗ ଦେଇଥିଲେ। ଆଇଆଇଟି ଖଡ଼ଗପୁର, ଆଇଆଇଟି ଧାନବାଦ, ସିଏମ୍‌ପିଡିଆଇ, ଏସ୍‌ସିସିଏଲ ଏବଂ ଏନ୍‌ଆଇଟି ରାଉରକେଲାର ବିଶେଷଜ୍ଞ ଅଧ୍ୟାପକମାନେ ଅଧିବେଶନ ସମୟରେ ସେମାନଙ୍କର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ଏହି ପାଠ୍ୟକ୍ରମରେ ଭେଣ୍ଟିଲେସନ୍ ଆଧାରିତ ହାତ-ଅନ୍ ଅଧିବେଶନ ଏବଂ ଭାରତୀୟ ଖଣିରେ ଭେଣ୍ଟିଲେସନ୍ ଚ୍ୟାଲେଞ୍ଜ ଉପରେ ଏକ ବ୍ରେନ୍ଷ୍ଟର୍ମିଂ କର୍ମଶାଳା ମଧ୍ୟ ରହିଛି। କାର୍ଯ୍ୟକ୍ରମରେ ବିଶେଷଜ୍ଞ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା।








# କାଠ କଣ୍ଢେଇ



ମୂଳ ମାଲାୟାଲମ୍ : କାରୁର ନୀଳକଣ୍ଠ ପିଲ୍ଲାଇ
ଅନୁସୃଜନ : ଲଳିତ ମୋହନ ମିଶ୍ର



ଘର ଅଗଣାରେ ପହଞ୍ଚି ଜନଗଣନାକାରୀ ଉଚ୍ଚ ସ୍ୱରରେ ପଚାରିଲେ, "କେହି ଘରେ ଅଛନ୍ତି କି?" ନଡ଼ିଆ ପତ୍ର ଛାଇର ବାରଣ୍ଡାରୁ ଜଣେ ମହିଳା ଆସିଲେ।

ହାତରେ ଧରିଥିବା କାଗଜକୁ ଦେଖି ଆଗନ୍ତୁକ ଜଣକ ପଚାରିଲେ, "ଆମ୍ଭିନି କାହାର ନାମ? ମୋତେ କୁହ, ଏଠାରେ କିଏ କିଏ ରୁହନ୍ତି?"

-ଏବେ ତ ମୁଁ ହିଁ ଜଣେ । ମା' ଚମ୍ପା ଫୁଲ କାଟିବାକୁ ଯାଇଛି । ଭାଇ ମୂଲ ଲାଗିବାକୁ ଯାଇଛି।

- ଆମ୍ଭିନି କାହାର ନାମ ?

- ମା'ର ନାମ।

"ଓଃ , ଆମ୍ଭିନି ପୁରୁଷ ନୁହେଁ ? ଜଣେ ମହିଳା?" କହି ହସିଲେ ।

- ମୁଁ ଓ ମୋ ମାଆ ମହିଳା... ମୋ ଭାଇ ପୁରୁଷ।

- ବାପା ନାହାଁନ୍ତି କି?

- ମରିଗଲା...

- ତେବେ ଅମ୍ଭିନି ଜଣେ ବିଧବା?

- ଏବେ ସେ ବିଧବା... ।

ଆଗନ୍ତୁକ ଜଣକ, ଛୋଟ ବାରଣ୍ଡାରେ ପଡ଼ିଥିବା ଏକ ବେଞ୍ଚ ଉପରେ ବସିଲେ। ତା'ପରେ ସେ ଦେଉଥିବା ତଥ୍ୟଗୁଡ଼ିକ ଲେଖିବା ଆରମ୍ଭ କଲେ।

- ତୋର ନାମ ?

- ମୋର ନାଁ ନଳିନୀ । ସେ ସାମାନ୍ୟ ଲଜ୍ଜାରେ କହିଲା।

- ବୟସ ?

- ତେଇଶି...

- ବିବାହିତା କି...?

ସେ ଟିକିଏ ବିଚଳିତ ହୋଇଗଲା କହିଲା, "ତେର ନମ୍ବର ମିଲ୍‌ବାଲା ଘରେ ଜନଗଣନା ହେଲା କି?"

ସେଠାକାର ଜନଗଣନା ଅନ୍ୟ ଜଣେ ବ୍ୟକ୍ତି କରିବ। ଏବେ ତୁମେ ମୋତେ କୁହ "ତୁମର ସ୍ୱାମୀ ଅଛି ନା ନାହିଁ?"

"ହଁ ଅବା ନାହିଁ... ଯାହା ତୁମକୁ ଭଲ ଲାଗିବ ଲେଖିବ।" ସେ ଆନମନା ଭାବରେ କହିଲା। "ମୁଁ ଏ ପର୍ଯ୍ୟନ୍ତ ବିବାହ କରିନାହିଁ, କେବଳ ନିର୍ବନ୍ଧଘର ବା ରିଂଗ ସେରିମନୀ ହୋଇଛି।"

-ତାହା ହେଲେ ଅବିବାହିତ ଲେଖିବାକୁ ପଡ଼ିବ।

"ବିବାହ ତ ହୋଇଛି...।" ଏହା କହି ମୁଣ୍ଡ କୁଣ୍ଡେଇବାକୁ ଲାଗିଲା....ତା' ମୁଣ୍ଡର ତୈଳବିହୀନ କେଶରାଶି ଖୋଲିଗଲା... ନିଜର ସୁନ୍ଦର ରୂପଲାବଣ୍ୟ...ମନ୍ତ୍ରମୁଗ୍ଧ କରି ଦେଇଥିଲା ସୁନ୍ଦର ପରିବେଶ।

- ମୋର ଜଣେ ସ୍ୱାମୀ ଅଛନ୍ତି... ଏବଂ ସେ ମୋର ନୁହଁନ୍ତି। ଛାଡ଼ି ଦେଇଛି ?

- ତା'ହେଲେ ତୁମେ ବିଭର୍ତ୍ତୁକା ଅଥବା ପତିବିହୀନା...?

- ଯଦି ସେ ମୋତେ ଛାଡ଼ି ଦେଇଛନ୍ତି, ତେବେ ସେ ପ୍ରତି ସପ୍ତାହରେ ମୋ ପାଖକୁ କାହିଁକି ତାଙ୍କର ଦୂତ ପଠାଉଛନ୍ତି ?

- ତୁମେ ତାକୁ ଛାଡ଼ି ଦେଇଥିବ...?

- ମୁଁ ତ ତାକୁ ଗ୍ରହଣ କରି ନଥିଲି, ଆଉ ଛାଡ଼ିବାର ପ୍ରଶ୍ନ କେଉଁଠୁ ଆସିଲା ? ଆପଣଙ୍କୁ ଯାହା ଭଲ ଲାଗୁଛି... ତାହା ଲେଖନ୍ତୁ। ତୁମକୁ ତ ସବୁକଥା ଜଣା...ତୁମେ ଅନୁଭବି।

- ମୁଁ ତୁମର ସ୍ୱାମୀଙ୍କ ବିଷୟରେ କ'ଣ ଜାଣେ ? ତୁମେ ଯାହା କହିବ, ମୁଁ ତାହା ଲେଖିବି । ସ୍ୱାମୀ ଅଛନ୍ତି, ଲେଖି ଦେବି ?

- ହଁ, ଏହା ଭଲ ହେବ ।

- ଏହି ରେଜିଷ୍ଟର ଭଲ ଓ ଖରାପ ଲେଖିବା ପାଇଁ ନୁହେଁ। ଯାହା ସତ୍ୟ ତାହା ଲେଖିବା ଦରକାର ।

- ମୁଁ ଯାହା କହିଲି, ତାହା ସତ୍ୟ।

- ଆଚ୍ଛା, ମୋତେ କୁହ ! ତୁମର ମାସିକ ରୋଜଗାର କେତେ ?

- ମୁଁ କୌଣସି କାମ କରେ ନାହିଁ।

- ତେବେ ଆୟ ନାହିଁ...ପରାବଲମ୍ବୀ...

- ଏକଥା କିଏ କହିଲା ?

- ଯେଉଁ ବ୍ୟକ୍ତିଙ୍କର ରୋଜଗାର ନାହିଁ, ସେ ଅନ୍ୟର ଆୟ ଉପରେ ବଞ୍ଚିବାକୁ ପଡ଼ିଥାଏ । ଆପଣଙ୍କର କୌଣସି ରୋଜଗାର ନାହିଁ।

- ଖାଇବା ଓ ପିନ୍ଧିବା ପାଇଁ ଟଙ୍କା ଦରକାର । ସେ ଦେବାବାଲା ମା' ହୁଅନ୍ତୁ କି ଭାଇ, ତାଙ୍କର ଆଶ୍ରୟରେ ରହୁଅଛି ? ଠିକ୍ କଥା ନା...? ଆପଣ କୋର୍ଟରେ ପ୍ରଶ୍ନ ପଚାରିଲା ଭଳି ପ୍ରଶ୍ନ କରୁଛନ୍ତି ?

- ତୁମକୁ କେବେ କୋର୍ଟରେ ପଚରାଉଚରା କରାଯାଇଥିଲା କି ?

- ସେହି ବଦମାସ୍ ମଧ୍ୟ ତାହା କରିଥିଲା ।

- ପତି...? କ'ଣ, ସେ ତୁମର ସ୍ୱାମୀ !

- ମୋର ସ୍ୱାମୀ ନାହାଁନ୍ତି ବୋଲି ଲେଖି ଦିଅନ୍ତୁ। ଯଦି ତୁମେ ଚାହୁଁଛ, ତାଙ୍କ ପାଇଁ ମୁଁ ତୁମକୁ ଏକ ଉପହାର ଦେବି ।

- ତୁମର କିଛି ରୋଜଗାର ନାହିଁ...ନା...?

- ମୋର ରୋଜଗାର ଅଛି । ମୁଁ ପରାଶ୍ରୟରେ ବଞ୍ଚୁ ନଥିଲି । ମୋର ମାସିକ ରୋଜଗାର ପନ୍ଦର ଟଙ୍କା।

- ଠିକ୍ ଅଛି । ତା'ହେଲେ ତୁମର ମଧ୍ୟ ଏକ ବୃତ୍ତି ଅଛି, ତାହା ମୋତେ କୁହ ?

- ଭଲ କଥା... ! ଏଇ ସରକାରକୁ କ'ଣ... କ'ଣ...ଜାଣିବା ଦରକାର ? ଗୋଟିଏ ବୃତ୍ତି ନୁହଁ, ଅନେକ ବୃତ୍ତି ରହିଛି...। ସେସବୁ କହିଦେବି...। ଲେଖିବା ପାଇଁ କାଗଜରେ ଜାଗା ଅଛି ତ...। ମୁଁ ଏହି ଘରେ ରୋଷେଇ କରୁଅଛି । ମୁଁ ଏହି ବାରଣ୍ଡାକୁ ଲିପା ପୋଛା କରିଅଛି । ଭଲ ଭାବରେ ଲିପା ପୋଛା କରିଅଛି । କେମିତି ଦର୍ପଣ ଭଳି ଚମକୁ ଅଛି? ମୋର ସ୍ୱାମୀ...ଓହୋ...! ସେ ତ ମୋର କିଏ ନୁହେଁ ! ସେ କହୁଥିଲେ, ମୋର ଗାଲ ଦର୍ପଣ ଆଗରେ ଚମକୁ ଅଛି, ତେଣୁ ଏହି ବାରଣ୍ଡାଟି ମୋର ଗାଲ ପରି।

ସେ ହସିଲେ, ଯେମିତି ସେ କିଛି ମଜାଳିଆ କଥା କହିଲେ ।

-ମୁଁ ଆପଣଙ୍କ ବୃତ୍ତି ବିଷୟରେ ଜାଣିବାକୁ ଚାହୁଁଛି । ଯାହା ତୁମକୁ କିଛି ରୋଜଗାର ଦେଇଥାଏ।

- ଯଦି ରୋଜଗାର ବୃତ୍ତି ନୁହେଁ, ତେବେ ଆପଣ କିଛି କାମ ଦେବେ କି ?

ବ୍ୟକ୍ତି ଜଣକ ଚାରିଆଡ଼କୁ ଚାହିଁଲା। ସେ କହିଲା, "ଯଦି କେହି ଘରକୁ ଆସନ୍ତି, ଶିଷ୍ଟାଚାର ପାଳନ କରିବା ଉଚିତ୍, ନୁହେଁ କି? ଲାଗୁଛି ଆପଣ ପାନ ଖାଇବା ଲୋକ।" ଏତିକି କହି ସେ କୋଠରି ଭିତରକୁ ଚାଲିଯାଇଥିଲା। କିଛି ସମୟ ପରେ ସେ ପାନ ଗୁଆ ଇତ୍ୟାଦି ନେଇ ଆସିଲା । ବ୍ୟକ୍ତି ଜଣକ ପାନ ଖାଇବାକୁ ଲାଗିଲା। ଏହା ହିଁ ପରେ ସେ ପୁଣି କୋଠରି ଭିତରକୁ ଯାଇ ତିନୋଟି କଣ୍ଢେଇ ଆଣି କହିଲା, "ଏହା ମୋର ବୃତ୍ତି । ଗୋଟିଏ କଣ୍ଢେଇ ତିଆରି କରିବାକୁ ମୋ ପାଇଁ ଗୋଟିଏ ଦିନ ଯଥେଷ୍ଟ।"

ଲୋକଟି କଣ୍ଢେଇ ଦେଖିଲା । ଏକ ବିଶେଷ ଶୈଳୀରେ ନିର୍ମିତ ସ୍ତ୍ରୀ ମୂର୍ତ୍ତି । ଲୋକଟି ଆଖି ବନ୍ଦ ନକରି ମୂର୍ତ୍ତିକୁ ଚାହିଁ ରହିଲା। ତା'ପରେ କହିଲା, ଚମତ୍କାର... । ଚାରିଜଣ ଯାକ ଏକାପରି...!

ସେ କହିଲା, "ତିନି ଦେଖିକରି ଚାରି ପରି ଲାଗିବା...ଅଦ୍ଭୁତ...ଆଶ୍ଚର୍ଯ୍ୟଜନକ।" ବ୍ୟକ୍ତି ଜଣକ କିଛି ଉତ୍ତର ଦେଲା ନାହିଁ।

-ଏଗୁଡ଼ିକ ଅତି ନିଖୁଣ ଭାବରେ ତିଆରି କରାଯାଇଛି? ଛାଞ୍ଚରେ ନୁହେଁ ତ... ଆମେ ଛାଞ୍ଚରେ କରିବୁ ନାହିଁ।

ତା'ହେଲେ ନିଶ୍ଚୟ ଏହାକୁ ଖୋଦେଇ କରି କରା ଯାଇଥିବ। ସମୁଦ୍ର ମନ୍ଥନରୁ ବାହାରି ଥିବା କ୍ଷୀରସାଗର ଲକ୍ଷ୍ମୀଙ୍କ ପରି ଦେଖାଯାଉଛନ୍ତି।

-ମୁଁ କ୍ଷୀରସାଗର ମନ୍ଥନରେ ଭାଗ ନେଇନଥିଲି। ସେଥିପାଇଁ ମୁଁ ଲକ୍ଷ୍ମୀଙ୍କୁ ଦେଖିନାହିଁ। ମୁଁ ତୁମକୁ ମୋର ବୃତ୍ତି ଦେଖାଇଥିଲି, ଏତିକି । ବାସ୍ତବରେ, ତୁମେ ତିନି ଜଣଙ୍କୁ ଦେଖି ଚାରି ଜଣ କାହିଁକି କହିଲ?


ଜଡ଼ ମୂର୍ତ୍ତି ତିନୋଟି, କିନ୍ତୁ ଏହାକୁ ସୃଷ୍ଟି କରିଥିବା ଚେତନ ଏକ। ଏହିପରି ସମୁଦାୟ ଚାରୋଟି। ଆଶ୍ଚର୍ଯ୍ୟର କଥା ହେଉଛି, ଚାରିଜଣ ଯାକ ସମାନ। ଅର୍ଥାତ୍ ଚେତନ ମଧ୍ୟ ଜଡ଼ ପରି ଜଣାପଡୁଛି। ଏହା ନା..., ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ତ ମୋର ଭାଗ୍ୟ । ତା'ର ଆଖି ଛଳଛଳ ହୋଇଗଲା। ଏହାପରେ ସେ କୋଠରି ଭିତରକୁ ଚାଲିଗଲା । ■

ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ପୁସ୍ତକ ପରିଚୟ

### ତାରଜାଲି ଓ ଅନ୍ୟାନ୍ୟ ଗଳ୍ପ

**ଶକ୍ତିପ୍ରଭା ମିଶ୍ର**




ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୨୪
ମୂଲ୍ୟ: ୧୭୯ ଟଙ୍କା

ସାଧାରଣ କଥାଟିଏ ମଧ୍ୟ କହି ଜାଣିଲେ ସୁନ୍ଦର ଗପଟି ହୋଇଯାଏ । ସମାଜର ସାଧାରଣ ମଣିଷଟିଏ ପାଲଟି ଯାଏ ଗପର ଚରିତ୍ରଟିଏ। ଏମିତି କିଛି ସାଧାରଣ ଚରିତ୍ର ଶକ୍ତିପ୍ରଭା ମିଶ୍ରଙ୍କ 'ତାରଜାଲି ଓ ଅନ୍ୟାନ୍ୟ ଗପ' ପୁସ୍ତକର ଗପଗୁଡ଼ିକରେ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି । ଏହି ପୁସ୍ତକରେ ୧୯ ଟି ଗପ ସଂକଳିତ ହୋଇଛି । ଏଥିରେ ସନ୍ନିବେଶିତ 'ଜହ୍ନରାତି', 'କଳ୍ପବଟ', 'ତାରଜାଲି', 'ଝିଅ ପାଇଁ', 'ଧୂଳିଖେଳ', 'ଶଙ୍ଖା ସିନ୍ଦୂର', 'ଚେନାଏ ଆକାଶ', 'ଏକାକୀ ମଣିଷ', 'ରାତିର ଆୟୁଷ', 'ସେଇ ଝିଅଟି', 'ଏମିତି ରାତି', 'ଧକ୍କା', 'ରାଧୁବାପା', 'ମିଶା ମିଶ୍ର', 'ଗୋଲାପଜାମୁ'ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଜହ୍ନ ଓ ଜହ୍ନରାତି କାହାକୁ ବା ଭଲ ନ ଲାଗେ! କିନ୍ତୁ ଏହି ଜହ୍ନ ଦିନେ କାହାର ସଂସାରକୁ ଉଜୁଡ଼ା ଦିଏ । ତେଣୁ ଜହ୍ନ ନାଁ ଶୁଣିଲେ, ପୁନେଇଁ ଜହ୍ନକୁ ଦେଖିଲେ ଜଣେ ନାରୀ ଦେହରେ କାଳେଣୀ ଲାଗିଯାଏ । ଏଭଳି ଏକ ନିଆରା କଥାକୁ ନେଇ 'ଜହ୍ନରାତି' ଗପର କାହାଣୀ ଗତିଶୀଳ ହୋଇଛି । ସେଭଳି ବିଶ୍ୱାସ ଉପରେ ସଂପର୍କର ମୂଳଦୁଆ ଛିଡ଼ା ହୋଇଥାଏ । କିନ୍ତୁ ବେଳେବେଳେ ଅନୈତିକ ସଂପର୍କ ଏଇ ବିଶ୍ୱାସକୁ ଭାଙ୍ଗି ଦେଇଥାଏ । 'ଗୋଲାପଜାମୁ' ଗପରେ ସୁମିତ୍ରାଙ୍କ ବିଶ୍ୱାସ କିଭଳି ଭାଙ୍ଗି ଯାଉଛି, ତାହା ଗାଳ୍ପିକା ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ସାମାଜିକ ବାସ୍ତବତା, ମାନବୀୟ ସଂପର୍କର ଚିତ୍ର ଏହି ପୁସ୍ତକର ଅନେକ ଗପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■

### ପ୍ରିୟ ବାନ୍ଧବୀ ଓ ଅନ୍ୟାନ୍ୟ କବିତା

**ଶାନ୍ତନୁ କୁମାର ଦାସ**




କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍ ରୋଡ୍
ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ : ୨୦୨୨
ମୂଲ୍ୟ: ୨୦୦ ଟଙ୍କା

"ମରିନାହିଁ ପ୍ରିୟତମା/ ଏ ମନରୁ ତୁମସ୍ମୃତି/ ଏ ଦେହରୁ ତୁମ ଧୂପ/ ଏ ଆଖିରୁ ନିଭି ନାହିଁ/ ତମରି ସପନ/ ମରିନାହିଁ ପ୍ରିୟତମା/ ରୂପର ପୂଜାରୀ ତବ/ ଏବେ ବି ଶ୍ୟାମ ମନେ/ ବିନ୍ଦୁ ବିନ୍ଦୁ ପାପ ପ୍ରଲୋଭନ ।" (ମରି ନାହିଁ ପ୍ରିୟତମା) ଭୁଲି ହୁଏ ନାହିଁ କେବେ ପ୍ରିୟତମା ସହିତ ବିତାଇଥିବା ପ୍ରତିଟି ମୁହୂର୍ତ୍ତ । ସେ ମୁହୂର୍ତ୍ତ ସବୁ ଅଭୁଲା, ଅପାସୋରା । ପ୍ରିୟ ବାନ୍ଧବୀ ସହିତ ବିତାଇ ଥିବା ଏଭଳି କିଛି ଅଭୁଲା ସ୍ମୃତିର ପ୍ରତିଛବି ପ୍ରତିଫଳିତ ହୋଇଛି ଶାନ୍ତନୁ କୁମାର ଦାସଙ୍କ 'ପ୍ରିୟତମା ଓ ଅନ୍ୟାନ୍ୟ କବିତା' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ସନ୍ନିବେଶିତ 'ପ୍ରିୟ ବାନ୍ଧବୀ', , 'ପ୍ରିୟ ବାନ୍ଧବୀ: ତମ ସହ ସାକ୍ଷାତ', 'ପ୍ରିୟ ବାନ୍ଧବୀ: ତୁମ ପ୍ରେମିକମାନେ', 'ପ୍ରିୟ ବାନ୍ଧବୀ: ତମ ଗାଁ', 'ପ୍ରିୟ ବାନ୍ଧବୀ: ତୁମ ଗାଁ ଜହ୍ନରାତି', 'ପ୍ରିୟ ବାନ୍ଧବୀ: ତମେ ଏକ ଅଭୁଲା ସ୍ମୃତି', 'ମରି ନାହିଁ ପ୍ରିୟତମା', 'ପ୍ରିୟ ସଖୀ', 'ବିରହୀ', 'ଆଗୋ ମଧୁଝରା', 'ପ୍ରଥମ ଚୁମ୍ବନ' ଆଦି କବିତାଗୁଡ଼ିକ ପ୍ରେମ, ପ୍ରଣୟ, ବିରହ, ସ୍ମୃତି, ଅନୁଭୂତି ଛଳଛଳ ଆବେଗରେ ସିକ୍ତ ହୋଇଛି । ପ୍ରିୟ ବାନ୍ଧବୀଙ୍କ ସ୍ମୃତି କବିଙ୍କୁ ମୋହାଚ୍ଛାନ୍ନ କରିଛି । ପ୍ରଣୟ ବିଭୋର କବିଙ୍କ କବିତାରେ ପ୍ରେମ, ବିରହ, ସ୍ୱପ୍ନ ଓ ସ୍ମୃତି ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଅଧିକାଂଶ କବିତା ପ୍ରେମ ଆଧାରିତ । ନିବିଡ଼ ପ୍ରଣୟାନୁଭବରେ ରସସିକ୍ତ ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ ।■


### ସ୍ରୋତସ୍ୱିନୀ

**କଲ୍ୟାଣୀ ସାସମଲ୍**



ବନଫୁଲ, ଭିଏସ୍ଏସ୍ ନଗର
ଭୁବନେଶ୍ୱର-୭୫୧୦୧୦
ପ୍ରଥମ ପ୍ରକାଶନ : ୨୦୨୫
ମୂଲ୍ୟ: ୧୭୫ ଟଙ୍କା

କଲ୍ୟାଣୀ ସାସମଲ୍‌ଙ୍କ କବିତା ପୁସ୍ତକ 'ସ୍ରୋତସ୍ୱିନୀ' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ୬୭ଟି କବିତା ସଂକଳିତ ହୋଇଛି । ପ୍ରତିଟି କବିତାର ଆବେଦନ ଭିନ୍ନ ଭିନ୍ନ । ସବୁ ବାଧାବିଘ୍ନକୁ ଅତିକ୍ରମ କରି ପ୍ରବାହିତ ହେବା ନଈର ଧର୍ମ । ସେହିପରି ମଣିଷ ମଧ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ଘାତପ୍ରତିଘାତକୁ ସାମ୍ନା କରି ସୁଖଦୁଃଖରେ ଜୀବନ ଅତିବାହିତ କରିଥାଏ। ଜୀବନର ଏଭଳି ବାସ୍ତବତାର ଚିତ୍ର କଲ୍ୟାଣୀ ସାସମଲ୍‌ଙ୍କ 'ସ୍ରୋତସ୍ୱିନୀ' ପୁସ୍ତକର କବିତାରେ ଚମତ୍କାର ଭାବେ ଉକୁଟି ଉଠିଛି । ଏହି ପୁସ୍ତକର 'ଜୀବନ', 'ଜୀବନ୍ତ ଶବ୍ଦପୁଞ୍ଜ', 'ଅପେକ୍ଷାରତ ଜୀବନ', 'ପ୍ରତିଛବି', 'ଅନ୍ୱେଷଣ', 'ଅବ୍ୟକ୍ତ ଆଲେଖ୍ୟ', 'ସ୍ୱପ୍ନ', 'ପ୍ରକୃତିର କୋଳ', 'କଥାକୁହା ଛବି', 'ଆମ ଜୀବନ', 'ଅସଜଡ଼ା ପୃଥିବୀ', 'ଜୀବନ ସ୍ରୋତ','ସ୍ରୋତସ୍ୱିନୀ' ଆଦି କବିତାଗୁଡ଼ିକରେ ଜୀବନର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ଜୀବନର ନାନା ଦୁଃଖ,ଯନ୍ତ୍ରଣା, ହର୍ଷ, ବିଷାଦ, ଦ୍ୱନ୍ଦ୍ୱ, ସଂଘାତର କଥା ବର୍ଣ୍ଣିତ ହୋଇଛି ଅନେକ କବିତାରେ । ସେହିପରି 'ପରିବାର', 'ମା', 'ତୁମେ ମୋ ସାଥିରେ ଅଛ', 'ବାପା', 'ବୋହୂ' ଆଦି କବିତାରେ ମାନବୀୟ ସମ୍ବନ୍ଧ ଓ ଭାବାବେଗ ପ୍ରସ୍ଫୁଟିତ ହୋଇଛି । ସେଭଳି 'କରାଳ ବେଦନା', 'ପ୍ରତାରଣା', 'ମାୟାବନ୍ଧନ', 'ଗୋଧୂଳି ଲଗ୍ନ', 'ମୋକ୍ଷ', 'ଭୁଲ୍ କାହାର', 'ସ୍ୱାଭିମାନ', 'ମଧୁରତମ ଶବ୍ଦ' ଆଦି କବିତା ମନଛୁଆଁ ହୋଇପାରିଛି । ସରଳ ଓ ବୋଧଗମ୍ୟ ଭାଷା, ନିବିଡ଼ ଅନୁଭବ କବିତାଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■




ମୂଳ କବିତା : କେ. ସଚ୍ଚିଦାନନ୍ଦନ
ଅନୁବାଦ : ସୂର୍ଯ୍ୟ ମିଶ୍ର

## ଗୁଡ଼ି

ସେ ଦିନ ଖୁବ୍ ଖରା ଥିଲା ଓ ବହୁଥିଲା ବି ପବନ
ତ ମୁଁ ଉଡ଼ାଇଦେଲି ଚାରିଟି ଗୁଡ଼ି ।

ଲାଲ୍ ଗୁଡ଼ିଟି ଗଛ ଅଗରେ ପହଞ୍ଚି ଯାଇ
କଡ଼ ପାଲଟିଗଲା,
ଶାଗୁଆ ଗୁଡ଼ିଟି ଇନ୍ଦ୍ରଧନୁରୁ ଧୂଳି ଆଣି
ବର୍ଷା ହୋଇ ତଳକୁ ଖସିଲା
ନୀଳ ଗୁଡ଼ିଟି କାହିଁ କେତେ ଦୂର ଉଡ଼ିଲା
ଈଶ୍ୱରଙ୍କ ପତାକା ହେବାର ଆଶାରେ ।

ମାତ୍ର ଧଳା ଗୁଡ଼ିଟିରେ
ସଇତାନ୍ ଗାରେଇଥିବା ଅକ୍ଷରଗୁଡ଼ିକ
ଚିହ୍ନିବା ଚେଷ୍ଟାରେ ମୁଁ
ବିତାଇ ଦେଲି ଅବଶିଷ୍ଟ ଜୀବନ । ■



## ତିନିଜଣ କବି

ପ୍ରତିଟି କବିତାରେ
ସବୁ କିଛି ସଂପନ୍ନ କରିବା ଚେଷ୍ଟା ହେତୁ
କେଉଁଥିରେ କିଛି ହିଁ କହିପାରିଲି ନାହିଁ।

ଆଜି ମୋର ଯାହା କହିବାକୁ ଥିଲା
ସେସବୁ ପରଦିନକୁ କହିବି ବୋଲି ଟାଳିଲି
ସେଦିନ କି ପରଦିନ ହିଁ
କହିପାରିଲି ନାହିଁ ସତକଥା ।

ସବୁ ମଣିଷଙ୍କୁ ଦେଖି ହସିଲି,
ସେମାନଙ୍କୁ ପଶୁ କହିଲି,
ସେଥିପାଇଁ ମୁଁ ଏବେ ଉପହସିତ
ମଣିଷଙ୍କ ଦ୍ୱାରା, ପଶୁଙ୍କ ଦ୍ୱାରା ।

ଆସନ୍ତାକାଲିର କବିମାନେ!
ଆମେମାନେ ଗତକାଲିର କବିମାନଙ୍କୁ
ଅନୁସରଣ କରି ଚାଲିଲୁ,
ସେପରି କରିବ ନାହିଁ ଆମକୁ । ■

ବି-୧୦୯, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର-୨

# ରିଚାର୍ଡ ବାଚ୍‌ଙ୍କ ଉପନ୍ୟାସରେ ଦାର୍ଶନିକ ଭାବ ସଂପଦ



ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ


ରିଚାର୍ଡ ଡେଭିଡ୍ ବାଚ୍ (ଜନ୍ମ ଜୁନ୍ ୨୩, ୧୯୩୬) ଜଣେ ସୁପ୍ରସିଦ୍ଧ ଆମେରିକୀୟ ଲେଖକ । ତାଙ୍କ ରଚିତ Illusion The Adventures of a Reluctant Messiah, The bridge across forever, One ପ୍ରଭୃତି ଉପନ୍ୟାସ ଗଭୀର ଦାର୍ଶନିକ ଭାବଧାରାର ସମୁଜ୍ଜ୍ୱଳ ପରିପ୍ରକାଶ । ତାଙ୍କର ବ୍ୟୋମ ଉଡ଼ାଣ ଭିତ୍ତିକ ଏକାଧିକ ଉପନ୍ୟାସ ବିଶ୍ୱବିଦିତ । ତନ୍ମଧ୍ୟରୁ 'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' (୧୯୭୦) ସବୁଠୁ ବେଶୀ ଲୋକପ୍ରିୟ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସଟି 'ମାକମିଲାନ ପବ୍ଲିଶର୍ସ' ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇଲା ଏକାଧିକ ପ୍ରକାଶକଙ୍କ ଦ୍ୱାରା ଅଗ୍ରାହ୍ୟ ହେବାପରେ । ଏହା ପ୍ରଥମେ Soaring ନାମକ ଆମେରିକାର ଏକ ପତ୍ରିକାରେ ପ୍ରକାଶ ପାଇ ବିପୁଳ ଜନାଦୃତି ଲାଭ କରିଥିଲା । ବହିଟି ପ୍ରକାଶ ପାଇବା ସମୟରେ ଚିତ୍ରକର ରସେଲ୍ ମୁନାସନ୍ ସିଗଲ୍ ପକ୍ଷୀର ଅନେକ ଚିତ୍ତାକର୍ଷକ ଚିତ୍ର ଆଙ୍କିଥିଲେ । ଯାହା ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ସଂଯୋଜିତ । ପ୍ରାୟ ଦଶହଜାର ଶବ୍ଦ ବିଶିଷ୍ଟ ଏହି କ୍ଷୁଦ୍ର ଉପନ୍ୟାସଟି ପ୍ରକାଶ ପାଇବାର ଅଳ୍ପଦିନ ମଧ୍ୟରେ ଏକ ମିଲିୟନରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇଥିଲା । ଏହା ତା'ର ଲୋକପ୍ରିୟତାର ନମୁନା । ବାଚ୍‌ଙ୍କ ଅଧିକାଂଶ ଉପନ୍ୟାସ ଆତ୍ମଜୀବନୀମୂଳକ ଏବଂ ଦାର୍ଶନିକ ଭାବ ସଂପଦରେ ପରିପୂର୍ଣ୍ଣ ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ଚିତ୍ରକର ରସେଲ୍‌ଙ୍କ ଚିତ୍ରରେ ଜୋନାଥନ୍‌ର ଅସୀମ ଆକାଶରେ ଉଡ଼ାଣର ଦୃଶ୍ୟ ସଂଯୋଜିତ ହୋଇଛି । ଯେପରି ଭାବେ ରିଚାର୍ଡ ବାଚ୍ ତାଙ୍କର ଯାଦୁକରି ଶବ୍ଦ ବିନ୍ୟାସରେ ଜୋନାଥନ୍‌ଙ୍କୁ ଆଙ୍କିଛନ୍ତି । ଜୋନାଥନ୍‌ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଭରା ଉଡ଼ାଣ ରିଚାର୍ଡଙ୍କ ପ୍ରତିଟି ଶବ୍ଦ ଭିତରେ ଲାଭ କରିଛି ଦିବ୍ୟ ସୌନ୍ଦର୍ଯ୍ୟର ସ୍ନିଗ୍ଧ ଅଭିବ୍ୟକ୍ତି ।

ବାସ୍ତବରେ ଏ କାହାଣୀ ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିଜ ସ୍ୱପ୍ନ ପଛରେ ଅନୁଧାବନ କରିପାରନ୍ତି । ଗତାନୁଗତିକ ଶୃଙ୍ଖଳା ବାହାରେ ଆପଣାର ନିଜସ୍ୱ ସ୍ୱପ୍ନ ପ୍ରଣୋଦିତ ନିୟମ ତିଆରି କରିପାରନ୍ତି ଓ ସେହି ଅନୁସାରେ ଆପଣା ମାର୍ଗରେ ବାଟ ଚାଲନ୍ତି । ସାରା ପୃଥିବୀରେ ଦଶନ୍ଧି ଦଶନ୍ଧି ବ୍ୟାପୀ ବହିଟି ନିୟୁତ ପାଠକଙ୍କ ହୃଦୟକୁ ସ୍ପର୍ଶ କରିଛି ଏହି କାରଣରୁ ।

ସବୁ ସିଗଲ୍‌ମାନଙ୍କ ଜୀବନ ଖୁବ୍ ସାଧାସିଧା – ଖାଇବା ଓ ବଞ୍ଚିରହିବା । ଯେଉଁଠି ଉଡ଼ିବାର ଲକ୍ଷ୍ୟ ଥାଏ ଖାଦ୍ୟ ସଂଗ୍ରହ । ଖାଦ୍ୟ ଅନ୍ୱେଷଣକୁ ବାଦ୍ ଦେଲେ ଉଡ଼ିବା ଯେପରି ସେମାନଙ୍କ ପାଇଁ ଅର୍ଥହୀନ । ମାତ୍ର ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍ – ସେପରି ଏକ ସାଧାରଣ ସାମୁଦ୍ରିକ ପକ୍ଷୀ ନୁହେଁ । ତା' ପାଇଁ ଉଡ଼ିବା ହେଉଛି ଜୀବନ । (For him flying is life itself) ସିଗଲ୍‌ମାନଙ୍କ ସାଧାରଣ ଜୀବନ ଧାରାର ବୃତ୍ତ ଭିତରୁ ଜୋନାଥନ୍‌ର ଉଡ଼ାଣ ଏକ ଅସାଧାରଣ ସ୍ତର ଆଡ଼କୁ ଏବଂ ଏକ ଅନନ୍ୟ ଅଭୀପ୍ସା ଓ ଅସାଧାରଣ ଅନ୍ୱେଷାର ପ୍ରେମ ତା'ପାଇଁ ଆଣିଦେଇଛି ଯେଉଁ ସଫଳତା - ସ୍ୱପ୍ନର ସ୍ୱର୍ଗ ପଥରେ ଉଡ଼ି ବୁଲିବାର ନାନ୍ଦନିକ ପ୍ରେରଣା ଓ ଜିଜ୍ଞାସା ଫିଟାଇ ଦେଇଛି ତା' ଆଗରେ ଏକାଧିକ ସ୍ତରର ବାସ୍ତବତା –ଯାହା କି ସ୍ଥୂଳ ବାସ୍ତବତାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଅଲୌକିକ ସ୍ତର ।





ଏଇ କାହାଣୀଟି ଆମ ଜୀବନକୁ ଏକ ଅସୀମ ଉଚ୍ଚତା ଆଡ଼କୁ ନେଇ ଯାଇପାରେ । ଆମ ଜୀବନରେ ଭରି ଦେଇପାରେ ବିରଳ ପ୍ରେରଣା । ଏପରିକି ଆମର ସ୍ୱପ୍ନ ସବୁ ଯଦି ଆମର ତଥାକଥିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଯାଉଥାଏ - ଅଥଚ ଏକ ତୁଙ୍ଗିମାକୁ ସ୍ପର୍ଶ କରିବାର ମହତ ଅଭୀପ୍ସା ତହିଁ ଭିତରେ ଭରି ରହିଥାଏ । ଆମେ ତେବେ ଅଟକି ଯିବା ନାହିଁ । ଜୋନାଥନ୍ ଆମ ଆଗରେ ଏକ ଜ୍ୱଳନ୍ତ ଉଦାହରଣ ।

ଉଡ଼ାଣର ମେଟାଫର୍ ଭିତରେ ଜୋନାଥନ୍‌ର କାହାଣୀ ଆମକୁ ଏଇଆ କହେ ଯେ, ଆମେ ଯଦି ଆମ ସ୍ୱପ୍ନମାନଙ୍କୁ ଧରିବା ପାଇଁ ବ୍ୟାକୁଳ ହେବା ଓ ପକ୍ଷ ବିସ୍ତାରିବା ତେବେ ଅବଶ୍ୟ ଆମେ ମଧ୍ୟ ଜୋନାଥନ୍ ପରି ସେଇଭଳି ଅଲୌକିକ ସ୍ତରକୁ ଯାଇପାରିବା । ମାତ୍ର ଆମ ଅଭୀପ୍ସା ଜୋନାଥନ୍ ପରି ତୀବ୍ର ହେବା ଆବଶ୍ୟକ ।

ଜୋନାଥନ୍ ଆକାଶରେ ଉଡୁ ଉଡୁ ଏପରି ଏକ ଉଚ୍ଚତାକୁ ଉଠି ଯାଇଛି – ଯେଉଁଠି ସେ ଦେଖିପାରୁଛି ଭିନ୍ନ କେତୋଟି ସିଗଲ୍‌ଙ୍କୁ । ସେଇଭଳି ଦୁଇଟି ସିଗଲ୍ ପକ୍ଷୀ ଜୋନାଥନ୍‌ଙ୍କୁ ସେହି ଅସୀମ ଉଚ୍ଚତାର ସ୍ତରକୁ ସ୍ୱାଗତ କରି ନେଇଛନ୍ତି । ଜୋନାଥନ୍ ସେଇଠି ଅନୁଭବ କଲା – ଏଇଟା ତେବେ ସ୍ୱର୍ଗ! ନିଜକୁ ନିରେଖି ଚାହିଁ ସେ ସ୍ମିତ ହାସ୍ୟ କଲା । ସ୍ୱର୍ଗର ମୁହୂର୍ତ୍ତମାନଙ୍କୁ ଅନୁଭବ କରିବାରେ ସେ ଲାଗିପଡ଼ିଲା । କାହାଣୀର ଦ୍ୱିତୀୟ ଭାଗରେ ଜୋନାଥନ୍‌ର ଉଡ଼ାଣର ଏପରି ଏକ ଚିତ୍ତାକର୍ଷକ ବର୍ଣ୍ଣନା ରହିଛି ।

ଜୋନାଥନ୍ ଭୂପୃଷ୍ଠରୁ ଉଡ଼ି ଆସିଲାବେଳେ ମେଘମାଳାର ଊର୍ଦ୍ଧ୍ୱରେ ଏବଂ ଖୁବ୍ ଅନ୍ତରଙ୍ଗ ବାତାବରଣରେ ସେହି ଦୁଇ ବିଚକ୍ଷଣ ସିଗଲ୍‌ଙ୍କ ସହ ତା'ର ସାକ୍ଷାତ ହେଲା ଏବଂ ସେହି ମୁହୂର୍ତ୍ତରେ ସେ ଦେଖିଲା ଯେ ତା'ର ନିଜର ଶରୀର ଆଲୁଅାରେ ଉଛୁଳି ଉଠୁଛି ତାକୁ ସ୍ୱାଗତ କରି ନେଇଥିବା ସେହି ଦୁଇ ଅଲୌକିକ ସିଗଲ୍ ପକ୍ଷୀଙ୍କ ପରି । ସେହି ତରୁଣ ଜୋନାଥନ୍ ସିଗଲ୍ ସେଠାରେ ଥିଲା, ମାତ୍ର ତା'ର ଦୁଇ ସ୍ୱର୍ଣ୍ଣାଭ ଆଖିର ପଶ୍ଚାତରେ ତା'ର ଶରୀରର ଏକ ଆଲୋକିତ ରୂପାନ୍ତର ସମ୍ଭବ ହୋଇ ଯାଇଥିଲା ।

ଜୋନାଥନ୍ ଅନୁଭବ କଲା, ପୃଥିବୀରେ ଯେଉଁଟା ଥିଲା ତା'ର ସବୁଠୁ ବେଶୀ ଦ୍ରୁତ ଉଡ଼ାଣ, ସେହି ଉଡ଼ାଣରୁ ଆହୁରି କେତେ ଅଧିକ ବେଗରେ ସେ ଉଡ଼ିପାରୁଥିଲା ଇଚ୍ଛା କଲାମାତ୍ରେ । ତା'ର ଦୁଇ ଡେଣାର ପର ସବୁ ସଫେଦ ଉଜ୍ଜ୍ୱଳ ହୋଇ ଚକ୍ ଚକ୍ କରୁଥିଲା ଓ ଭାରି ମାସୁମ ଲାଗୁଥିଲା । ତା'ର ସେହି ଡେଣା ଯୋଡ଼ିକ ରୁପା ରଙ୍ଗରେ ଯେପରି ଝଲସି ଉଠୁଥିଲା । ଜୋନାଥନ ଅନୁଭବ କଲା – ପୃଥିବୀ ଉପରେ ଉଡ଼ାଣର ଏକ ସୀମା ଥାଏ, ମାତ୍ର ସ୍ୱର୍ଗରେ ସେପରି ଉଡ଼ାଣର ସୀମା ନଥାଏ ।

ସେଠି ସେହି ଆକାଶର ଏକ ଅଲୌକିକ ଇଲାକାରେ ମେଘଖଣ୍ଡକୁ ଡେଣାରେ ଆଡ଼େଇ ଦେଇ ତା'ର ସାଥୀ ପକ୍ଷୀଟି ଜୋନାଥନ୍‌କୁ କହିଲା – ହାପି ଲ୍ୟାଣ୍ଡିଙ୍ଗ ଜୋନାଥନ ଏବଂ କେଉଁଠି ସେ ପବନରେ ମିଳେଇ ଗଲା ତାହା ଜୋନାଥନ୍ ଜାଣିପାରିଲା ନାହିଁ । ସେଠି ସେ ଭିନ୍ନ ଆକାଶରେ ଏକ ସମୁଦ୍ର ଉପରେ ଉଡୁଥିଲା । ଜୋନାଥନ୍‌କୁ ଆଦୌ କ୍ଳାନ୍ତ ଲାଗୁନଥିଲା । କାରଣ ସେ ସ୍ତରଟି ଥିଲା କ୍ଳାନ୍ତିଠାରୁ ଊର୍ଦ୍ଧ୍ୱରେ । ଯନ୍ତ୍ରଣାଠୁ ଊର୍ଦ୍ଧ୍ୱରେ । ଜୋନାଥନ୍‌ର ଉଡ଼ାଣର ଏପରି ରୋମାଞ୍ଚକର ଅଭିଜ୍ଞତା ଚିତ୍ରିତ ହୋଇଛି ଉପନ୍ୟାସର ପ୍ରତିଟି ପୃଷ୍ଠାରେ । ■

ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟ, ଯାଜପୁର
ମୋ: ୯୪୩୯୦୪୦୯୩୭

# ମହିଳାଙ୍କୁ ଦଳିଦେଲା ହାତୀ

**ଅଳ୍ପକେ ବର୍ତ୍ତିଲା ଶିଶୁପୁତ୍ର**

**ବିଶୋଇ, ୨୪।୫ (ସମିସ):** ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗାରଗାଡ଼ି ଗ୍ରାମର ବାଟା ନାଏକଙ୍କ ଝିଅ ଚାର୍ମେଇ ନାଏକ ଓରଫ୍ କିକିଳି। ତେବେ ସୌଭାଗ୍ୟକୁ ତାଙ୍କ ସାଥିରେ ଥିବା ବର୍ଷକର ଶିଶୁପୁତ୍ରଟି ଅଳ୍ପକେ ବର୍ତ୍ତିଯାଇଛି। ସୂଚନାନୁସାରେ, ଶନିବାର ସକାଳ ପ୍ରାୟ ୮ଟାରେ ଚାର୍ମେଇ ଶାଳ ଛାଲି ଦଉଡ଼ି ଆଣିବାକୁ ପୁଅକୁ ଧରି ଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ପୁଅକୁ ବସାଇଦେଇ ଦଉଡ଼ି ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ଚାର୍ମେଇଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇ ଜଙ୍ଗଲ ଭିତରକୁ ପଳାଇଥିଲା। ଏଥିରେ ଘଟଣାସ୍ଥଳରେ ଚାର୍ମେଇଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ବର୍ଷକର ପୁଅ ଅଳ୍ପକେ ରକ୍ଷା ପାଇଯାଇଥିଲା। ଶିଶୁପୁତ୍ରଟିର କାନ୍ଦ ଶୁଣି ମଧ୍ୟାହ୍ନରେ କିଛି ସ୍ଥାନୀୟ ଲୋକେ ତାକୁ ଜଙ୍ଗଲରୁ ଉଦ୍ଧାର କରିଥିଲେ।

ଖବର ପାଇ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସିଂ, ଏସିଏଫ୍ ଧରିତ୍ରୀ ମୁର୍ମୁ, ବନପାଳ ପ୍ରଭାତ ରଞ୍ଜନ ମହାନ୍ତ, ବନପାଳ ଶୁଭଲକ୍ଷ୍ମୀ ପାତ୍ର ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବିଶୋଇ ତହସିଲଦାର ସତ୍ୟବାନ ନାଏକଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ିଆ ପଞ୍ଚାୟତ ସରପଞ୍ଚ ସାବିତ୍ରୀ ସୋରେନ ଓ ପଞ୍ଚାୟତ ସମିତି ସଦସ୍ୟ ଚାନ୍ଦ୍ରାୟ ସୋରେନ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି।

**ହିନ୍ଦୋଳ ବନାଞ୍ଚଳ ଶିକାରୀଙ୍କ ପ୍ରାଦୁର୍ଭାବ**

# ଫରେଷ୍ଟ ଗାର୍ଡଙ୍କୁ ଗୁଳି କରି ହତ୍ୟା

- ଗାର୍ଡ ଅଫ୍ ଅନର୍ ସହ ପ୍ରହଲ୍ଲାଦଙ୍କ ଶେଷକୃତ୍ୟ ସମ୍ପନ୍ନ
- ୩୦ ଲକ୍ଷର ଅନୁକମ୍ପା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୨୪।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ତାଣ୍ଡିଚିରା କଇଁ ଜଙ୍ଗଲରେ ଶିକାରୀଙ୍କ ଗୁଳି ମାଡ଼ରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ପ୍ରହଲ୍ଲାଦ ପ୍ରଧାନ। ତାଙ୍କ ଘର କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡାମାଳି ଗ୍ରାମରେ। ଏହି ଜଙ୍ଗଲରେ କିଛି ଦିନ ହେବ ଶିକାରୀମାନେ ଜନ୍ତୁ ଶିକାର କରୁଥିବା ନେଇ ବନ ବିଭାଗ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ଶୁକ୍ରବାର ରାତି ପ୍ରାୟ ୩ଟାରେ ହିନ୍ଦୋଳ ଏନ୍ଏସି ୱାର୍ଡ ନଂ ୧୪ ଅନ୍ତର୍ଗତ କଇଁ ଜଙ୍ଗଲ ମଧ୍ୟରେ ଥିବା ଏକ ବଗିଚା ଓ ଘରକୁ ବନ ବିଭାଗର ଏକ ଟିମ୍ ଘେରାଉ କରିଥିଲା। ଏହି ଟିମ୍‌ରେ ପ୍ରହଲ୍ଲାଦ ରହିଥିଲେ। ବନ କର୍ମଚାରୀମାନେ ସେଠାରେ କିଛି ଶିକାରୀଙ୍କୁ କାବୁ କରି ନେଇଥିବା ବେଳେ ଜଣେ ଶିକାରୀ ପ୍ରହଲ୍ଲାଦଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ପ୍ରହଲ୍ଲାଦଙ୍କ ପେଟରେ ବାଜିଥିଲା। ଗୁରୁତର ପ୍ରହଲ୍ଲାଦଙ୍କୁ ପ୍ରଥମେ ହିନ୍ଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରହଲ୍ଲାଦଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଆଜି ପ୍ରଚାରିତ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଖବର ପାଇ ଏସ୍‌ପି ଅଭିନବ ସୋନକର, ହିନ୍ଦୋଳ ଏସଡିପିଓ ଓ ଥାନାଧିକାରିଣୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ହିନ୍ଦୋଳ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍, ଅନୁସନ୍ଧାନୀ କୁକୁର ସହାୟତାରେ ଛାନଭିନ୍ କରିଥିଲା। ଏହି ଘଟଣାରେ ହିନ୍ଦୋଳ ବନ ବିଭାଗ ୪ଜଣଙ୍କୁ ଗିରଫ କରି ହିନ୍ଦୋଳ ପୁଲିସ୍‌କୁ ହସ୍ତାନ୍ତର କରିଛି। ସେମାନେ ହେଲେ, ସ୍ଥାନୀୟ ତାଣ୍ଡିଚିରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ, ନରସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ଆଲୋକ, ଇଲିରିସିଙ୍ଗା ଅଞ୍ଚଳର ଶିବରାମ ପ୍ରଧାନ ଏବଂ ନରସିଂହପୁର କନ୍ଦାଳୁ ଗ୍ରାମର ସୁନୀଲ କୁମାର ଜେନା। ହିନ୍ଦୋଳ ପୁଲିସ୍ ଏ ସଂକ୍ରାନ୍ତରେ ୧୫୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପ୍ରହଲ୍ଲାଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ତାଙ୍କ ପରିବାରକୁ ୩୦ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବାକୁ ପିସିସିଏଫଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବ୍ୟବଚ୍ଛେଦ ପରେ ପ୍ରହଲ୍ଲାଦଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପିସିସିଏଫ୍, ଆରସିସିଏଫ, ଡିଏଫଓ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକରଙ୍କ ସମେତ ବହୁ ପଦାଧିକାରୀ ଏବଂ ଲୋକପ୍ରତିନିଧି ତାଙ୍କ ଶେଷ ଦର୍ଶନ କରିଥିଲେ। ଶେଷରେ ଗାଁ ଶ୍ମଶାନରେ ପ୍ରହଲ୍ଲାଦଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୦୯ରୁ ପ୍ରହଲ୍ଲାଦ ଫରେଷ୍ଟଗାର୍ଡ ଭାବେ ଯୋଗଦେଇ ଅନେକ ପ୍ରଶଂସା ସାଉଁଟିଥିଲେ। ଏପରିକି ବିଭାଗ ପକ୍ଷରୁ ମଧ୍ୟ ତାଙ୍କୁ ଶ୍ରେଷ୍ଠ ବନକର୍ମଚାରୀ ଭାବେ ସମ୍ମାନିତ ମଧ୍ୟ କରାଯାଇଥିଲା। ପ୍ରହଲ୍ଲାଦଙ୍କ ଘରେ ତାଙ୍କର ବିଧବା ପତ୍ନୀଙ୍କ ସହ ୬ ବର୍ଷର ଝିଅ ରହିଛି। ଘଟଣାକୁ ନେଇ ଡିଏଫ୍‌ଓ ସୁମିତ କର ଗଭୀର ଶୋକ ପ୍ରକାଶ କରିଛନ୍ତି।

**■ ଭଉଣୀ ଘରେ ପହଞ୍ଚି ପାରିଲାନି ସାବିତ୍ରୀ ଭାର**

# ବଜ୍ରପାତରେ ଚାଲିଗଲା ଭାଇର ଜୀବନ

**ଟାଙ୍ଗୀ/ଭୂଷଣ୍ଡପୁର,୨୪।୫(ସମିସ):** ସୋମବାର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ଶାଢ଼ି-ଚୂଡ଼ି, ଶଙ୍ଖା-ସିନ୍ଦୂର ସାଙ୍ଗକୁ ଫଳଭାର ନେଇ ଭଉଣୀ ଘରକୁ ଯାଉଥିଲେ। କିନ୍ତୁ ବାଟ ଅଧାରୁ ଯମ ଟେକିନେଲା। ଆକାଶରୁ ବଜ୍ର ଖସି ଭାଇର ଜୀବନ ଚାଲିଗଲା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାରେ ଆଜି ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, କନ୍ତଲବାଇର ନବକିଶୋର ମହାପାତ୍ରଙ୍କ ପୁଅ ଅଭୟ ମହାପାତ୍ର (୨୭)।



ସୂଚନାନୁଯାୟୀ, ଅଭୟ ଆଜି ସାବିତ୍ରୀ ଭାର ନେଇ ଏକ ବାଇକ୍‌ରେ ନିଜ ଦାଦା ଝିଅ ଭଉଣୀ ଘର ଜରିପଡ଼ାକୁ ଯାଉଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ହଠାତ୍ ବର୍ଷା ପବନ ମାଡ଼ି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ସେ ଟାଙ୍ଗୀ ମଙ୍ଗଳାଯୋଡ଼ି ରାସ୍ତାରେ ଥିବା ଏକ ବରଓସ୍ତ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ଅଭୟ ସେହିଠାରେ ହିଁ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ଅଭୟଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅଭୟଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ପାକିସ୍ତାନ-ଜିନ୍ଦାବାଦ୍'ନାରା ଦେଇ ୨ ଗିରଫ

- ଏନ୍‌ଆଇଏ ଜାଣିବା ପରେ ଚାଉଳିଆଗଞ୍ଜ ପୁଲିସର କାର୍ଯ୍ୟାନୁଷ୍ଠାନ
- ଅଭିଯୁକ୍ତଦ୍ୱୟ ମର୍ଚ୍ଚାଣ୍ଟ ନ୍ୟାଭି ଓ ଆଇନପେସାରେ ଥିବା ଡିସିପିଙ୍କ ସୂଚନା

**କଟକ, ୨୪।୫(ସମିସ):** 'ପାକିସ୍ତାନ ଜିନ୍ଦାବାଦ' ନାରା ଦେବା ୨ଜଣ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଏହି ୨ଜଣ ଯୁବକଙ୍କୁ ଗିରଫ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ। ସୋସିଆଲ ମିଡିଆରେ ଏ ସମ୍ପର୍କିତ ବିବାଦୀୟ ଭିଡିଓ ଭାଇରାଲ ହେବା ପରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଏହା ଜାଣିବାକୁ ପାଇଥିଲା। ପରେ ଚାଉଳିଆଗଞ୍ଜ ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। ସେମାନେ ହେଲେ, ମହାନଦୀବିହାରରେ ରହୁଥିବା କଟକ ଜିଲ୍ଲା ନରସିଂହପୁର ନିକଟ କାନପୁର ଥାନା ଅଞ୍ଚଳର ସୌରଭ କୁମାର ସାହୁ(୨୭) ଓ ମହାନଦୀ ବିହାରର ଗୌତମ ଲେଙ୍କା(୨୮)। ଅଭିଯୁକ୍ତଦ୍ୱୟଙ୍କଠାରୁ ୨ଟି ଫୋନ୍ ଜବତ ହୋଇଛି। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ଜେଲ୍ ପଠାଇ ଦିଆଯାଇଛି ବୋଲି ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ଗତ ୧୫ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ କିଛି ଯୁବକ ଗାନ୍ଧୀପଲ୍ଲୀର ମହାନଦୀ କୂଳ ଗଡ଼ାରେ ବସି ଖଟି କରୁଥିଲେ। ସେମାନେ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବିଷୟରେ ଆଲୋଚନା କରୁଥିଲେ। ଏହାକୁ ନେଇ ୨ ପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ମଧ୍ୟରେ କିଛି ଯୁବକଙ୍କୁ କଡ଼ା ସମାଲୋଚନା କରିବାକୁ ଯାଇ ଅଭିଯୁକ୍ତ ସୌରଭ ପାକିସ୍ତାନ ସପକ୍ଷରେ ନାରା ଦେଇଥିଲା। ପ୍ରାୟ ୫୦ ଥର ଲଗାତାର ଭାବେ ସେ ପାକିସ୍ତାନ ଜିନ୍ଦାବାଦ ବୋଲି କହିଥିଲା। ଆଉ ଏହି ସମୟର ଦୃଶ୍ୟକୁ ପାଖରେ ଥିବା ଗୌତମ ଲେଙ୍କା ନିଜ ମୋବାଇଲରେ ରେକର୍ଡିଂ କରିଥିଲା। ତୁରନ୍ତ କିଛି ହ୍ୱାଟସଆପ ଗ୍ରୁପରେ ଉକ୍ତ ଭିଡିଓକୁ ଛାଡିବା ପରେ ତାହା ଆଖିପିଛୁଳାକେ ଭାଇରାଲ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେହି ସମୟରେ ଭାରତ ପାକିସ୍ତାନ ମଧ୍ୟରେ ଅପରେସନ ସିନ୍ଦୁର ପରବର୍ତ୍ତି ତିକ୍ତତା ସର୍ବୋଚ୍ଚ ସ୍ତରରେ ଥିଲା। ଏପରିକି ଭାଇରାଲ ଭିଡିଓ ବିଷୟ ଶେଷରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ମଧ୍ୟ ଜାଣିବାକୁ ପାଇଥିଲା। ଏ ବିଷୟରେ ତଦନ୍ତକାରୀ ଏଜେନ୍ସି କମିଶନରେଟ୍ ପୁଲିସକୁ ଅବଗତ କରାଇଥିଲା। କମିଶନରେଟ୍ ପୁଲିସ ଠାରୁ ଏ ସମ୍ପର୍କରେ ତୁରନ୍ତ ଉତ୍ତର ଦେବାକୁ କୁହାଯାଇଥିଲା। ଚାଉଳିଆଗଞ୍ଜ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଭିଡିଓଟି ଅନ୍ଧାରୁଆ ଓ କମ ସମୟରେ ହୋଇଥିବାରୁ ତାହା କେଉଁଠିକାର ଏବଂ କିଏ କରିଛି ତାହା ଜଣାପଡନଥିଲା। ଗତ ଏକ ସପ୍ତାହ ଧରି ଯାଞ୍ଚ ପରେ ଆଜି ଅଭିଯୁକ୍ତ ଦ୍ୱୟଙ୍କୁ ଚିହ୍ନଟ କରିବାରେ ପୁଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମର୍ଚ୍ଚାଣ୍ଟ ନ୍ୟାଭିରେ ଥିବା ବେଳେ ଅନ୍ୟ ଜଣେ ଆଇନ ପେଷା ସହିତ ଜଡିତ ବୋଲି ପୁଲିସ ସୂଚନା ଦେଇଛି। ଅଧିକ ତଦନ୍ତରୁ ଜଣାପଡିଛିଯେ, ଜାଣିଶୁଣି ୨ ଯୁବକ ଏଭଳି ନାରା ଦେବା ସହିତ ତାହାକୁ ଅନ୍ୟମାନଙ୍କ ପାଖକୁ ପହଞ୍ଚାଇଥିଲେ। ଉକ୍ତ ଭିଡିଓଟି ଦୁଇ ସଂପ୍ରଦାୟ ମଧ୍ୟରେ ବିବାଦକୁ ବଢାଉଥିଲା। କଟକରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ଆଶଙ୍କା ବଢିଥିଲା। ତେଣୁ ଦେଶ ଭିତରେ ସାଂପ୍ରଦାୟିକ ସଦଭାବନା ବିଗାଡିବା ଓ ୨ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି କରିବା ଅଭିଯୋଗରେ ପୁଲିସ ଯୁବକ ଦ୍ୱୟଙ୍କୁ ଗିରଫ କରିଥିବା ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଯୁବ ଆଇନଜୀବୀ ମୃତ

**କରଞ୍ଜିଆ, ୨୪।୫(ସମିସ):** କରଞ୍ଜିଆ ସହରର (ଗଡ଼ସାହି) ନିବାସୀ ତଥା ଯୁବ ଆଇନଜୀବୀ ସୌମେନ୍ଦ୍ର ମହାନ୍ତି ଓରଫ ବୁଲୁଙ୍କ ଶୁକ୍ରବାର ସାଢେ ୧୧ଟା ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଏକ କାମରେ ଆନନ୍ଦପୁର ଯାଇଥିଲେ। ରାତିରେ କାର ଯୋଗେ ଫେରୁଥିବା ବେଳେ ଭାରସାମ୍ୟ ହରାଇ କାଦଡ଼ିହା ଗ୍ରାମ ଛକରେ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୪୦ ବର୍ଷ ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ କରଞ୍ଜିଆ ବାର ଓ ନୂତନ ବସଷ୍ଟାଣ୍ଡକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅବଶିଷ୍ଟାଂଶ

### ସଅଳ ଛୁଇଁଲା...

ସୂଚନାଯୋଗ୍ୟ, ଗତ ୫୦ ବର୍ଷ ମଧ୍ୟରେ ୧୯୯୦ ମସିହାରେ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଆକଳନର ୧୩ ଦିନ ପୂର୍ବରୁ ଅର୍ଥାତ୍ ସେହିବର୍ଷ ମେ' ୧୯ରେ ମୌସୁମୀ କେରଳ ଛୁଇଁଥିଲା। ୨୦୦୯ରେ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ମେ' ୨୩ ତାରିଖରେ କେରଳ ଉପକୂଳ ଛୁଇଁଥିଲା। ୧୬ ବର୍ଷ ପରେ ପୁଣି ଥରେ ମୌସୁମୀ କ୍ଷିପ୍ରଗତିରେ ଆସି ମେ' ୨୪ରେ କେରଳ ଛୁଇଁଛି। ଅନ୍ୟପକ୍ଷରେ କିଛି ଘଣ୍ଟା ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଏବଂ ତାମିଲନାଡୁ ଛୁଇଁବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁରେ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ମୌସୁମୀ ସକ୍ରିୟ ହେବା ସହିତ ସପ୍ତାହକ ମଧ୍ୟରେ ଏହା ଦକ୍ଷିଣ ଭାରତର ସମସ୍ତ ରାଜ୍ୟ ଏବଂ ଜୁନ୍ ୪ ସୁଦ୍ଧା ପୂର୍ବ ଏବଂ ମଧ୍ୟଭାଗ ଛୁଇଁବ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀ ଉପରେ ଏଲ୍-ନିନୋର ପ୍ରଭାବ ପଡ଼ିବାର ସମ୍ଭାବନା କମ୍ ବୋଲି କୁହାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ଏହା ମୌସୁମୀକୁ ଆହୁରି ସକ୍ରିୟ କରିବ। ମୌସୁମୀ ଆଗମନ ପୂର୍ବରୁ ଗତ ୧-୨ ଦିନ ଧରି ରାଜ୍ୟବାପୀ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଏହା ଆସନ୍ତା ୨୯ ତାରିଖ ଯାଏଁ ଲାଗି ରହିବ।

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗଞ୍ଜାମର ପାତ୍ରପୁରଠାରେ ସର୍ବାଧିକ ୧୧୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼, ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜ, ବଲାଙ୍ଗିର, କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକରେ ଭଲ ବର୍ଷା ହୋଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆସନ୍ତା ୩୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଆସନ୍ତାକାଲି ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, ବାଲେଶ୍ୱର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖରୁ ଝଡ଼ବର୍ଷାର ପ୍ରକୋପ ବଢ଼ିବାକୁ ଥିବାବେଳେ ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ତାପମାତ୍ରା ଅପରିବର୍ତ୍ତିତ ରହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

### ଧୋଇଗଲା ହାଟ...

ଜୋର୍‌ରେ ପବନ ସହ ବର୍ଷା ହୋଇଥିଲା। ବାଦଲ ଫଟା ବର୍ଷା ଯୋଗୁଁ ହାଟରେ ଜରି ପାଲ ଦେଇ ବ୍ୟବସାୟ କରୁଥିବା ବ୍ୟବସାୟୀ ଅସହାୟ ହୋଇ ପଡ଼ିଥିଲେ। ପବନରେ ଜରି ପାଲ ଉଡ଼ି ଯାଇ ବ୍ୟବସାୟୀଙ୍କ ଜିନିଷ ନଷ୍ଟ ହୋଇ ଯାଇଥିଲା। ହାଟରେ ବ୍ୟବସାୟୀ ବିକ୍ରି କରୁଥିବା ପରିବା, ଚପଲ ଭଳି ବିଭିନ୍ନ ଜିନିଷ ପତ୍ର ପାଣିରେ ଭାସିଯାଇଥିବା ଦେଖିବାକୁ ମିଳିଛି। ଅଚାନକ ବର୍ଷା ଯୋଗୁଁ ହାଟକୁ ଆସିଥିବା ଗ୍ରାହକ ମଧ୍ୟ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ଅଳ୍ପ ସମୟ ମଧ୍ୟରେ ଏତେ ପରିମାଣର ବର୍ଷା ଲମତାପୁଟରେ ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରବଳ ବର୍ଷାରେ ଜୟପୁର-ବିଶାଖାପାଟଣା ରାଜପଥ ଉପରେ ବର୍ଷା ଜଳ ଜମି ରହିବାରୁ କିଛି ସମୟ ପାଇଁ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଯୋଗୁଁ କ୍ଷୟକ୍ଷତିର କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇ ନଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ରିପୋର୍ଟ ମଗା ଯାଇଥିବା ସେ କହିଛନ୍ତି।

### 'ଟିମ୍ ଇଣ୍ଡିଆ' ହୋଇ...

କରିଛନ୍ତି। ଚଳିତ ବର୍ଷ ନିତି ଆୟୋଗର ସଂକଳ୍ପ ରାଜ୍ୟ ବିକାଶ ପାଇଁ ଉଦ୍ଦିଷ୍ଟ ରହିଛି। ରାଜ୍ୟମାନଙ୍କ ଦ୍ରୁତ ବିକାଶ ଦ୍ୱାରା ଦେଶର ସାମଗ୍ରିକ ବିକାଶ ସମ୍ଭବ ବୋଲି କୁହାଯାଇଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମିଳିତ ଉଦ୍ୟମରେ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାକୁ ହେଲେ ଏହି ପଦ୍ଧତିରେ କାର୍ଯ୍ୟ କରିବାକୁ ପଡ଼ିବ। ଏହି ଅବସରରେ ସେ 'ୱାନ ଷ୍ଟେଟ୍ : ୱାନ ଗ୍ଲୋବାଲ ଡେଷ୍ଟିନେସନ୍' ପାଇଁ ଆହ୍ୱାନ ଜଣାଇଛନ୍ତି। ପ୍ରତ୍ୟେକ ରାଜ୍ୟ ଆନ୍ତର୍ଜାତିକ ମାନର ଏକ ପର୍ଯ୍ୟଟନ ସ୍ଥଳ ବିକାଶ କରିବା ସହିତ ବିଭିନ୍ନ ସହରକୁ ବିକାଶ ଦୃଷ୍ଟିରୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରଖିବାକୁ ସେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କହିଛନ୍ତି। ଏହି ବୈଠକରେ ତିନି ରାଜ୍ୟକୁ ଛାଡି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ , କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ନିତି ଆୟୋଗ ଉପାଧ୍ୟକ୍ଷ ଉପସ୍ଥିତ ରହିଥିଲେ। ଅପରପକ୍ଷେ ନିତି ଆୟୋଗର ୧୦ ପରିଚାଳନା ପରିଷଦ ବୈଠକରେ ବିକଶିତ ଓଡ଼ିଶାର ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୨୦୩୬ ମସିହା ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରୁଛି। ସେହିପରି ୨୦୪୭ ସୁଦ୍ଧା ସ୍ୱାଧୀନ ଭାରତକୁ ୧୦୦ ବର୍ଷ ପୂର୍ତ୍ତି ହେଉଛି। ୨୦୩୬ ସୁଦ୍ଧା ଓଡ଼ିଶା ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟ ରଖିଛି। ଆସନ୍ତା ଜୁନ ୧୨ ତାରିଖରେ ରାଜ୍ୟରେ ବିଜେପି ନିଜ ସରକାରର ପ୍ରଥମ ବର୍ଷ ପୂରଣ କରୁଥିବା ବେଳେ ସେହିଦିନ ୨୦୩୬ ସମୃଦ୍ଧ ଓଡ଼ିଶାର ମୂଳଦୁଆ ପଡ଼ିବ। ୨୦୩୬ ସୁଦ୍ଧା ଏକ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଏହାର ଦୃଷ୍ଟିକୋଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ସରକାର ଏବଂ ଅନ୍ୟ ରାଜ୍ୟର ପ୍ରତ୍ୟେକ୍ଷ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି। ଭିଜନ ଡକ୍ୟୁମେଣ୍ଟ ପାଇଁ ପ୍ରାୟ ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତ ଗ୍ରହଣ କରାଯାଇଛି। ଆସନ୍ତା ୧୨ ତାରିଖରେ ଏହି ଭିଜନ ଡକ୍ୟୁମେଣ୍ଟର ଲୋକାର୍ପଣ ହେବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ କୃଷକଙ୍କ ଉନ୍ନତି ସହ ବିଶ୍ୱସ୍ତରୀୟ ରାସ୍ତା, ରେଳ ଏବଂ ବାୟୁ ଯୋଗାଯୋଗ ବ୍ୟବସ୍ଥାର ନିର୍ମାଣ ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷ ମଧ୍ୟରେ ରାଜ୍ୟ ସରକାର ନେଇଥିବା ପ୍ରମୁଖ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବତାରଣା କରିଥିଲେ।

### ଗୋଡ଼ାଇ ଗୋଡ଼ାଇ...

କରୁଥିବା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୁଲିସ୍ ପ୍ରଫୁଲ୍ଲଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ସେହି ଗ୍ରାମର ବିଭୂତି ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଅନ୍ୟ ୩ଜଣ ଫେରାର୍ ହୋଇଯାଇଥିବା ଜଣାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି।

ସୂଚନାନୁଯାୟୀ, ପ୍ରଫୁଲ୍ଲ ଆଜି ନିଜ ଚାଷ ଜମିରେ ଜେସିବି ସାହାଯ୍ୟରେ କାମ କରୁଥିଲେ। ତାଙ୍କ ଜମି ପାର୍ଶ୍ୱକୁ ଲାଗି ସେହି ଗ୍ରାମର ବିଭୂତି ପ୍ରଧାନ ଚାଷଜମି ରହିଛି। ବିଭୂତିଙ୍କ ଜମି ଆଡ଼କୁ କିଛି ମାଟି ଧସିଯିବାରୁ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ, କଥା ବଢ଼ିବାରୁ ବିଭୂତିଙ୍କ ସହ ତାଙ୍କ ସ୍ତ୍ରୀ, ଭାଇ ଏବଂ ମାଆ ମିଶି ସଂଘବଦ୍ଧ ଭାବେ ପ୍ରଫୁଲ୍ଲଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡ଼ିଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ।

**ADMISSION NOTICE**
**ROURKELA LAW COLLEGE, ROURKELA**
(Affiliated to Madhusudan Law University & BCI. Accredited by NAAC)
Admission into 1st Semester of 3 years LL.B. Degree Course (CBCS System) for the session 2025-2026
ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.
Application form will be available in the College Office from 8.30 A.M to 10.30 A.M from 26.05.2025 on payment of Rs. 500/- on cash by hand and Rs. 800/- by Registered Post or download from college website www.rourkelalawcollege.in and submit along with a Demand Draft of Rs. 500/-.
In Campus Hostel available for Girls only.
For Admission Contact:- Mobile No.: 9439025508, 8249701300, 8249872894, 7992799527, 7606882907, 9937129994 and Mobile No.: 9337796064.
Sd/- Principal

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**NOTICE**
By virtue of an affidavit sworn before The Notary Public, Keonjhar dated 02.05.2025, I, Lahari Munda, Address: At-Trilochanpur, Po-Nischintapur, Ps-Jhumpura, Dist-Keonjhar, Pin-758047, Odisha declare that I have changed my name from Pande Purty to Lahari Munda. Henceforth, I shall be known as Lahari Munda for all purposes.
LAHARI MUNDA

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Ipsita Sarangi , Address At- Hatpada Pada, Po/Ps- Titilagarh, Dist- Balangir, Odisha Pin- 767033 declare that I have changed my name from Sushree Ipsita Sarangi to Ipsita Sarangi. Henceforth, I shall be known as Ipsita Sarangi for all purposes.
Ipsita Sarangi

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2025-13, ତା.19.05.2025ରିଖ
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ସୁଦୂର ଡିପୋ ମନ୍ତ୍ରୁର (UDM) ପାଇଁ ଇନ୍‌ଷ୍ଟ୍ରୁମେଣ୍ଟ ର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବଲଙ୍ଗା, ରେଢ଼ାଖୋଲ, ସମ୍ବଲପୁର ସିଟୀ, ରେଙ୍ଗାଲି, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, ରୁପ୍ରା ରୋଡ଼, ମୁନିଗୁଡ଼ା, ଭବାନିପାଟଣା, କଣ୍ଟାବାଞ୍ଜି, ଖରିଆର ରୋଡ଼ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିଆର ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ ରେଲନେଟ୍ ର ବିସ୍ତାର।
ଟେଣ୍ଡର ମୂଲ୍ୟ: ₹ 68,30,702.89, ବିଡ୍ ସିକ୍ୟୁରିଟି: ₹ 1,36,600/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1100 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାତ/ଡାକ/କୋରିଅର ଯୋଗେ କିମ୍ବା ହାର୍ଡ କପି ଜମା କରିବା ଗ୍ରହଣୀୟ ନୁହେଁ। ପୋର୍ଟାଲ (Firm) ର ଟେଣ୍ଡର ଦାଖଲ କରାଯାଇଥିବ। ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧ୍ୱସ୍ତ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଡକ୍ୟୁମେଣ୍ଟ ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଛି।
ଟିପ୍ପଣୀ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ । ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଟେଲି), ସମ୍ବଲପୁର
PR-164/Q/25-26

**AFFIDAVIT**
I, Alema Parween, W/o- Shaikh Riyazuddin, resident of Chandpur, Po/Ps-Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.-21/05/2025 that now onw-ards I shall be known as ALEMA BIBI for all future purposes.

**AFFIDAVIT**
I, Sraban Kumar Budankailu Subudhi, S/o- Purna Chandra Subudhi, resident of Flat No. B-904, Z1 Vyom Apartment, Nandankanan Road, Raghunathpur, Dist.-Khordha, Odisha- 751024 declare by this affidavit No. 69 dated 04.11.2024 that now onwards I shall be known as **SRABAN KUMAR SUBUDHI** for all future purposes.

**AFFIDAVIT**
By virtue of an affidavit No.6238, Dtd.19.05.2025 sworn before the Executive Magistrate, Balasore, I, Sasmita Parida, D/o. Tulasi Parida, At./Po.: Mirjapur, Ps.- Khaira, Dist. Balasore, Odisha, declare that in my Adhar vide no. 977696737445 and Enrollment No. 1092/10221/06604, my sister's photo i,e. Jharana Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
By virtue of an affidavit sworn before (Executive Magistrate) Koraput, 23-05-2025 I, Satyanarayan Jalli Banabharati Colony, Koraput declare that I have changed the name of my son from Santosh Jalli to Sandesh Kumar Jalli Henceforth,he shall be known as Sandesh Kumar Jalli for all purposes.
Satyanarayan Jalli

**AFFIDAVIT**
By virtue of an affidavit sworn before the Executive Magistrate, Baripada, Mayurbhanj; I Ramakanta Patra, S/O Gradadhara Patra, resident At-Dharampur, P.O - Brundabanachandrapur, P.S - Khunta, Dist - Mayurbhanj, Pin - 757087, declare that this affidavit no - 3371, dated - 23.05.2025.That I have changed my daughter's name from Gunman Patra to Gunjan Patra; henceforth, she shall be known as Gunjan Patra for all purposes.
Sd/- Ramakanta Patra

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Dingara Chhatara , Address At/Po-Ghantabahali, Ps- Titilagarh, Dist-Balangir, Odisha, Pin- 767033 declare that I have changed my daughter's name from Tapaswani Chhatar to Tapaswini Chhatar. Henceforth, she shall be known as Tapaswini Chhatar for all purposes.
Dingara Chhatara

**AFFIDAVIT**
By virtue of an affidavit sworn before Notary Public Titilagarh, dated 21/05/2025 I, Pabitra Majhi, Address At- Kharsel Pada, Po- Kuskela, Ps- Sindhekela, Dist-Balangir, Odisha, Pin- 767066 declare that I have changed my name from Krushna Chandra Majhi to Pabitra Majhi. Henceforth, I shall be known as Pabitra Majhi for all purposes.
Pabitra Majhi

**AFFIDAVIT**
By virtue of an affidavit No.6237, Dtd.19.05.2025 sworn before the Executive Magistrate, Balasore I, Jharana Parida, D/o.Murali Parida, At./Po.: Mirjapur, Ps.-Khaira, Dist. Balasore, Odisha, declare that in my Adhar vide no. 711281800140 and Enrollment No. 1092/20226/02244, my sister's photo i,e. Sasmita Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
By virtue of an affidavit sworn before Notary Public Titilagarh, dated 24/05/2025 I, Pradyumna Tandi, Address At/Po- Haldi, Ps-Muribahal, Dist- Balangir, Odisha, Pin- 767037 declare that I have changed my name from Nila Madhaba Tandi to Pradyumna Tandi. Henceforth, I shall be known as Pradyumna Tandi for all purposes.
Pradyumna Tandi

**AFFIDAVIT**
I, Kumar Aryan, S/O- Paitícheti Anjan Subudhi, resident of Plot No-70, Madhusudan Nagar, Unit-4, Ps- Kharavela Nagar, Bhubaneswar, Dist-Khordha, Odisha, Pin-751001 declared by this affidavit No. 1067, dtd. 24/05/2025 that now onwards I shall be known as **KUMAR ARYAN SUBUDHI** for all future purposes.

**AFFIDAVIT**
I, Priyadarsini Pattnaik, W/o- Sovan Pattnaik, resident of Plot No. PP-30, Pandav Nagar, Road No-4, PO- Badagada BRIT Colony, PS-Badagada, PIN- 751018, Odisha declared by this affidavit No. 951, dtd-30/04/2025 that now onwards I shall be known as **PRIYADARSINI DAS** for all future purposes.

## ଓବିସି ମଞ୍ଚର ସାଧାରଣ ସଭା



ସୁନ୍ଦରଗଡ଼,୨୪।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ବିଜେପି ଓବିସି ମଞ୍ଚର ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସୁନାରି, ମହାକୁଲ, ତେଲି, ଅଘରିଆ, ଥୋଡ଼ିଆ ମହାଜନ, ଶୁଣ୍ଢି, ଗୌଡ଼ ଏବଂ ଅନ୍ୟ ଓବିସି ସମାଜର କର୍ମକର୍ତ୍ତା ଯୋଗ ଦେଇ ଓଡ଼ିଶାରେ ପଛୁଆ ବର୍ଗଙ୍କୁ ଶିକ୍ଷା ଅନୁଷ୍ଠାନରେ ୧୧.୨୫% ପ୍ରତିଶତ ସଂରକ୍ଷଣ ସକାଶେ ସରକାରଙ୍କୁ ସାଧୁବାଦ ଜଣାଇଥିଲେ। ଏଥିରେ ରଞ୍ଜନ ପଟେଲ ସଭାପତିତ୍ୱ କରିଥିବାବେଳେ ଯଶୋବନ୍ତ ନାଏକ ସଭା ପରିଚଳନା କରିଥିଲେ। ସୁନାରି ସମାଜର ଭୋଜରାଜ୍ ମହାପାତ୍ର, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ମହାକୁଲ୍ ସମାଜର ବସନ୍ତ ବେହେରା, ଗଣେଶ ବାରିକ, ତେଲି ସମାଜର ଫକୀର ମୋହନ ପୃଷେଠ, ଅଚ୍ୟୁତ କୁମାର ସାହୁ, ଅଖିଳ ବେହେରା, ସଞ୍ଜୟ କୁମାର ଦାନୀ, ଅଘରିଆ ଦିଲ୍ଲୀପ କୁମାର ପଟେଲ, ଶିଶିର କୁମାର ଚୌଧୁରୀ, ବିପିନ ବିହାରୀ ନାଏକ, ଜୟନ୍ତ କୁମାର ନାଏକ, ଅମୂଲ୍ୟ କୁମାର ନାଏକ, ଥୋଡ଼ିଆ ମହାଜନ ସମାଜର ପରୀକ୍ଷିତ ସାହୁ, ଗୌଡ଼ ସମାଜର ବାବୁଲି କର୍ସେଲ ତଥା ଅନ୍ୟ ସମାଜର ପ୍ରତିନିଧି ଉପସ୍ଥିତ ଥିଲେ।

## ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ପାଳିତ



ବାଲିଶଙ୍କରା,୨୪।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ୍ କୁରେଇ ପଞ୍ଚାୟତ ଗଇକନପାଲି ଗ୍ରାମର ଆମ୍ବ ବଗିଚାଠାରେ ବନ ସୁରକ୍ଷା କମିଟି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ପାଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ କ୍ଷେତ୍ର ପରିଚାଳନା ଏକକ ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ଗଇକନପାଲି ଗ୍ରାମର କର୍ମୀ ତଥା ଜନସାଧାରଣ, ବନସୁରକ୍ଷା କର୍ମୀ, ଛାତ୍ରଛାତ୍ରୀ, ଜଶୋମୁରା ଗ୍ରାମର ବନକର୍ମୀ ନୀଳାମ୍ବର ଗଉଡ଼, ସମ୍ପତ୍ତି ସାଏ, ଚାରଡ଼ିପାର ଜସକେତନ ପ୍ରଧାନ, ସସ୍ମିତା ମାଝୀ, ଶାଗଜୁରୀର କନକ ସାଏ, ଗୟାଧର ସାଏ, କାଦୋପାଏନର ରାମଧର ମାଝୀ, ଭାଗୀରଥି ମାଝୀ, କୁରେଇ ଗ୍ରାମର ହୃଦାନନ୍ଦ ବାରିକ, ଗୋବର୍ଦ୍ଧନ ଖୁଣ୍ଟିଆ, ଗାଇକନପାଲିର ଟଙ୍କଧର ସିଂ, ପପୁ ସିଂ, ଧୁଡ଼ିନୂଆଗାଁର ମନୋଜ ସା, ଜେନାମଣି କିସାନ, ବରିଷ୍ଠ ନାଗରିକ ଭାବେ କଲ୍ୟାଣୀ ସିଂ, ନୀଳାଦ୍ରି ସିଂ, ଜ୍ୟୋତି ସିଂ, ସୁବ୍ରତ ସିଂ, ଅଶୋକ ସିଂ ପ୍ରମୁଖ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଯୋଗ ଶିକ୍ଷା ଦେଇଥିଲେ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ। ପରିଚାଳନା କରିଥିଲେ ପ୍ରତାପ କୁମାର ଛୁରିଆ। ମିତ୍ରଭାନୁ ମାହାର, ଅନନ୍ତ ମହନ୍ତ ପ୍ରମୁଖ କାର୍ଯ୍ୟଭାର ତୁଲାଇଥିଲେ। ଜନ୍ମଦିନରେ କେକ୍ କାଟି ମହମବତୀ ଫୁଙ୍କି ଲିଭାଇବା ବଦଳରେ ଗଛଟିଏ ଲଗାଇବାକୁ ଆହ୍ୱାନ ଦିଆଯାଇଥିଲା।

## ଅହଲ୍ୟା ବାଈ ହୋଲକରଙ୍କ ଜୟନ୍ତୀ ନେଇ କର୍ମଶାଳା



ସୁନ୍ଦରଗଡ଼,୨୪।୫(ସମିସ): ବିଜେପି ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ସଂଯୋଜକ ସୁରେନ୍ଦ୍ର ଭିତ୍ରିଆଙ୍କ ଅଧ୍ୟକ୍ଷତାରେ ଅହଲ୍ୟା ବାଈ ହୋଲକରଙ୍କ ୩୦୦ ତମ ଜୟନ୍ତୀ ପାଳନ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ସ୍ୱଚ୍ଛ ଭାରତ ରାଜ୍ୟ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ବରିଷ୍ଠ ନେତା ଭୋପାଳ ସାହୁ, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସଂଯୁକ୍ତା ନାଏକ, ସଦର ବ୍ଲକ୍ ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଜିଲ୍ଲା ସହ ସଂଯୋଜିକା ରୁବିରାଣୀ ପଟେଲ ପ୍ରମୁଖ ଯୋଗଦେଇ ଅଷ୍ଟ ଦଶ ଶତାବ୍ଦୀର ଇତିହାସରେ ମହାରାଣୀ ଦେବୀ ଅହଲ୍ୟା ବାଈ ହୋଲକରଙ୍କ କୃତିତ୍ୱ ଓ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଆସନ୍ତା ୩୧ ତାରିଖରେ ଜନ୍ମୋତ୍ସବ ଜିଲ୍ଲା ଓ ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲାର ସମସ୍ତ ୨୨ଟି ମଣ୍ଡଳରେ ପାଳିତ ହେବ। ଏଣୁ ଏହାର ସଫଳ ରୂପାୟନ ପାଇଁ ଦଳୀୟ ନେତା, କର୍ମୀଙ୍କୁ ଦିଗଦର୍ଶନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଦାମ ହୋତା, ଭୋଳାନାଥ ପଟେଲ, ପରୀକ୍ଷିତ ସାହୁ, ରମେଶ ସୋରେଙ୍ଗ, ସୁମନ୍ତ ଚାଲାଣ, ପିଙ୍କୁ ପୃଷେଠ୍, ବିଜୟ ଚୌଧୁରୀ, ମହିଳା ନେତ୍ରୀ ଲତିକା ପଟ୍ଟନାୟକ, ଅଞ୍ଜନା ପଟେଲ, ଦୋଳରସା ଗୁଡ଼ିଆ, କାଉନସିଲର ଭାରତୀ ପଟେଲ, ଦୀପାଞ୍ଜଳି ନନ୍ଦ, ମମତା ଖାଲଖୋ, ଲକ୍ଷ୍ମୀ ପଟେଲ, ରମା ନାଏକ, ଉଷା ନାଏକ, ସଂଯୁକ୍ତା ପଟେଲ, ତୃଷାରାଣୀ ହୋତା, ନିବେଦିତା ନାଏକ, ରୀନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୋରଜବରଦସ୍ତ କୋଇଲା ପରିବହନ ମସୁଧା

# ଆନ୍ଦୋଳନକାରୀଙ୍କୁ ଧମକ; ଉତ୍ତେଜନା

ସୁନ୍ଦରଗଡ଼,୨୪।୫(ସମିସ): ଗତ ୩ ତାରିଖରେ ହେମଗିର ବ୍ଲକ୍‌ର ବରପାଲି ନୂତନ କୋଇଲା ସାଇଡିଂରେ ପରିବହନକୁ ବିରୋଧ କରୁଥିବା ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ୯୫ ଜଣ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେବା ପରେ କୋଇଲା ପରିବହନ ବନ୍ଦ ରହିଥିଲା। ତେବେ ୩ ସପ୍ତାହର ନିରବତା ପରେ ଶୁକ୍ରବାର ରାତିରେ ପୁଣି ପରିବହନ ପାଇଁ ମସୁଧା କରାଯାଉଥିବାରୁ ଗ୍ରାମବାସୀଙ୍କ ସହ ବିଧାୟକ ଘଟଣାସ୍ଥଳରେ ଜଗି ରହିଥିବାବେଳେ ଆଜି ସନ୍ଧ୍ୟାରେ ଜିଲ୍ଲା ବାହାରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅସାମାଜିକ ବ୍ୟକ୍ତି ଆସି ଆନ୍ଦୋଳନକାରୀଙ୍କୁ ଧମକ ଚମକ ଦେଇଥିଲେ। ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ହେମଗିରି ଥାନା



ପୁଲିସ ଘଟଣାସ୍ଥଳକୁ ଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ଜିଲ୍ଲା ବାହାରର ଅସାମାଜିକ ବ୍ୟକ୍ତିଙ୍କ ଏପରି କାରନାମାକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ଦେଖା ଦେଇଛି। ବରପାଲିରେ ବଲିଙ୍ଗା, ବାଙ୍କିବାହାଲ, ଗର୍ଜନବାହାଲ, ବାଙ୍ଗୁରକେଲା, କର୍ଲିକଚ୍ଛାର ଆଦି ଗ୍ରାମର ଏସିଏଲ ବିସ୍ଥାପିତଙ୍କୁ ଥଇଥାନ କରା ଯାଇଥିବା ବେଳେ ଏହି ଗ୍ରାମକୁ ଏକ ଆଦର୍ଶ ଗ୍ରାମର ମାନ୍ୟତା ଦେଇ ବିଭିନ୍ନ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଚାଲିଛି। ତେବେ ଏଠାରେ ନୂତନ କୋଇଲା ସାଇଡିଂ ପାଇଁ କୌଣସି ଗ୍ରାମସଭା କିମ୍ବା ଜନ ଶୁଣାଣି କରା ନ ଯାଇ ସାଇଡିଂ ଖୋଲା ଯାଇଛି। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରୁଛନ୍ତି। ଏଠାରେ କୋଇଲା ସାଇଡିଂ ଦ୍ୱାରା ଶହ ଶହ ହେକ୍ଟର ଉର୍ବର ଚାଷଜମି କ୍ଷତିଗ୍ରସ୍ତ ହେବ। ପାଣି ପବନ ପରିବେଶ ପ୍ରଦୂଷିତ ହେବ ବୋଲି ଅଭିଯୋଗ କରୁଛନ୍ତି। ସାଇଡିଂଠାରୁ ମାତ୍ର ତିନି ଶହ ମିଟର ଦୂରତାରେ ବିଦ୍ୟାଳୟ ଥିବାରୁ ଏହାକୁ ବନ୍ଦ କରିବାକୁ ଦାବି କରି ଆସୁଛନ୍ତି। ତଥାପି ପ୍ରଶାସନ ବଳ ପୂର୍ବକ ସାଇଡିଂରେ ପରିବହନ ଆରମ୍ଭ କରିବାକୁ ଉଦ୍ୟମ କରି ଆସୁଛି। ଫଳରେ ଘଟଣାସ୍ଥଳରେ ଗ୍ରାମବାସୀ ପ୍ରାୟ ୪ ମାସ ତଳୁ ଧାରଣା ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ରିଟ୍ ପିଟିସନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ତଥାପି ପ୍ରଶାସନ ପୁଲିସ ବଳ ପ୍ରୟୋଗ କରି ପ୍ରଥମେ ସାଇଡିଂରେ କୋଇଲା ଗଦା କରିବା ପରେ ଗତ ୩ ତାରିଖରେ ଏହାକୁ ରେଳ ଯୋଗେ ପରିବହନ ଆରମ୍ଭ କରିବାକୁ ମସୁଧା କରିଥିଲା। ବିଧାୟକ ଶ୍ରୀ ସିଂହଙ୍କ ନେତୃତ୍ୱରେ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବାରୁ ପୁଲିସ ତାଙ୍କୁ ଉଠାଇ ନେଇଥିଲା।

ପୁଲିସର ଏପରି ଦମନ ଲୀଳାକୁ ବିଜେଡି ତୀବ୍ର ନିନ୍ଦା କରି ଏହା ବିରୋଧରେ ଚରମ ଆନ୍ଦୋଳନ ପାଇଁ ଚେତାବନୀ ଦେବା ପରେ କୋଇଲା ପରିବହନ ବନ୍ଦ ରହିଥିଲା। ଏହାର ତିନି ସପ୍ତାହ ପରେ ଜିଲ୍ଲାର ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ଇସାରାରେ ଅସାମାଜିକ ବଳ ଲଗା ଯାଇ କୋଇଲା ପରିବହନ ପାଇଁ ମସୁଧା କରା ଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରା ଯାଉଛି।

## ନିର୍ମାଣାଧୀନ ସେବାଶ୍ରମ ବିଦ୍ୟାଳୟ କାମ ନିମ୍ନମାନର!

ବାଲିଶଙ୍କରା,୨୪।୫(ସମିସ): ବାଲିଶଙ୍କରା ବ୍ଲକ୍ ତଳସରା ପଞ୍ଚାୟତ ରାଉଳଡେଗା ସେବାଶ୍ରମ ନୂତନ ବିଦ୍ୟାଳୟ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। ଗ୍ରାମବାସୀ କରିଥିବା ଅଭିଯୋଗ ଅନୁଯାୟୀ ଏହି ନୂତନ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟରେ ସୂଚନା ଫଳକ ଲଗାଯାଇ ନାହିଁ। ଅପରପକ୍ଷେ ଫାଉଣ୍ଡେସନରେ ବାଲି ଦେବା ବଦଳରେ ମାଟି ଦେଇ କାର୍ଯ୍ୟ କରାଯାଉଛି। ଏ ସମ୍ପର୍କରେ ଆର୍‌ଡି

ବାଲି ବଦଳରେ ପୋତାହେଉଛି ମାଟି



ଜେଇ ମାଧବନନ୍ଦ ସରେନଙ୍କୁ ଯୋଗାଯୋଗ କରିବାରୁ ମୋ ପାଖରେ ଖବର ନଥିଲା, ଆପଣଙ୍କ ପାଖରୁ ଅଭିଯୋଗ ହେବା ପରେ ଜାଣିବାକୁ ମିଳିଲା, ତୁରନ୍ତ ଏହାର ତଦନ୍ତ କରାଯିବ ବୋଲି କହିଥିଲେ। ଅପରପକ୍ଷରେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବାବେଳେ ଗ୍ରାମରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ପ୍ରଶାସନ ପ୍ରଶାସନ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ରାହ୍ମଣୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ରାଉରକେଲା,୨୪।୫(ସମିସ): ବ୍ରାହ୍ମଣୀ ନଦୀକୁ ଡେଇଁ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସେକ୍ଟର



-୧୬ ଅଞ୍ଚଳର ୧୯ ବର୍ଷୀୟ ଶୁଭମ୍ ପ୍ରଧାନ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, କୌଣସି କାରଣକୁ ନେଇ ହଠାତ୍ ଶୁଭମ୍ ଶୁକ୍ରବାର ରାତିରେ ଆତ୍ମହତ୍ୟା କରିବାକୁ ଯାଉଛି ବୋଲି କହି ଘରୁ ସ୍କୁଟି ନେଇ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ସନ୍ଧାନ ପାଇ ନଥିଲେ। ଏ ନେଇ ପୁଲିସ ନିକଟରେ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଶନିବାର ବେଦବ୍ୟାସ ମନ୍ଦିର ନିକଟରେ ସ୍କୁଟି ଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ବ୍ରାହ୍ମଣୀ ନଦୀରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ଘଣ୍ଟା ପରେ ଦାଣ୍ଡିଆପାଲି ଦେଇ ଯାଇଥିବା ନଦୀରୁ ଶୁଭମ୍‌ଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭମ୍ ୟୁଜିଆଇଇ କଲେଜର ଛାତ୍ର ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ରାମେଶ୍ୱର ମନ୍ଦିର ପରିଚାଳନା କମିଟି ବୈଠକ ଆଜି

ରାଉରକେଲା,୨୪।୫(ସମିସ): ସାରନଗରୀର 'ଇ' ବ୍ଲକ୍‌ସ୍ଥିତ ରାମେଶ୍ୱର ମହାଦେବ ମନ୍ଦିରର ନୂତନ ପରିଚାଳନା କମିଟି ଗଠନ ନେଇ ଆସନ୍ତା କାଲି ସନ୍ଧ୍ୟା ୮ଟାରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ସାରନଗରୀ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ସେମାନଙ୍କର ମତାମତ ଦେବାକୁ ରାମେଶ୍ୱର ମନ୍ଦିରର ପ୍ରତିଷ୍ଠାତା ପତିତପାବନ ମଣ୍ଡଳ ଅନୁରୋଧ କରିଛନ୍ତି।

## ନୂଆପଡ଼ା ଜିଲ୍ଲା ଗସ୍ତରେ ପିସିସିଏଫ୍

ନୂଆପଡ଼ା/କୋମନା ୨୪।୫ (ସମିସ): ଦିନିକିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ବନ ବିଭାଗର ପିସିସିଏଫ ସୁରେଶ ପନ୍ଥ ଆସି ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ସେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡର କୋମନା ରେଞ୍ଜର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। କୋମନା ରେଞ୍ଜର ବରନ୍ଦାପାଟ ନର୍ସରୀ, ବରନ୍ଦାପାଟ ଏପି ପ୍ଲାଣ୍ଟେସନ, ମଖାଭଟା ଏଏନ୍‌ଆର ପ୍ଲାଣ୍ଟେସନ, କୁଶଦହନା ଓ ମାନିଗୁଡ଼ା ପ୍ଲାଣ୍ଟେସନ ଆଦି ୮ ଗୋଟି ସ୍ଥାନ ବୁଲି ଦେଖିଛନ୍ତି। ତାଙ୍କ ସହ ଭବାନୀପାଟଣା ଆରସିସିଏଫ ସଞ୍ଜୀବ ଯୋଶୀ, ଖଡିଆଳ ବନ ବିଭାଗ ଡିଏଫଓ ଅଜିଜ ଖାଁ, ଏସିଏଫ ମୁସ୍ତଫା ସଲେହା, କୋମନା ରେଞ୍ଜର ଦେବଦତ୍ତ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## ଜମିରେ ଗଜା ହୋଇଗଲା ଧାନ; ଚିନ୍ତାରେ ଚାଷୀ

ନୂଆପଡ଼ା, ୨୪।୫(ସମିସ): ନୂଆପଡ଼ା ଜିଲ୍ଲାରେ ଅଦିନିଆ କାଳ ବୈଶାଖୀ ବର୍ଷା ଉଜାଡିଦେଇଛି ରବି ଧାନ ଚାଷ। ଚାଷୀ ଆସନ୍ନ ବର୍ଷାକୁ ଦୃଷ୍ଟିରେ ରଖି ଜମିରୁ ଧାନ ଅମଳ କରିବାକୁ ଯାଉଥିବା ସମୟରେ କାଳବୈଖାଖୀ ସବୁ ଉଜାଡିଦେଇଛି। ବର୍ଷା ଯୋଗୁଁ ଅମଳ ଧାନ ସବୁ ଗଜା ହୋଇଯାଇଛି। ଶତାଧିକ ହେକ୍ଟର ଜମିର ଅର୍ଦ୍ଧାଧିକ ଚାଷ ଉଜୁଡିଯାଇଛି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଗତ ସାତ ଦିନରେ ଜିଲ୍ଲାରେ ୩୯୫ ମିଲିମିଟର ବର୍ଷା ହୋଇଥିବା ବେଳେ ଧାନ



ଅମଳକ୍ଷମ ହେବା ପରେ ଚାଷୀ ଧାନ କାଟିଥିଲେ। ହଠାତ୍ କାଳ ବୈଶାଖୀ ବର୍ଷା ହେବାରୁ କଟା ଧାନକୁ ସୁରକ୍ଷିତ ସ୍ଥାନକୁ ନେଇ ପାରି ନଥିଲେ। ଜମିରେ ଲଗାଣ ବର୍ଷା ଯୋଗୁଁ ଧାନ ପାଣିରେ ବୁଡ଼ି ରହି ଏବେ ଗଜା ହୋଇଯାଇଛି। ଯେଉଁ ଧାନ କଟାଯାଇ ନାହିଁ ସେସବୁରେ ମଧ୍ୟ ଆଣ୍ଠୁଏ ପାଣି ଜମି ରହିବାରୁ ସେସବୁ ମଧ୍ୟ ଗଜା ହୋଇଥିବା ଚାଷୀମାନେ କହିଛନ୍ତି। ନୂଆପଡ଼ାସଦର ବ୍ଲକ କଲ୍ୟାଣପୁର ଗାଁର ଛଗନ ସାହୁ ପୂର୍ବଥର ଦୁଇ ଏକର ଜମିରୁ ୬୦ କ୍ୱିଣ୍ଟାଲ ଧାନ ଆଦାୟ କରିଥିବା ବେଳେ ଚଳିତ ଥର ବର୍ଷା ଯୋଗୁଁ ବିହନ ତଳି ପାଇବା ମଧ୍ୟ ମୁସ୍କିଲ ବୋଲି କହିଛନ୍ତି। ସେହିପରି ଗାଁର ଚନ୍ଦନ ସାହୁ, ଲେଖରାମ ପାଣ୍ଡେ, ଜଗଦୀଶ ପାଣ୍ଡେ, ବସନ୍ତ ପାଣ୍ଡେ, ସୀତାରାମ ସାହୁ, ରୁପରାମ ସାହୁ, ବରୁଣ ପାଣ୍ଡେ, ବିଶ୍ୱମ୍ଭର ସାହୁ ପ୍ରମୁଖ ୭୦ଜଣ ଚାଷୀଙ୍କର ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

ଏନେଇ ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟ ଭୂଷଣ ନାଗଙ୍କୁ ପଚାରିବାରେ ଆମସେନା ପଞ୍ଚାୟତର କଲ୍ୟାଣପୁର, ଭାଇଁଷା ଟାଲ, ବୁଢୀପାଲି, ପରକୋଡ଼ ପଞ୍ଚାୟତ ବୁଲି କ୍ଷୟକ୍ଷତିର ଆକଳନ କରିଥିବା ଓ ଏନେଇ ଜିଲ୍ଲା କାର୍ଯ୍ୟାଳୟକୁ ରିପୋର୍ଟ କରାଯିବ ବୋଲି କହିଛନ୍ତି। ସେହିପରି କୋମନା, ଖଡ଼ିଆଳ ବ୍ଲକରେ ମଧ୍ୟ ବ୍ୟାପକ ଫସଲ ନଷ୍ଟ ହୋଇଥିବା ସୂଚନା ମିଳିଛି। ବିଭାଗୀୟ କର୍ତ୍ତୃପକ୍ଷ ଚାଷୀଙ୍କୁ କ୍ଷତି ପୂରଣ ଓ ସହାୟତା ଯୋଗାଇ ଦେବାକୁ ଚାଷୀ ନବୀନ କୁମାର ଶବର, ରାମେଶ୍ୱର ଶବର, ଲିଙ୍ଗରାଜ ପଟେଲ, ସୂର୍ଯ୍ୟ କାନ୍ତି ଶବର ପ୍ରମୁଖ ଅନୁରୋଧ କରିଛନ୍ତି।

## ଗ୍ରାମରକ୍ଷୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ

ସୁନ୍ଦରଗଡ଼,୨୪।୫(ସମିସ): ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ କତ୍ରା ବୁଡାବାହାଲ ଗ୍ରାମରକ୍ଷୀ ପ୍ରମୋଦ ମହାନନ୍ଦିଆଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ ହୋଇଛି। ଗ୍ରାମରକ୍ଷୀ ପ୍ରମୋଦ ଏବଂ ପଡ଼ୋଶୀ ବିଶ୍ୱମ୍ବର ମହାନ୍ଦିଆଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେ ଉତ୍କ୍ଷିପ୍ତ ହୋଇ ବିଶ୍ୱମ୍ବରଙ୍କୁ ଲୁହା ରଡ୍‌ରେ ମାଡ଼ ମାରିଥିଲେ। ପରିବାର ଲୋକେ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ମାନେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଛନ୍ତି। ଏ ନେଇ ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମଦୁଆ ଚାଳକଙ୍କ ବାଇକ ଜବତ

ସୁନ୍ଦରଗଡ଼,୨୪।୫(ସମିସ): ଭଷ୍ମା ଥାନା ପୁଲିସ ଦର୍ଲିପାଲି ଅଞ୍ଚଳରୁ ନିଶାସକ୍ତ ଅବସ୍ଥାରେ ଯାଉଥିବା ଜଣେ ଆରୋହୀଙ୍କ ବାଇକ ଜବତ କରିଛି। ଲେଫ୍ରିପଡ଼ା ଥାନା ରାଏଡିହି ଗ୍ରାମର ଗିରିଶ ପଟେଲ (୩୦) ତାଙ୍କ ବାଇକ (ଓଡ଼ି୧୬ଡି - ୦୭୧୪) ନିଶାସକ୍ତ ଅବସ୍ଥାରେ ଚଳାଇ ଯାଉଥିବାବେଳେ ପୁଲିସ ହାତରେ ଧରା ପଡ଼ିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ବିଦ୍ୟୁତ ତାର ଚୋରି

ସୁନ୍ଦରଗଡ଼,୨୪।୫(ସମିସ): ଲେଫ୍ରିପଡ଼ା ଥାନା ଚନ୍ଦଲି ନିକଟରୁ ୧୧ କେ.ଭି ବିଦ୍ୟୁତ ତାର ଚୋରି ହୋଇ ଯାଇଛି। ଚୋର ମାନେ ପ୍ରାୟ ୧୦୦ ମିଟର ବିଦ୍ୟୁତ ତାର କାଟି ପକାଇଛନ୍ତି। ବିଦ୍ୟୁତ ଚାଲି ଯିବାରୁ ଗ୍ରାମବାସୀ ବିଦ୍ୟୁତ ବିଭ୍ରାଟ ବୋଲି ମନେ କରୁଥିବା ବେଳେ ସକାଳେ ତାର ଚୋରି ହୋଇଥିବା ଜଣା ପଡିଥିଲା। ଏ ନେଇ ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ଛାନଭିନ ଚଳାଇଛି।

## ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ ବେଖାତିର, ଅଭିଯୁକ୍ତ ଗିରଫ

ବାଲିଶଙ୍କରା,୨୪।୫(ସମିସ): ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ତଳସରା ଥାନା ପୁଲିସ। ସୂଚନା ଅନୁଯାୟୀ ତଳସରା ଥାନା ବୁଡ଼ାବାହାଲ ଗ୍ରାମର କିଶୋର ରାଉତ (୪୫) କିଛି ସରକାରୀ ଜାଗାକୁ ଅକ୍ତିଆର କରିଥିଲେ। ଏହି ଜମି ନିକଟ ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଉଥିବା ସମୟରେ ସମସ୍ୟା ହେବାରୁ ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ତହସିଲରେ ଅଭିଯୋଗ କରିଥିଲେ। ତହସିଲଦାର ଆସି ରାସ୍ତା ଜମି ଚିହ୍ନଟ କରି ଉକ୍ତ ରାସ୍ତାକୁ ଛାଡ଼ି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ଏହି ଜାଗାକୁ ଜୋର ଜବରଦସ୍ତ ଅକ୍ତିଆର କରିବାରୁ ବାଲିଶଙ୍କରା ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଗୌରହରି ମହନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପୁଲିସ ପକ୍ଷରୁ ୱାରେଣ୍ଟ ଇସ୍ୟୁ ପୂର୍ବକ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି।

## ଲେଫ୍ରିପଡ଼ା ବନାଞ୍ଚଳରେ ଯୋଗାଭ୍ୟାସ; ବୃକ୍ଷ ରୋପଣ

ସୁନ୍ଦରଗଡ଼,୨୪।୫(ସମିସ): ବିଶ୍ୱ ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ଅବସରରେ ସୁନ୍ଦରଗଡ଼ ବନଖଣ୍ଡର ଲେଫ୍ରିପଡ଼ା ବନାଞ୍ଚଳରେ ବନ ସୁରକ୍ଷା ସମିତିର ସହଯୋଗରେ ଯୋଗ ଅଭ୍ୟାସ ସହିତ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେଙ୍କ ଦିଗ୍‌ଦର୍ଶନରେ ଲେଫ୍ରିପଡ଼ା ବନାଞ୍ଚଳର ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ଯୋଗ ଶିକ୍ଷା ସଙ୍ଗେ ସଙ୍ଗେ ବୃକ୍ଷରୋପଣ ପାଇଁ ପ୍ରେରଣା ଦିଆଯାଉଛି।

ଏହି କ୍ରମରେ ଲେଫ୍ରିପଡ଼ା ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲଙ୍କ ପ୍ରଚେଷ୍ଟାରେ ଶନିବାର ହାଣ୍ଡିପାନି, ସାତଜୁରିଆ, ଠିଠେଇଟାଙ୍ଗର, ତିଳପଡ଼ା,



ବୈରାଗୀବାହାଲ, ସାଲେଟିକ୍ରା, କାପୁଟିକ୍ରା ଆଦି ବନସୁରକ୍ଷା ସମିତିରେ ଯୋଗାଭ୍ୟାସ କରାଯାଇଥିଲା। ଝୁଲେନଡିହି ବନ ସୁରକ୍ଷା ସମିତିରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଜରିଆରେ ବନ ସୁରକ୍ଷା ସମିତି କରିଥିବା ବୃକ୍ଷ ରୋପଣ, ଯାହା ଆଜି ଏକ ଜଙ୍ଗଲରେ ପରିଣତ ହୋଇଛି। ସେ ଭିତରେ ଶାନ୍ତ ପରିବେଶରେ ଯୋଗାଭ୍ୟାସ ହୋଇଥିଲା।

ଏହି ଅବସରରେ ଚାରା ରୋପଣ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନସୁରକ୍ଷା ସମିତିର ସଭ୍ୟ ସଭ୍ୟା, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଝୁଲେନଡିହିର ଛାତ୍ରଛାତ୍ରୀ, ଅପା, ଭାଇଙ୍କ ସମେତ ବନ ବିଭାଗ, ସହଯୋଗୀ ଅନୁଷ୍ଠାନ ସେବକ ଓ କ୍ଷେତ୍ର ପରିଚାଳନା ଏକକର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ସୁନ୍ଦରଗଡ଼,୨୪।୫(ସମିସ): ସୁନ୍ଦରଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଶନିବାର ସ୍ଥାନୀୟ ଶଙ୍କର ମ୍ୟାରେଜ ହଲ୍ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ରାୟପୁରର କାଶୀ ସ୍ୱାଇନ ହସ୍ପିଟାଲର ବିଶିଷ୍ଟ ମେରୁଦଣ୍ଡ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ବିମଳ ଅଗ୍ରୱାଲ ଓ ତାଙ୍କ ଟିମ ଉପସ୍ଥିତିରେ ଏହି ଶିବିରରେ ବିଭିନ୍ନ ଅସ୍ଥି ସମ୍ପର୍କିତ ରୋଗର ଚିକିତ୍ସା କରାଯାଇଥିଲା। ସେଥିରେ ଅଣ୍ଟା, ପିଠି, ବେକ, ହାତ, ଗୋଡ଼ ତଥା ବିଭିନ୍ନ ବାତ ରୋଗର ଚିକିତ୍ସା କରାଯାଇଥିଲା। ସେହିପରି ଅତ୍ୟାଧୁନିକ ଅସ୍ଥି ରୋଗ ନିରୂପଣ ଯନ୍ତ୍ର ଦ୍ୱାରା ବିଭିନ୍ନ ପ୍ରକାର ପରୀକ୍ଷା ସହିତ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସହଧର୍ମିଣୀ ସରୋଜଦେବୀ ଅଗ୍ରୱାଲ, ତାଙ୍କ ପୁତ୍ର ଦୀପକ ଅଗ୍ରୱାଲ, କହ୍ନେୟାଲାଲା ଅଗ୍ରୱାଲ ଓ ନାରାୟଣ ଅଗ୍ରୱାଲଙ୍କ ସମେତ କମଲେଶ ଯୋଗୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୧୫୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆ ଯାଇଥିଲା। କାହ୍ନୁ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।



## ଦୁର୍ଘଟଣାରେ ଭିନ୍ନକ୍ଷମ ଗୁରୁତର

ଶଗଡ଼ା, ୨୪।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ପଞ୍ଚମହଲା ଗ୍ରାମର ଜଣେ ଭିନ୍ନକ୍ଷମ ଯୁବକ ନିଜ ସମ୍ପର୍କୀୟ ଘରକୁ ନିଜ ବ୍ୟାଟେରି ଚାଳିତ ଟ୍ରାଇସାଇକେଲ ଯୋଗେ ଆସୁଥିବା ବେଳେ ମନମୁଣ୍ଡା କଣ୍ଟାମାଳ ରାଜ୍ୟ ରାଜପଥ ନଂ ୪୧ର ଦମାମୁଣ୍ଡା ହାଇସ୍କୁଲ ଛକ ନିକଟରେ ଟ୍ରାଇ ସାଇକଲର ଚକ ଫାଟି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସାଇକଲ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଭିନ୍ନକ୍ଷମ ଯୁବକ ପଡ଼ି ଯାଇ ରାସ୍ତାରେ ଘୋଷାଡି ହୋଇ ଗୁରୁତର ଆହତ ହୋଇଥିଲେ। ଯୁବକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମନମୁଣ୍ଡା ଚିକିତ୍ସାଳୟକୁ ନେଇଥିବା ଦେଖିବାକୁ ମିଳିଥିଲା।

## ସୁଲିଆ ଗ୍ରାମରୁ ମଦ ଜବତ

ଶଗଡ଼ା, ୨୪।୫(ସମିସ):କଣ୍ଟାମାଳ ଅବକାରୀ ଟିମ୍ ଚଢ଼ଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ଜଣକୁ ଅଟକ ରଖିଛି। କଣ୍ଟାମାଳ ଥାନା ସୁଲିଆ ଗ୍ରାମ ରାସ୍ତା ନିକଟରେ ଚଢ଼ଉ କରି ୯ ଲିଟର ଦେଶୀ ମଦ ଜବତ କରିବା ସହ ନେତ୍ର ପ୍ରଧାନ (୬୦)କୁ ଅଟକ ରଖିଛି। ଏ ନେଇ କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ନେତ୍ରକୁ ସେବା ନୋଟିସ ଦେଇ ଛାଡି ଦିଆ ଯାଇଛି।

## ଅପରେସନ୍ 'ସିନ୍ଦୂର' ପରାକ୍ରମ ଶୋଭାଯାତ୍ରା



ବୌଦ୍ଧ, ୨୪।୫(ସମିସ):ବୌଦ୍ଧ ଏନ୍ଏସି ଅନ୍ତର୍ଗତ ୧୩ ନଂ ଓ ୧୪ନଂ ୱାର୍ଡ ମର୍ଜାକୁଦରେ ଅପରେସନ୍ 'ସିନ୍ଦୂର' ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ବିଜେପିର ବୌଦ୍ଧ ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପୂର୍ବତନ ବୌଦ୍ଧ ଏନ୍ଏସି ଅଧ୍ୟକ୍ଷା ଶ୍ରୀମତୀ ସଂଯୁକ୍ତା ନାଏକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ମନୋରଞ୍ଜନ ଦାଶ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ମୀନାରାଣୀ ମିଶ୍ର, ବରିଷ୍ଠ ବିଜେପି ନେତ୍ରୀ ଶ୍ରୀମତୀ ନମିତା ରାଣୀ ଦାଶ, ବରିଷ୍ଠ ବିଜେପି ନେତା ପ୍ରଦୋଷ କୁମାର ମିଶ୍ରଙ୍କ ସମେତ ଜନସାଧାରଣ ଓ ମହିଳାମାନେ ସାମିଲ୍ ହୋଇଥିଲେ।

## ବିଦ୍ୟୁତ୍ କାଟ ନେଇ ଅତିଷ୍ଠ ଉପଭୋକ୍ତା

ବୌଦ୍ଧ, ୨୪।୫(ସମିସ): ଶନିବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ମନମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ବାଉଁଶୁଣୀ ସେକ୍ସନ ଅନ୍ତର୍ଗତ ମୁଣ୍ଡାପଡ଼ା ପଞ୍ଚାୟତର କମିରା ଅଞ୍ଚଳରେ ବିଦ୍ୟୁତ୍ ସେବା ନେଇ ଉପଭୋକ୍ତା ଅତିଷ୍ଠ ହୋଇଛନ୍ତି। ବାରମ୍ବାର ବିଦ୍ୟୁତ୍‌କାଟ ଓ ଟିକିଏ ପବନ କି ବର୍ଷା ହେଲେ ଦିନ ଦିନ ଧରି ସମଗ୍ର ଅଞ୍ଚଳ ଅନ୍ଧାରରେ ରହୁଥିବା ଅଭିଯୋଗ କରିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ୪୫ ଡିଗ୍ରୀ ଖରା ଓ ପ୍ରବଳ ଗରମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ବିଦ୍ୟୁତକାଟ ସତ୍ତ୍ୱେ ବିଦ୍ୟୁତ୍ ବିଲ ଅଧିକ ଆସିବା ଓ ଅସୁଲ ବେଳେ ବିଦ୍ୟୁତ୍ କର୍ମଚାରୀଙ୍କ ଜୁଲମ ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଉପଭୋକ୍ତାଙ୍କ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ମନମୁଣ୍ଡା ଠାରେ ଥିବା ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଉପଖଣ୍ଡ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲା ଇସିଜି



**ତରଭା, ୨୪।୫(ସମିସ):** ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଇସିଜି ମେସିନ୍ ପହଞ୍ଚିଛି। ଏହାକୁ ଓପିଡି ନିକଟରେ ସ୍ଥାପନ କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ତରଭା ବ୍ଲକ ସମେତ ସୋନପୁର, ବଲାଙ୍ଗୀର ଜିଲ୍ଲା ପୁଇଁନ୍ତଲା, ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଲକ୍ଷାଧିକ ଲୋକ ଉପକୃତ ହେବା ନେଇ ଜଣାପଡ଼ିଛି। ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଇସିଜି, ଅଲଟ୍ରା ସାଉଣ୍ଡ ଓ ଏକ୍ସ-ରେ ଯନ୍ତ୍ର ଯୋଗାଇ ଦେବାପାଇଁ ବହୁବର୍ଷ ହେଲା ଦାବି ହୋଇଆସୁଥିଲା। ଏବେ ଇସିଜି ମେସିନ୍ ପହଞ୍ଚିଥିବା ବେଳେ ତୁରନ୍ତ ଅପରେଟର ନିଯୁକ୍ତି ସହ ଅଲଟ୍ରା ସାଉଣ୍ଡ ଓ ଏକ୍ସ-ରେ ମେସିନ୍ ତୁରନ୍ତ ଯୋଗାଇବା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମେସିନ୍‌ରେ ହେଉଛି ମନରେଗା କାମ

# ପରିଦର୍ଶନ ବେଳେ ଜେସିବି ଧରିଲେ ମନ୍ତ୍ରୀ

**ବିନିକା, ୨୪।୫(ସମିସ):**



କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମନରେଗା କାମ ମେସିନ ଦ୍ୱାରା ନକରି ଶ୍ରମିକ ନିୟୋଜନ କରି କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଏବେ ଫୁ କରି ଉଡେଇଦେଇଛନ୍ତି ମନରେଗା କାର୍ଯ୍ୟ ହାତକୁ ନେଇଥିବା ଠିକାଦାର। ଯାହାର ଜ୍ୱଳନ୍ତ ଉଦାହରଣ ବିନିକା ବ୍ଲକର ସେଲେଡି ପଞ୍ଚାୟତ ତୁଲୁଣ୍ଡୁପାଲି ଗ୍ରାମରେ ଦେଖିବାକୁ ମିଳିଛି। ସେଠାରେ ପୋଖରୀ ଖନନ କାର୍ଯ୍ୟରେ ମେସିନ ନିୟୋଜିତ କରାଯାଇ ଦ୍ୱାରା ମାଟି କାମ ହେଉଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ବିନିକା ପରିଦର୍ଶନ ବେଳେ ମନରେଗା କାର୍ଯ୍ୟରେ ବ୍ୟବହାର ହେଉଥିବା ଜେସିବି ମେସିନ୍‌କୁ ଧରିଥିଲେ। ବିନିକା ମୁଖ୍ୟ ରାସ୍ତାରେ ଆସୁଥିବା ବେଳେ ରାସ୍ତାପାର୍ଶ୍ୱ ତୁଲୁଣ୍ଡୁପାଲି ଠାରେ ଏକ ପୋଖରୀ ଖୋଳା କାର୍ଯ୍ୟରେ ଜେସିବି ମେସିନ ନିୟୋଜିତ ହୋଇଥିବା ଦେଖି ମନ୍ତ୍ରୀ ତତକ୍ଷଣାତ୍ ଗାଡିକୁ ଅଟକାଇ କାମର ତଦାରକ କରିଥିଲେ। ଶ୍ରମିକ ପରିବର୍ତ୍ତେ ଜେସିବି ମେଶିନରେ କାମ ହେଉଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକଟ କରିବା ସହ ଅଧିକାରୀଙ୍କୁ ତାଗିଦ କରିଥିଲେ। ଉପସ୍ଥିତ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କୁ କାମରେ ନିୟୋଜିତ ଜେସିବି ମେସିନକୁ ଜବତ କରି ପୁଲିସ ଜିମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ପରେ ମନରେଗା କାମ ମେସିନ ପରିବର୍ତ୍ତେ ଶ୍ରମିକଙ୍କ ଦ୍ୱାରା କରାଯିବା ଦିଗରେ ଅଧିକାରୀ ଓ ଠିକାଦାର ଗୁରୁତ୍ୱ ଦେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଗିରଫ



ତରଭା, ୨୪।୫(ସମିସ): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ୨ ଯୁବକଙ୍କୁ ତରଭା ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ମାଣିକପୁର ଗ୍ରାମର ଚନ୍ଦ୍ରଶେଖର ରଣା ଓ ମନମୁଣ୍ଡା ଥାନା ରୁଗୁଡିପାଲି ଗ୍ରାମର ସୀତାକାନ୍ତ ରଣା। ସୂଚନାନୁଯାୟୀ, ତରଭା ଥାନା ଏସ୍ଆଇ ମାରୁତ ଚନ୍ଦ୍ର ପଧାନଙ୍କ ନେତୃତ୍ୱରେ ଏଏସ୍ଆଇ କୃତ୍ତିବାସ ମିଶ୍ର, କନଷ୍ଟେବଲ ଉମାକାନ୍ତ ନାଏକ, ବିମଳ ପଧାନ ଓ ଜ୍ୟୋତ୍ସ୍ନା ପଧାନ ପ୍ରମୁଖ ଶୁକ୍ରବାର ଅପରାହ୍ନରେ ପାଟ୍ରୋଲିଂ କରୁଥିବାବେଳେ ସିଲାଟିମୁଣ୍ଡା ଛକରେ ୨ଟି ବାଇକରେ ଆସୁଥିବା ୨ଜଣ ଯୁବକଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ଗଞ୍ଜେଇ ବାହାରି ଥିଲା। ପୁଲିସ ଉଭୟ ବାଇକ(ଓଡି ୧୫ ସି ୦୦୮୨ ଏବଂ ଓଡି ୨୭ ସି ୮୨୪୫)କୁ ଜବତ କରି ଥାନାକୁ ଆଣିଥିଲେ। ଥାନାରେ ତହସିଲଦାର ଶ୍ୱେତାଲିନା ମାହାରଣାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବାରୁ ୮ କେଜି ୯୬ ଗ୍ରାମ ହୋଇଥିଲା। ଏନେଇ ଏକ ମାମଲା ରୁଜୁକରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଓ ଏହାର ତଦନ୍ତ ଦାୟିତ୍ୱ ଏସ୍ଆଇ ରବୀନ୍ଦ୍ର ସାହୁ କରୁଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।

### ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରସଙ୍ଗ

## ଆଜି ପୁରାତନ ଛାତ୍ରଙ୍କୁ ନେଇ ବସିବ ମହାଧିବେଶନ



**ସୋନପୁର, ୨୪।୫(ସମିସ):** ରାଜ୍ୟର ପୁରାତନ ଶିକ୍ଷାନୁଷ୍ଠାନ ସୋନପୁର କଲେଜକୁ ସରକାରୀ ମାନ୍ୟତା ଦାବି ତୀବ୍ର ହେବାରେ ଲାଗିଛି। କଲେଜକୁ ପୂର୍ଣ୍ଣ ସରକାରୀ ମାନ୍ୟତା ଦାବିରେ ରବିବାର କଲେଜ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମହାଅଧିବେଶନ ଡାକରା ଦିଆଯାଇଛି। ବୈଠକରେ ଯୋଗ ଦେବା ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଛି। ସହରରେ ପୋଷ୍ଟର ଲଗାଯାଇଥିବା ବେଳେ ନିମନ୍ତ୍ରଣ ପତ୍ର ବଣ୍ଟା ଯାଇଛି। ସକାଳ ସାଢେ ୯ଟାରେ ବୈଠକ ଅନୁଷ୍ଠିତ ହେବ। ରାଜ୍ୟ ତଥା ଦେଶ ପାଇଁ ବହୁ ମେଧାବୀ ଛାତ୍ର ସୃଷ୍ଟି କରିବାରେ ସୋନପୁର ମହାବିଦ୍ୟାଳୟର ଅବଦାନ ଅତୁଳନୀୟ। ଏହି ପୁରାତନ ଶିକ୍ଷାନୁଷ୍ଠାନ ଏଯାଏଁ ଅବହେଳିତ ଭାବରେ ପଡ଼ିରହିଛି। ମହାବିଦ୍ୟାଳୟ ପ୍ରତିଷ୍ଠା ହେବାର ୬୧ ବର୍ଷ ବିତି ଯାଇଥିଲେ ମଧ୍ୟ ସୋନପୁର ମହାବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ଖୋଲାଯାଇ ନାହିଁ। ରାଜ୍ୟରେ ପରେ ଖୋଲିଥିବା କଲେଜ ସରକାରୀ ମାନ୍ୟତା ପାଇଥିବା ବେଳେ ଏଯାଏଁ ସୋନପୁର କଲେଜକୁ ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିନାହିଁ। ୧୯୬୪ ମସିହାରେ ମହାନଦୀ କୂଳରେ ସୋନପୁର ମହାରାଜାଙ୍କ ଦ୍ୱାରା ନିର୍ମିତ ମିତ୍ରୋଦୟ ଭବନରେ ସୋନପୁର ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଏହି ଅନୁଷ୍ଠାନରେ ବହୁ ସମସ୍ୟା ଲାଗି ରହିଛି। ସୋନପୁର କଲେଜଠୁ ବହୁ କନିଷ୍ଠ କଲେଜ ସ୍ୱୟଂଶାସିତ ଘୋଷଣା ହୋଇସାରିଥିବା ବେଳେ ସୋନପୁର କଲେଜକୁ ସ୍ୱୟଂ ଶାସିତ ତ ଦୂରର କଥା ସରକାରୀ ଘୋଷଣା କରାଯାଉ ନାହିଁ। ଏନେଇ ପୂର୍ବତନ ଛାତ୍ର ସଂଘ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। କଲେଜକୁ ସରକାରୀ ମାନ୍ୟତା ଦାବିରେ ଆନ୍ଦୋଳନ ପାଇଁ ସଜବାଜ ଚାଲିଛି। ଆଜି ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏନେଇ ଆଲୋଚନା ପାଇଁ ସ୍ଥିରୀକୃତ ହୋଇଛି।

## ଅସରାଏ ବର୍ଷାରେ ବେହାଲ କଲତାପାଲି ଗ୍ରାମରାସ୍ତା



**ମନମୁଣ୍ଡା, ୨୪।୫(ସମିସ):**ଲୋକ ସଂଖ୍ୟାରେ ବୌଦ୍ଧ ଜିଲ୍ଲାର ସବୁଠୁ ବଡ ପଞ୍ଚାୟତ ମନମୁଣ୍ଡା ଉତ୍ତମ ପଞ୍ଚାୟତ ପୁରସ୍କାର ପାଇଛି। କିନ୍ତୁ ଗ୍ରୀଷ୍ମଋତୁରେ କଲତାପାଲି ଗ୍ରାମରାସ୍ତା ଅବସ୍ଥା ଦେଖିଲେ କେମିତି ଉତ୍ତମ ପଞ୍ଚାୟତ ପୁରସ୍କାର ପାଇଲା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ରାଜସ୍ୱ ଗ୍ରାମ ପାଇଁ ପ୍ରବଳ ଦାବିଦାର ଥିବା କଲତାପାଲି ବର୍ତ୍ତମାନ ସୁଦ୍ଧା ମହୁଲବାହାଲିର ଉପଗ୍ରାମ ହୋଇ ରହିଛି। ମହୁଲବାହାଲି ସଦରରୁ ସର୍ବଦା ୱାର୍ଡ ସଭ୍ୟ ନିର୍ବାଚିତ ହୋଇ ଆସୁଛନ୍ତି। ଏଥିପାଇଁ କଲତାପାଲିର ବିକାଶ ହୋଇପାରୁ ନ ଥିବା ଅଭିଯୋଗ ହୋଇ ଆସୁଛି। ଅନ୍ୟପକ୍ଷରେ ଅଦ୍ୟାବଧି କୌଣସି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଏପରିକି ବିଧାୟକ ମଧ କେହି ଉକ୍ତ ଗ୍ରାମର ଉନ୍ନତି ପାଇଁ ଆନ୍ତରିକତା ଦେଖାଉ ନ ଥିବା ଜାଣିବାକୁ ମିଳିଛି। ଗ୍ରୀଷ୍ମ ଋତୁ ଅସରାଏ ବର୍ଷାରେ ଉକ୍ତ ଗ୍ରାମର ବେହାଲ ଅବସ୍ଥାରୁ ପ୍ରତୀୟମାନ ହେଉଛି। ଗ୍ରାମରାସ୍ତାରେ ବର୍ଷା ପାଣି ପଡ଼ିଲେ ନିଷ୍କାସନର ସୁବିଧା ନାହିଁ। ବର୍ଷା ଋତୁରେ ଗ୍ରାମବାସୀ ଆଣ୍ଠୁଏ କାଦୁଅରେ ଯିବା ଆସିବା କରିଥାନ୍ତି। ଉକ୍ତ ଗ୍ରାମ ଦାଣ୍ଡ କଂକ୍ରିଟ ସହ ଡ୍ରେନେଜ ସୁବିଧା ପାଇଁ ଗ୍ରାମବାସୀ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। କିନ୍ତୁ କୌଣସି ନିର୍ବାଚିତ ପ୍ରତିନିଧି ତଥା ପ୍ରଶାସନ କେହି ସେଥିପ୍ରତି ଆନ୍ତରିକତା ଦେଖାଉ ନ ଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱାରୋପ କରି ବର୍ଷା ଋତୁ ପୂର୍ବରୁ ଉକ୍ତ ଗ୍ରାମ ଦାଣ୍ଡ କଂକ୍ରିଟ ସହ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଗ୍ରାମର ସଚେତନ ଯୁବକ ନରେନ୍ଦ୍ର କଲତା, ଅଭିମନ୍ୟୁ ବାଘ, କୃତାର୍ଥ ନାଏକ, ଉମେଶ କଲତା, ମନ୍ଦିର କଲତା, ମହିଳା ସଂଯୁକ୍ତା ବାଘ, ବାସନ୍ତୀ ବାଘ, ଗୁରୁବାରି କଲତା, ସୁବର୍ଣ୍ଣା କଲତା, ମମତା କର୍ମୀ ପ୍ରମୁଖ ଦାବି କରିଛନ୍ତି।

### ● ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଟାଇକ୍ୱୋଣ୍ଡ ପ୍ରତିଯୋଗିତା

## ଭାରତରୁ ପ୍ରତିନିଧିତ୍ୱ କରିବେ ଏହେସାସ



**ବୀରମହାରାଜପୁର, ୨୪।୫(ସମିସ):** ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଟାଇକ୍ୱୋଣ୍ଡ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବେ ଏହେସାସ। ଏନେଇ ସୋସିଆଲ ମିଡିଆରେ ସୂଚନା ଦେଇଛି ଉଚ୍ଚ ଶିକ୍ଷା ବିଭାଗ। ଗତ ୨୦୨୪ ନଭେମ୍ବର ୫ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ପ୍ରତିଯୋଗିତାରେ ଦେଶର ୨୦୭ ଗୋଟି ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ବର୍ଗରେ ୧୮୦୦ ଜଣ କ୍ରୀଡାବିତ ଭାଗନେଇଥିଲେ। ଏହେସାସ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରୁ ପ୍ରତିନିଧିତ୍ୱ କରି ସଫଳତା ପାଇଥିଲେ। ଟାଇକୋଣ୍ଡର ପୁମସେ ବର୍ଗରେ ସଫଳତା ପାଇଥିବା ଏହେସାସ ଆସନ୍ତା ଜୁଲାଇ ମାସରେ ଜର୍ମାନରେ ହେବାକୁ ଥିବା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଭାରତରୁ ପ୍ରଥମ ଓଡିଆ ଭାବେ ସେ ଭାଗନେବେ ବୋଲି ଜଣାପଡ଼ିଛି। ଏଥିପାଇଁ ଅସନ୍ତା ଜୁନ୍‌ରେ ଏକମାସ ଧରି ଅମୃତସର ଗୁରୁନାନକ ବିଶ୍ୱବିଦ୍ୟାଳୟରେ ଭାରତୀୟ ଟିମ୍ ସହ ଏହେସାସ ତାଲିମ ନେବାକୁ ଥିବା ଜଣାପଡ଼ିଛି। ପୂର୍ବରୁ ୨୦୧୯ରେ ସର୍ବ ଭାରତୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରି ସେ ସଫଳତା ହାସଲ କରିଥିଲେ। ତେବେ ଏଥିପାଇଁ ଏହେସାସଙ୍କୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ରେଜିଷ୍ଟ୍ରାର ନୃପରାଜ ସାହୁ, କ୍ରୀଡ଼ା ଡାଇରେକ୍ଟର ଅଭିନାଶ କର, କ୍ରୀଡ଼ା କାଉନସିଲର ସେକ୍ରେଟାରୀ ଡ. ଦେବେନ୍ଦ୍ର ମହାଲିକ, ସିଡିସି ଅଧ୍ୟକ୍ଷ ଡ. ସଂଯୁକ୍ତା ଦାଶ, କୋଚ ରାମ କୁମାର ସାହୁ, ବରଗଡ଼ ଇମ୍ପେରିଆଲ କଲେଜର ମ୍ୟାନେଜିଂ ଡାଇରେକ୍ଟର ଦୀପକ ଗୋଏଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥି, ରାଜ୍ୟ ଟାଇକୋଣ୍ଡ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲ୍ଲା ଟାଇକୋଣ୍ଡ ସଂଘ ସଭାପତି ରବୀନ୍ଦ୍ର ହୋତା ଏବଂ ଜିଲ୍ଲା ଟାଇକୋଣ୍ଡ ସଂଘର ଆଇନ ପରାମର୍ଶ ଦାତା ଶେଷଦେବ ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଉଫୁଲା ପଞ୍ଚାୟତର ସ୍ୱତନ୍ତ୍ର ବୈଠକ

# ପାନୀୟ ଜଳ ସମସ୍ୟା ସମାଧାନକୁ ଗୁରୁତ୍ୱ

**ବୀରମହାରାଜପୁର, ୨୪।୫(ସମିସ):**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତରେ ଶନିବାର ସ୍ୱତନ୍ତ୍ର ବୈଠକ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗ୍ରାମର ପିଇବା ପାଣି ସମସ୍ୟା ଓ ତା'ର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। କମଳପୁର ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁଧାରିବାକୁ ଭଲଭ୍ ଲଗାଇବା, ସମସ୍ତ ଷ୍ଟାଣ୍ଡ ପୋଷ୍ଟରେ ଟେପ ସଂଯୋଗ, ମୂଳ ସୋର୍ସରୁ ନୂତନ ମଟର ପମ୍ପ ଲଗାଇବାକୁ ପମ୍ପ ଡ୍ରାଇଭର ତଥା ଏସ୍ଇଏମ୍ ଓ ୱାର୍ଡ ମେମ୍ବରମାନେ ଦାବି କରିଥିଲେ। କାନପୁର ପାଇପ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସ ରଙ୍ଗ କାମ ସାରି ହସ୍ତାନ୍ତରଣ, ଫାଟିଥିବା ପାଇପ ଓ ଷ୍ଟାଣ୍ଡ ପୋଷ୍ଟରେ ଆବଶ୍ୟକତା ଅନୁସାରେ ଟ୍ୟାପ ସଂଯୋଗ ନେଇ ଆଲୋଚନା ହୋଇଥିଲା। ଉଫୁଲାରେ ଖୋଳାଯାଇଥିବା ଇନ୍‌ଟେକ ୱେଲରୁ ପାଇପ ଜଳଯୋଗାଣ, ନୂତନ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ, ପମ୍ପ ହାଉସ ହସ୍ତାନ୍ତରଣ, ନୂତନ ମଟର ପମ୍ପ ଲଗାଇବା, ଷ୍ଟାଣ୍ଡ ପୋଷ୍ଟ ଟେପ ସଂଯୋଗ, ଫାଟିଥିବା ପାଇପ ମରାମତି, ହିଲୁଙ୍ଗ ଗ୍ରାମ ପଞ୍ଚାୟତ ଠାରୁ ରଣା ପାଲି ପାଇପ ଜଳ ଯୋଗାଣ ବିଦ୍ୟୁତ ଶୁଳ୍କ ଅଂଶ ଆଣିବା ଓ ଗୁନିପଡ଼ା ପାଇପ ଜଳ ଯୋଗାଣ ପାଇଁ ଚମ୍ପମାଳ ପଞ୍ଚାୟତକୁ ବିଦ୍ୟୁତ ଶୁଳ୍କ ଅଂଶ ପ୍ରଦାନ ଓ ଚମ୍ପାମାଳ ଓଭରହେଡ୍ ଟ୍ୟାଙ୍କରୁ ଟାଙ୍ଗାରସାହି ପଥର ଟାଙ୍ଗରବାସୀଙ୍କୁ ଦୈନିକ ସାର୍ବନିମ୍ନ ୧ଘଣ୍ଟା ଜଳଯୋଗାଣ ଉପରେ ପମ୍ପ ଡ୍ରାଇଭର କିଶୋର ଭୋଇ, ୱାର୍ଡ ସଭ୍ୟ ମିନତୀ ଭୋଇ, ରୁକସନା ବିବି, ଉପସ୍ଥିତ ଗ୍ରାମବାସୀ ଦାବି କରିଥିଲେ। ଟିଠିପାଲି, ରଥପୁର ପାଇପ ଜଳଯୋଗାଣ ପ୍ରକଳ୍ପ ସବୁ ପଡ଼ାକୁ ପାଇପ ବିଛାଇବା ଓ ଉଫୁଲା ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର ନେଇ ଉପସ୍ଥିତ ଗ୍ରାମବାସୀ ଓ ୱାର୍ଡ ମେମ୍ବର ଦାବି କରିଥିଲେ। ଖମେଶ୍ୱରୀ ପାଲି ସୋଲାର ପାଇପ୍ ଜଳଯୋଗଣ ପ୍ରକଳ୍ପ ମରାମତି, ଟାଙ୍ଗର ସାହି, ଗୌଡ଼କେଲା ବାସୀଙ୍କୁ ଟେଙ୍କର ଜଳଯୋଗାଣ ବଦଳରେ ସ୍ଥାୟୀ ପାଇପ ଜଳ ଯୋଗାଣ ନେଇ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ, ୱାର୍ଡ ମେମ୍ବର ଦାବି କରିଥିଲେ। ବିକଳ ପାଲି ଗ୍ରାମ ଓ ପାଣ୍ଡପାଲି ଡାହାଣୀ ଜୋରରେ ସ୍ଥିତ ଇନ୍‌ଟେକ ୱେଲରୁ ପାଇପ ଜଳଯୋଗାଣ ପୁନଃ କାର୍ଯ୍ୟକ୍ଷମ ନେଇ ବିଦ୍ୟୁତ ବିଭାଗ ଖାଉଟି ନମ୍ବର ସଂଗ୍ରହ, ବିକଳପାଲି, ପଣ୍ଡାପାଲି, ଖେତି ସାହି, ଦନ୍ତାପାଲି ଗ୍ରାମକୁ ପାଇପ ଜଳ ଯୋଗାଣ ନେଇ ଆଲୋଚନା ହୋଇଥିଲା। ସରପଞ୍ଚ ବିଭିନ୍ନ ଗ୍ରାମର ପାନୀୟ ଜଳ ଯୋଗାଣ ନେଇ ପ୍ରଶାସନକୁ ଲିଖିତ ଅଭିଯୋଗ ଓ ଆବଶ୍ୟକ ସ୍ଥଳେ ଗୋଷ୍ଠୀ ଭାଗିଦାରୀ ଓ ଗ୍ରାମବାସୀ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ନାଏବ ସରପଞ୍ଚ କମଳିନୀ ମହାପାତ୍ର, ୱାର୍ଡ ମେମ୍ବର ସୁଦାମ ଭୁଇ, ଶିବାନୀ ସାହୁ, କଳ୍ପନା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତସ୍ତରୀୟ ମହାସଂଘ କର୍ମକର୍ତ୍ତା, ଏମ୍‌ବିକେ ପଦ୍ମାଳୟା ନନ୍ଦ, ପିଇଓ ମିତାଞ୍ଜଳି ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଡିନାମାଇଟ୍ ବିସ୍ଫୋରଣରେ ଯୁବକ ଗୁରୁତର



**ବୌଦ୍ଧ/ଚାରିଛକ, ୨୪।୫ (ସମିସ):** ହରଭଙ୍ଗା ଥାନା ଅନ୍ତର୍ଗତ କୁସାସିଙ୍ଗା ଗ୍ରାମରେ ଶନିବାର ଏକ ଅଘଟଣ ଘଟିଛି। ଡିନାମଇଟ୍ ସାହାଯ୍ୟରେ ନଦୀକୁ ମାଛମାରିବାକୁ ଯାଇଥିଲେ, ମାତ୍ର ଦୁର୍ଭାଗ୍ୟ ବଶତଃ ହାତରେ ଡିନାମାଇଟ୍ ଫୁଟିଯିବାରୁ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଶନିବାର ସକାଳେ ହରଭଙ୍ଗା ଥାନା କୁସାସିଙ୍ଗା ଗ୍ରାମର ସଚ୍ଚିଦାନନ୍ଦ ମହାକୁଡ ତାଙ୍କ ଜଣେ ସହଯୋଗୀଙ୍କ ସହିତ ନଦୀକୁ ମାଛ ମାରିବାକୁ ଯାଇଥିଲେ। ମାଛମାରିବା ପାଇଁ ଡିନାମାଇଟ୍ ହାତରେ ଧରି ଫିଙ୍ଗିବା ସମୟରେ ଦୁର୍ଭାଗ୍ୟବଶତଃ ହାତରେ ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କର ଡାହାଣ ହାତର ପାପୁଲି, ମୁହଁ, ଦେହରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ହରଭଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠା ଯାଇଥିଲା। ବୌଦ୍ଧରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର କୌଣସି ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।

■ ରଥଖଳାରୁ...

# ଚାରମାଳ ପାଇଁ ପହଞ୍ଚିଲା ତାଳଗଡ଼



ପୁରୀ, ୨୪।୫ (ସମିସ): ଆଉ ମାସେ ୨ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ତିନିରଥର ଚକ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତିନିରଥର ମୋଟ ୪୨ ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ମଧ୍ୟରୁ ଶୁକ୍ରବାର ସୁଦ୍ଧା ୩୬ଟି ସମ୍ପୂର୍ଣ୍ଣ ହୋଇଛି। ବାକି ୬ଟି ଚକ ମଧ୍ୟରୁ ୩ଟିର ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ମୋଟ ୩୯ଟି ଚକର ସିଙ୍ଗଡ଼ା ବାଡ଼ିଆ ସରିଛି। ଆଉ ୩ଟି ଚକର ସିଙ୍ଗଡ଼ା ବାଡ଼ିଆ ବାକି ରହିଛି। ସେହିପରି ଚଉଦ ନାହାକା ପାଇଁ ପ୍ରତ୍ୟେକ ରଥ ଚାଳିକୁ ୪ଟି ଲେଖାଏଁ ଫାଳି ଯୋଗାଇ ଦିଆଯାଇଥିଲା। ମହାରଣା ସେବକ ସେ ସବୁକୁ ଚଉପଟ କରିଛନ୍ତି। ଏହାପରେ ଆଠଅଂଶୀ କରିବେ। ଏଥିସହ ତିନିରଥର ମହାରଣା ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ବାକି ଅଂଶଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରଖିଛନ୍ତି। ଓରା, ଭୂଇଁ ଚଉତା, ମୁହାଁଟ, ନିରାଡ଼ି, ଖମ୍ବାର ବିନ୍ଧ କରାଯାଉଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ତିଆରି କରୁଛନ୍ତି। ଶୁକ୍ରବାର ରଥଖଳାରେ ଚଳିତବର୍ଷ ନୂଆ ଚାରମାଳ ପାଇଁ ତାଳଗଡ଼ ଆସି ପହଞ୍ଚିଛି। ଏ ବର୍ଷ ଚାରମାଳ ରଥ ଉପରୁ ଭୂମିକୁ ଅଧିକ ସ୍ଲୋପିଂ କରାଯିବ। ଗତବର୍ଷ ତାଳଧ୍ୱଜ ରଥର ଚାଳମାଳ ଉପରୁ ବଡଠାକୁର ପଡିଯିବା ପରେ ମନ୍ଦିର ପ୍ରଶାସନ ଏବର୍ଷ ଚାରମାଳ ଉପରେ ଅଧିକ ଫୋକସ ରଖିଛି। ସେଥିପାଇଁ ବଡ଼ ବଡ଼ ତାଳଗଡ଼ ଅଣାଯାଇଛି।



ପୁରୀ ବଡ଼ଦାଣ୍ଡ ଆକାଶରେ କଳାହାଣ୍ଡିଆ ମେଘ... (ଫଟୋ-ଅନିଲ)

## ବାଂଲା ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ
# ଓଏଚ୍ଆରସିରେ ମାମଲା

କଟକ, ୨୪।୫ (ସମିସ): ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପାଇଁ ଭାରତୀୟ ନାଗରିକଙ୍କ ସୁରକ୍ଷା ବିପଦରେ ପଡ଼ିଛି। ଏଥିପାଇଁ ଦେଶର ନାଗରିକ ଅଧିକାର ମଧ୍ୟ କ୍ଷୁଣ୍ଣ ହେଉଛି। ଏହି ପ୍ରସଙ୍ଗରେ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍ଆରସି)ରେ ଏକ ମାମଲା ରୁଜୁ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନରେ ଦର୍ଶାଯାଇଛି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏଭଳି (ବାଂଲା) ଅନୁପ୍ରବେଶକାରୀ ବ୍ୟାପି ରହିଛନ୍ତି। ଫେରିବାଲା ଏବଂ କବାଡ଼ିଆ ଭାବେ ଏମାନେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ବସବାସ କଲେଣି। ଓଡ଼ିଶାରେ ଏହିଭଳି ୧ଲକ୍ଷ ୫୦ ହଜାରରୁ ଅଧିକ ବାଂଲା ଅନୁପ୍ରବେଶକାରୀ ରହିଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଇପାରୁନାହିଁ। ବିଶେଷକରି ଏମାନେ ବେଆଇନ ଭାବେ ଏଠାରେ ସମସ୍ତ ସରକାରୀ ସୁବିଧା ହାସଲ କରୁଥିବା ଦେଖାଗଲାଣି। ଏଣୁ ଅବୈଧ ଭାବେ ବସବାସ କରିଆସୁଥିବା ବାଂଲା ନାଗରିକମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରଭାବୀ ପଦକ୍ଷେପ ନେବା ପାଇଁ ସରକାରଙ୍କୁ କମିସନ୍ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରି ଆବେଦନକାରୀ ଉକ୍ତ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ୍ ଡିଜି ଓ ପୁଲିସ କମିସନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ବେକାର ଯୁବପିଢ଼ିଙ୍କ ଉପରେ ଠକଙ୍କ ନଜର
# ୬ମାସରେ ୩ଶହରୁ ଉର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୨୪।୫(ସମିସ): ଠକେଇ ପାଇଁ ରାଜ୍ୟରେ କାମ କରୁଛି ଏକ ବଡ଼ ରାକେଟ୍। ଏହି ରାକେଟ୍ ଟାର୍ଗେଟରେ ଏବେ ବେକାର ଯୁବପିଢ଼ି। ଯୁବପିଢ଼ି ଚାକିରି ଅନ୍ୱେଷଣରେ ଏଣେତେଣେ ବୁଲୁଥିବା ବେଳେ ଏହି ଠକଙ୍କ ହାବୁଡ଼ରେ ପଡି ଯାଉଛନ୍ତି। ଯୁବକମାନେ ଅନ୍‌ଲାଇନ୍‌ରେ ଚାକିରି ପାଇଁ ଆବେଦନ କରୁଥିବା ବେଳେ ଠକ ସେଥିରୁ ଫୋନ୍ ନମ୍ବର ପାଇ ସେମାନଙ୍କୁ ଯୋଗାଯୋଗ କରୁଛନ୍ତି। ପରେ ସେମାନଙ୍କୁ ସହଜରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେବା ପରେ ଆଉ ଧରାଛୁଆଁ ଦେଉନାହାନ୍ତି। ପ୍ରତିଦିନ ଏଭଳି ଠକେଇ ଘଟଣା ସାମ୍ନାକୁ ଆସୁଥିବା ବେଳେ ଗତ ୫ମାସରେ ୩ ଶହରୁ ଉର୍ଦ୍ଧ୍ୱ ଠକେଇ ମାମଲା ରୁଜୁ କରିଛି ରାଜ୍ୟ ପୁଲିସ।

ସେ ରେଲ୍‌ୱେ ଗ୍ରୁପ୍-ଡି'ରେ ଚାକିରି କରାଇ ଦେବାକୁ କହି ଆଶାୟୀଙ୍କଠାରୁ ଟଙ୍କା ଲୁଟି ନେଇଥିବା ଜଣେ ଠକକୁ ଆଜି ମୈତ୍ରୀବିହାର ପୁଲିସ ଗିରଫ କରିଛି। କଟକ ସାଇବର ଥାନା ପୁଲିସ ଏହିଭଳି ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ଠକକୁ କିଛି ଦିନ ତଳେ ଗିରଫ କରିଥିଲା। ଖୋର୍ଦ୍ଧା ପୁଲିସ ମଧ୍ୟ ଏକ ଠକ ରାକେଟ୍‌କୁ ଗିରଫ କରିଥିଲା। ସେମାନେ ନୌସେନାରେ ଚାକିରି ଦେବାକୁ କହି ଯୁବକଙ୍କଠାରୁ ଟଙ୍କା ଠକି ନେଉଥିଲେ। ଏଥିରେ ନୌସେନାର କିଛି ପୂର୍ବତନ ଅଧିକାରୀଙ୍କ ସଂପୃକ୍ତି ଥିବା ଜଣାପଡ଼ିଛି।

ବଡ଼ କଥା ହେଲା, ରାଜ୍ୟର ବିଭିନ୍ନ ଜିଲ୍ଲାରେ କନ୍‌ସଲ୍‌ଟାନ୍ସି ଠକେଇ ଅନୁଷ୍ଠାନଗୁଡ଼ିକ ଗଢ଼ି ଉଠୁଛି। ଉକ୍ତ ଠକେଇ ସଂସ୍ଥାଗୁଡ଼ିକ ଠକେଇ ପାଇଁ ଜାଲ ବିଛାଉଛନ୍ତି। ଗଳିକନ୍ଦିରେ ସେମାନେ ନକଲି ବିଜ୍ଞାପନର ପୋଷ୍ଟର ମାରି ଯୁବପିଢ଼ିଙ୍କୁ ଶିକାର କରୁଛନ୍ତି। କଲେଜ କାନ୍ଥବାଡ଼ଠାରୁ ଆରମ୍ଭ କରି ସରକାରୀ ଅଫିସ୍, ସବୁଠି ଛାଇଗଲାଣି ଏହି ଜାଲ୍ ବିଜ୍ଞାପନ ପୋଷ୍ଟର। ବିଶେଷକରି ସହରାଞ୍ଚଳରେ ଅଧିକମାତ୍ରାରେ ଚାକିରି ଆଳରେ ଠକେଇ ବଢୁଛି। କେତବେଳେ ପାର୍ଟ ଟାଇମ୍ ଚାକିରି ଯୋଗାଇ ଦେବାକୁ କହି ଠକୁଛନ୍ତି ତ, ଆଉ କେତବେଳେ ସରକାରୀ ଚାକିରି ଆଳରେ ଠକୁଛନ୍ତି।

■ ବିନା ପଞ୍ଜୀକରଣରେ ରାତାରାତି ଖୋଲୁଛି ଅଫିସ୍
■ ପୁଲିସ ପାଖରେ ରହୁନି କନ୍‌ସଲ୍‌ଟାନ୍‌ସି ସଂସ୍ଥା ତଥ୍ୟ

ବିଭିନ୍ନ ଜିଲ୍ଲାରୁ ମଧ୍ୟବିତ୍ତ ପରିବାରର ପିଲା ଆସି ସହରରେ ପାଠ ପଢୁଛନ୍ତି। ସେମାନଙ୍କୁ ଠକିବା ପାଇଁ ଏହି ଠକ ସଂସ୍ଥା ଟାର୍ଗେଟ କରୁଛନ୍ତି। ବିଜ୍ଞାପନ ଦେଖି କଲେଜ ପିଲା ଟଙ୍କା ରୋଜଗାର ଆଶାରେ କରି ଠକଙ୍କ ଜାଲରେ ଫସିଯାଉଛନ୍ତି। ସେମାନଙ୍କୁ ଚାକିରି ଦେବା ପୂର୍ବରୁ ଟଙ୍କା ମାଗି ନେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଚାକିରି ନ ଦେଇ ଅଫିସ୍ ବନ୍ଦ କରି ଚମ୍ପଟ ମାରୁଛନ୍ତି।

ସହରର ବିଭିନ୍ନ ଅଞ୍ଚଳରେ ଥିବା କନ୍‌ସଲଟାନ୍‌ସି ସଂସ୍ଥାଗୁଡ଼ିକ ଏଭଳି ଠକେଇ କରୁଛନ୍ତି। ଗତ ୧ ବର୍ଷରେ ଏଭଳି ସଂସ୍ଥା ନାମରେ ୫୦ଟି ମାମଲା ରୁଜୁ କରାଯାଇଛି। ଠକେଇ କରିବା ପାଇଁ ଏକାଧିକ ସଂସ୍ଥା ରାତାରାତି ଘର ଭଡ଼ା ନେଇ ଅଫିସ୍ ଖୋଲୁଛନ୍ତି। ସେମାନେ ବିନା ପଞ୍ଜିକରଣରେ ଏହି ନକଲି ଅଫିସ୍ ଖୋଲି ବିଭିନ୍ନ ଉପାୟରେ ଠକେଇ କରୁଛନ୍ତି। ରାଜଧାନୀରେ ହେଉଥିବା ଅଧିକାଂଶ ଠକେଇ କନ୍‌ସଲ୍‌ଟାନ୍ସି ସଂସ୍ଥା ଏବଂ ଘରୋଇ ସିକ୍ୟୁରିଟ୍ ସଂସ୍ଥା ଦ୍ୱାରା ହେଉଥିବା ଅଭିଯୋଗ ଆସୁଛି। ସେମାନେ ପିଲାଙ୍କୁ ଚାକିରି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। କିନ୍ତୁ ଏହି ଠକ ସଂସ୍ଥା ସଂପର୍କରେ ପୁଲିସ ନିକଟରେ କୌଣସି ତଥ୍ୟ ନଥିବାରୁ ସେମାନେ ସହଜରେ ଟଙ୍କା ଠକିବା ପରେ ଅଫିସ ବନ୍ଦ କରି ଫେରାର୍ ହୋଇଯାଉଛନ୍ତି।

# ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ

ଚମ୍ପୁଆ/ଯୋଡ଼ା,୨୪।୫(ସମିସ): ପୁଣି ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ। ଓଡ଼ିଶାର ଅନ୍ୟତମ ପ୍ରମୁଖ ନଦୀ ବୈତରଣୀ ଧୀରେଧୀରେ ସଂକୁଚିତ ହେଉଥିବା ବେଳେ କିଛି ପ୍ରମୁଖ ଶିଳ୍ପ ସଂସ୍ଥା ଏହାର ପାଣି ଶୋଷିବାରେ ଲାଗିଛନ୍ତି। ଶିଳ୍ପ ସଂସ୍ଥା ପକ୍ଷରୁ ନଦୀ ଗର୍ଭରେ ଗୋଟିଏ ପରେ ଗୋଟିଏ ଇନ୍‌ଟେକ୍ ୱେଲ୍ ଖୋଳାଯାଉଛି। ଏପରି ସ୍ଥିତି ଜାରି ରହିଲେ, ଆଗକୁ ଓଡ଼ିଶାର ମାନଚିତ୍ରରୁ ବୈତରଣୀ ଯେ ହଜିଯିବ; ଏହାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ, ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ସହ ଅନ୍ୟ ଦୁଇ ନଦୀ କାରୋ ଓ ସୁନାକୁ ବଞ୍ଚାଇବା ପାଇଁ ଶନିବାର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ କଣ୍ଡରା ହାଟ ପଡ଼ିଆଠାରେ ଏକ ସମାବେଶ ଆୟୋଜିତ ହେବା ସହ ଏନେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ଏହି ସମାବେଶରେ ଆଜି ୬ଟି ପ୍ରସ୍ତାବ ଆଗତ କରାଯାଇ ଦାବି ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ ଆଗାମୀ ଦିନରେ ୪ଟି ଜିଲ୍ଲାରେ ବୈତରଣୀ ପଞ୍ଚାୟତ ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସମାବେଶରେ ଯୋଗଦେଇ କହିଥିଲେ ଯେ ସରକାର ବୈତରଣୀକୁ ନେଇ ଏକ ଶ୍ୱେତପତ୍ର ଜାରି କରନ୍ତୁ। ଅତୀତରେ ନଦୀରେ ଜଳ କେତେ ଥିଲା, ଏବେ କେତେ ଅଛି ଏବଂ ନଦୀରେ ଜଳ ପ୍ରବାହର ଗତି ସମ୍ପର୍କିତ ସୂଚନା ଜାରି କରିବାକୁ ସେ ଦାବି କରିଛନ୍ତି। ଏହାସହ ଆଉ କିଛି ପ୍ରସ୍ତାବ ଆଗତ ହୋଇଛି। ସେଗୁଡ଼ିକ ହେଲା, ନଦୀ ସୁରକ୍ଷା ପାଇଁ ରାଜ୍ୟ ସରକାର ନଦୀ ନୀତି ଆଣନ୍ତୁ। ବୈତରଣୀ ନଦୀର ନିର୍ମଳ ଜଳକୁ ସ୍ଲରୀ ପାଇପ ଲାଇନ୍ ଜରିଆରେ ବ୍ୟବହାର କରାନଯାଉ। ସେହିପରି ଶିଳ୍ପକୁ ବୈତରଣୀ ଜଳ ଦେବା ଚୁକ୍ତିକୁ ବାତିଲ କରାଯାଉ। ଶିଳ୍ପ ଓ ଖଣିର ବର୍ଜ୍ୟ ବସ୍ତୁର ନିଷ୍କାସନର ଜରିଆ ନଦୀ ନହେଉ। ସେହିପରି ବୈତରଣୀର ସୁରକ୍ଷା ପାଇଁ ଆଗାମୀ ଦିନରେ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଭଦ୍ରକ ଜିଲ୍ଲାର ଧାମରାଠାରେ ଥିବା ବଙ୍ଗୋପସାଗରର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ପଦଯାତ୍ରା କରି ଜନଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜଳମାନବ ଭାବେ ପରିଚିତ ରାଜେନ୍ଦ୍ର ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ନ୍ୟାୟିକ ପ୍ରକ୍ରିୟାରେ ଏହି ଅନ୍ୟାୟ ବିରୋଧରେ ଲଢ଼େଇ କରାଯିବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ସରକାର ଖଣି ପରିଚାଳନା ଦିଗରେ ଅତ୍ୟନ୍ତ ଯତ୍ନବାନ ହେବା ଉଚିତ।

■ ଗୋନାସିକାଠାରୁ ଧାମରା ଯାଏ ହେବ ପଦଯାତ୍ରା
■ ୬ ଦଫା ଦାବି ନେଇ ୪ଟି ଜିଲ୍ଲାରେ ବ୍ୟାପିବ ଆନ୍ଦୋଳନ

ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ନଦୀ ବଞ୍ଚାଅ ଆନ୍ଦୋଳନ ପ୍ରମୁଖ ସଦସ୍ୟା ବ୍ରତିନ୍ଦି ଜେନା, ନଦୀ ବଞ୍ଚାଅ ଆନ୍ଦୋଳନର କେନ୍ଦୁଝର ଜିଲ୍ଲା ପ୍ରମୁଖ ସଦସ୍ୟ ଅଶୋକ ଠକ୍କର, ଭଦ୍ରକର ବିଶିଷ୍ଟ ପରିବେଶବିତ୍ ପ୍ରତାପ ପାଢ଼ୀ, ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା, କଣ୍ଡରା ସରପଞ୍ଚ ରୀନା ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ପୂର୍ବତନ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ ଗିରିଧାରୀ ନାଏକ, ବଦ୍ରୁ ଜମାଦ ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ଟ୍ରକ୍ ମାଲିକ ସଂଘର ବହୁ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଆଇନମନ୍ତ୍ରୀଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖିଲା ବିଜେଡି
# ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ସଂସ୍କୃତିକୁ ଅକ୍ଷୁଣ୍ଣ ରଖାଯାଇଥିଲା

ଭୁବନେଶ୍ୱର,୨୪।୫(ସମିସ): ପୁରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ୧୯ଟି ଐତିହ୍ୟ ମଠର ପୁନଃବିନ୍ୟାସ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ। ପରିକ୍ରମା ପ୍ରକଳ୍ପ ସମୟରେ ସମସ୍ତ

■ ୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷତ ରଖି ହୋଇଥିଲା ସୌନ୍ଦର୍ଯ୍ୟକରଣ
■ ସମ୍ପୂର୍ଣ୍ଣ ମଠ ଭାଙ୍ଗି ଦିଆଯାଇଥିବା ନେଇ ମନ୍ତ୍ରୀଙ୍କ ଉକ୍ତି ଆଦୌ ଠିକ୍ ନୁହେଁ

୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେଣୁ ମଠଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଯାହା କୁହାଯାଉଛି, ତାହା ଆଦୌ ଠିକ୍ ନୁହେଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଥିଲା। ଏହି ସମୟରେ ସେଠାରେ ଥିବା ମଠଗୁଡ଼ିକର ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ମୂଳ ପୀଠ ବା ବିଜେସ୍ଥଳୀଗୁଡିକୁ ଅକ୍ଷୁଣ୍ଣ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ମଠାଧିଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନଗୁଡ଼ିକୁ ଭଙ୍ଗାଯାଇ ସେଗୁଡ଼ିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ପୁରାତନ ମଠଗୁଡ଼ିକର ବିଜେସ୍ଥଳୀ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେଗୁଡ଼ିକ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେସବୁକୁ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନଃବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ; ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବେଶ୍ ସମୃଦ୍ଧ ବୋଲି ମତ ରଖିବା ସହ ମଠଗୁଡିକୁ ସମ୍ପୂର୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ସାଧାରଣରେ ଯେଉଁ ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଡଃ ମହାନ୍ତି କହିଛନ୍ତି।

■ ବର୍ଷା ପୂର୍ବରୁ ଅମଳ ଧାନର ସୁରକ୍ଷା ନିମନ୍ତେ ପଦକ୍ଷେପ

# ମଣ୍ଡିଗୁଡ଼ିକରେ ପଲିଥିନ୍ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୫(ସମିସ): ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବ୍‌ଶୀଘ୍ର ପ୍ରାକ୍ ମୌସୁମୀ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନ ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପ ନିବନ୍ଧକ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହିତ ଅମଳ ଧାନର ସୁରକ୍ଷା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ ମୁତାବକ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କୁ ସଚେତନ କରାଯିବା ସହ ପାଣିପାଗ ସଂପର୍କରେ ସୂଚନା ଦିଆଯାଇଛି। ଏଥିନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକୁ ଘୋଡ଼ାଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ୍ ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନଗୁଡ଼ିକର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଏତଦବ୍ୟତୀତ ପାଣିପାଗ ଉପରେ ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି।

## ଖାଲି ପଡ଼ିଛି ଏସ୍‌ଡିପିଓ ପଦବୀ
# ପଦୋନ୍ନତି ମିଳିଲା; ପୋଷ୍ଟିଂ ମିଳୁନି

ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ବିଚିତ୍ର ବ୍ୟବସ୍ଥା ଦେଖାଦେଇଛି। ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ୧୬୯ ଜଣ ଇନ୍ସପେକ୍ଟର ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କର ପୋଷ୍ଟିଂ ହୋଇପାରି ନାହିଁ। ଫଳରେ ପଦୋନ୍ନତି ପାଇବା ପରେ ମଧ୍ୟ ଅଧିକାଂଶ ଡିଏସ୍‌ପି ଏବେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପଦୋନ୍ନତିର ମାସେ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଅନୁସାରେ, ଗତମାସ୨୩ତାରିଖଦିନରାଜ୍ୟସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ମାସେ ବିତିଯାଇଥିଲେ ମଧ୍ୟ ଡିଏସପିମାନଙ୍କୁ ପୋଷ୍ଟିଂ ମିଳିନାହିଁ।

ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଏସଡିପିଓ ପଦବୀ ଖାଲି ପଡ଼ିଛି। ଏକାଧିକ ସ୍ଥାନରେ ଜଣେ ଅଧିକାରୀ ଦୁଇଟି ଦାୟିତ୍ୱରେ ରହିଥିବାବେଳେ କେତେକ ସ୍ଥାନରେ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସବୁଠାରୁ ଉତ୍ତମ ପୁଲିସ ସେବା ଯୋଗାଉଥିବା କମିସନରେଟ ପୁଲିସରେ ମଧ୍ୟ ଏକପ୍ରକାର ଡିଏସ୍‌ପି ନିଅଣ୍ଟ। କମିସନରେଟ ପୁଲିସର କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି) ଅଧୀନରେ ଥିବା ଜୋନ୍ ୩ ଏସିପି ପଦବୀ ଫାଙ୍କା ପଡ଼ିଛି। କଟକର ଲାଲବାଗ, ବିଡ଼ାନାସୀ, ଫେଜ୍ ୨ ଓ ମର୍କତ ନଗର ଭଳି ଗୁରୁତ୍ୱପୂର୍ଣ୍ଣ ଥାନା ଜୋନ୍ ୩ ଅଧୀନରେ ଆସୁଛି। ଏଠାରେ ପୂର୍ବରୁ ଏସିପି ଭାବେ କାର୍ଯ୍ୟରତ ଥିବା ଡିଏସ୍‌ପିଙ୍କର କ୍ରାଇମବ୍ରାଞ୍ଚକୁ ବଦଳି ହେବା ପରେ ଜୋନ୍ ୨ ଏସିପି ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି।

■ ହେଡ୍‌କ୍ୱାର୍ଟରରେ ଇନ୍ସପେକ୍ଟର; ଥାନାରେ ଡିଏସ୍‌ପି
■ ଏକାଧିକ ଦାୟିତ୍ୱରେ ଏକାଧିକ ଅଧିକାରୀ
■ କମିସନରେଟ୍ ପୁଲିସରେ ବି ଅସ୍ଥାୟୀ ଏସିପି

କେବଳ କଟକ ନୁହଁ; ଭୁବନେଶ୍ୱର ୟୁପିଡିର ବଡ଼ଗଡ଼, ଲକ୍ଷ୍ମୀସାଗର, ପାହାଳ, ବାଲିଅନ୍ତା ଓ ବାଲିପାଟଣା ଥାନାକୁ ନେଇ ଗଠିତ ଜୋନ୍ ୪ରେ ମଧ୍ୟ ସମାନ ଅବସ୍ଥା। ପୂର୍ବରୁ ଜୋନ୍ ୪ ଏସିପି ଥିବା ବିଭୂତି ଭୂଷଣ ମହାପାତ୍ରଙ୍କର ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ହେବା ସହିତ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଛି। ଶ୍ରୀ ମହାପାତ୍ର ଯିବା ପରେ ଡିଏସ୍‌ପି ଅଭିମନ୍ୟୁ ନାୟକଙ୍କୁ ଅସ୍ଥାୟୀ ଭାବେ ଜୋନ୍ ୪ ଦାୟିତ୍ୱ ଦିଆଯାଇଛି। ସେହିପରି କମିସନରେଟ୍ ପୁଲିସର ହେଡ୍‌କ୍ୱାର୍ଟରରେ ଏକାଧିକ ଇନ୍ସପେକ୍ଟର ରହିଥିବା ବେଳେ ୮ଜଣ ଡିଏସ୍‌ପି ଥାନା ଦାୟିତ୍ୱରେ ରହିଛନ୍ତି। ଯଦି ଖୋଦ୍ କମିସନରେଟ ପୁଲିସରେ ଏଭଳି ବ୍ୟବସ୍ଥା, ତେବେ ସାରା ରାଜ୍ୟରେ ଅବସ୍ଥା କ'ଣ ହୋଇଥିବ ତାହା ଅନୁମେୟ।

ରାଜ୍ୟରେ ଏସ୍‌ଡିପିଓ ଓ ଏସିପି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଓ ଅଧିକାରୀମାନେ ଅସ୍ଥାୟୀ ଦାୟିତ୍ୱରେ ଥିବାରୁ ଏସସି/ ଏସ୍‌ଟି ମାମଲା ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛି। ଅନୁସୂଚିତ ଜାତି ଓ ଜନଜାତିଜନିତ ମାମଲାର ତଦନ୍ତ ସର୍ବନିମ୍ନ ଡିଏସ୍‌ପି ପାହ୍ୟାର ଅଧିକାରୀ କରିଥା'ନ୍ତି। ସେଥିପାଇଁ ଥାନା ଅଧିକାରୀମାନେ କେବଳ ମାମଲା ରୁଜୁ କରୁଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ହେଉନାହିଁ। ଫଳରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଅସ୍ଥାୟୀ ବା ଅତିରିକ୍ତ ଦାୟିତ୍ୱରେ ଥିବାରୁ ତଦନ୍ତକାରୀ ଅଧିକାରୀମାନେ ମଧ୍ୟ ବିଶେଷ ମନଯୋଗ ଦେଉନାହାନ୍ତି।

କେବଳ ଏତିକି ନୁହଁ; ଏକାଧିକ ଦାୟିତ୍ୱରେ ଥିବା ଡିଏସ୍‌ପିମାନେ ମଧ୍ୟ କାର୍ଯ୍ୟ ଚାପ ଯୋଗୁଁ ମାନସିକ ଅବସାଦରେ ରହୁଛନ୍ତି। ଜାଣିଶୁଣି ଅଧିକ ଦାୟିତ୍ୱ ଦିଆଯାଉଥିବାରୁ ଜୀବନ ହାରିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ ବୋଲି ନିକଟରେ ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ବ୍ରଜମୋହନ ବାଲେଶ୍ୱର ହେଡ୍‌କ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବାବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱ ସମ୍ଭାଳୁଛନ୍ତି। ଗୋଟିଏପଟେ ଡିଏସ୍‌ପି ପଦବୀ ଫାଙ୍କା ପଡ଼ିବା ଓ ଅନ୍ୟପଟେ ୧୬୯ ଜଣ ଡିଏସ୍‌ପି ନିଯୁକ୍ତି ଅପେକ୍ଷାରେ ରହିବା, ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ଉଠାଇଛି।

# ଜେଲ୍ ଗଲେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୨୪।୫(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ନୂଆପଡ଼ା ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ଯାଞ୍ଚ ପରେ ଜଣାପଡିଛି। ଆହୁରି ମଧ୍ୟ ତଦନ୍ତରୁ ଚାଞ୍ଚଲ୍ୟକର ତଥ୍ୟ ଜଣାପଡ଼ିଛି। ଭିଜିଲାନ୍ସ ଚଢ଼ଉରୁ ବର୍ତ୍ତିବା ପାଇଁ ସୁଶାନ୍ତଙ୍କ ପତ୍ନୀ ଲିପି ସେଠୀ ଅଭିନବ ଉପାୟ ଆପଣାଇଥିଲେ। ତାଙ୍କ ତୃତୀୟ ମହଲା ଘରେ ଭଡ଼ାରେ ରହୁଥିବା ରାକେଶ କୁମାର ସେନାପତିଙ୍କ ଘରେ ସେ ରଖିଥିବା ଲକ୍ଷାଧିକ ଟଙ୍କା ଓ ସୁନାଗହଣାକୁ ରାକେଶ ଚୋରି କରି ନେଇଥିବା ନେଇ ଲିପି ୨୦୨୪ ଏପ୍ରିଲ ୧୩ରେ ଭୁବନେଶ୍ୱର ଧଉଳି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଜମି ବିକା ଟଙ୍କା ୫୫ ଲକ୍ଷ ଏବଂ ୧କେଜି ୪୦୦ ଗ୍ରାମର ସୁନା ଗହଣା ଚୋରି ହୋଇଥିବା ଲିପି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତାହା ଏବେ ଧଉଳି ଥାନା ପୁଲିସର ତଦନ୍ତ ପରିସରରେ ଥିବା ଭିଜିଲାନ୍ସ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଚଢ଼ଉ ଭୟରେ ଲିପି ଭଡ଼ାଟିଆଙ୍କ ଘରେ କଳାଧନ ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ଗତକାଲି ଭିଜିଲାନ୍ସ ଚଢ଼ଉରେ ସୁଶାନ୍ତଙ୍କ ଭୁବନେଶ୍ୱରରେ ଦୁଇ ଦୁଇଟି ବହୁତଳ କୋଠା, ୯ଟି ଦାମୀ ପ୍ଲଟ୍, ଫାର୍ମ ହାଉସ୍, ୫୦ ଲକ୍ଷ ଟଙ୍କାର ବୀମା ଓ ବ୍ୟାଙ୍କ ବାଲାନ୍ସ ଥିବା ଠାବ କରିଥିଲା।

■ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିଲେ
■ ଭିଜିଲାନ୍ସ ଭୟରେ ଭଡ଼ାଟିଆଙ୍କ ଘରେ ରଖିଥିଲେ କଳାଧନ

## ଆଇପିଏଲ୍ ୧୮ : ସମୀର ରିଜ୍‌ଭିଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ

# ବିଜୟ ସହ କ୍ୟାପିଟାଲ୍ସର ଅଭିଯାନ ଶେଷ



ଜୟପୁର,୨୪।୫ (ଏଜେନ୍ସି)

ଚଳିତ ଆଇପିଏଲ୍‌ରେ ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ଅଭିଯାନ ଶେଷ କରିଛି। ଶନିବାର ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୬୬ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ମାତ୍ ଦେଇଛି। ଏହି ମ୍ୟାଚରେ ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍‌ରେ ୨୦୬ ରନ କରିଥିଲା। ଜବାବରେ ଦିଲ୍ଲୀ ୩ଟି ବଲ୍ ବଳକା ଥାଇ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ଏଥିସହ ଦିଲ୍ଲୀ ୧୪ତମ ମ୍ୟାଚରୁ ୭ଟି ବିଜୟ ଓ ୬ ପରାଜୟ ଏବଂ ଗୋଟିଏ ମ୍ୟାଚ୍ ବାତିଲ ସହ ୧୫ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହି ବିଦାୟ ନେଇଛି। ପୂର୍ବରୁ ଦିଲ୍ଲୀ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିଲା। ଅପରପକ୍ଷରେ ପଞ୍ଜାବ ୧୩ତମ ମ୍ୟାଚରୁ ୪ର୍ଥ ପରଜାୟ ଓ ୮ ବିଜୟ ସହ ୧୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଗୁଜରାଟ ୧୮ ପଏଣ୍ଟ ସହ ଶୀର୍ଷରେ ରହିଛି।

୨୦୭ ରନର ଚ୍ୟାଲେଞ୍ଜିଂ ଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ଇନିଂସ ସହାୟତାରେ ଶେଷ ଓଭରରେ ୪ ୱିକେଟ୍ ହରାଇ ୩ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଦିଲ୍ଲୀ ପକ୍ଷରୁ ସମୀର ରିଜଭୀ ୨୫ ବଲରେ ଅପରାଜିତ ୫୮ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୪୪, ଲୋକେଶ ରାହୁଲ ୩୫, ଅଧିନାୟକ ଫାଫ୍ ଡୁ ପ୍ଲେସିସ ୨୩, ପଦାର୍ପଣକାରୀ ସେଦ୍ଦିକୁଲ୍ଲା ଅଟଲ ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୧୮ ରନ କରିଥିଲେ। ବୋଲିଂରେ ପଞ୍ଜାବର ହରପ୍ରୀତ୍ ବ୍ରାରର ୨ଟି ଏବଂ ମାର୍କସ ଜାନସେନ ଓ ପ୍ରବୀଣ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

**ଆୟର-ଷ୍ଟୋଇନିସଙ୍କ ବିସ୍ଫୋରକ ବ୍ୟାଟିଂ**

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସର କାମଚଳା ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଦ୍ୱିତୀୟ ଓଭରରେ ଓପନର୍ ପ୍ରିୟାଂଶ ଆର୍ଯ୍ୟ (୬ ରନ)ଙ୍କ ୱିକେଟ୍ ହରାଇଥିଲା। ମୁସ୍ତାଫିଜୁର ରେହମାନ ଦିଲ୍ଲୀକୁ ଏହି ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ। ତେବେ ପରବର୍ତ୍ତୀ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ପାଳି ଯୋଗୁ ପଞ୍ଜାବ ୮ ୱିକେଟ୍‌ରେ ୨୦୬ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟାସ ଆୟର ସର୍ବାଧିକ ୫୩ ରନ କରିଥିଲେ। ୩୪ ବଲ୍‌ର ପାଳିରେ ଆୟର ୫ ଚୌକା ଓ ୨ ଛକା ମାରିଥିଲେ। ତେବେ ନିମ୍ନକ୍ରମରେ ଆସିଥିବା ମାର୍କସ ଷ୍ଟୋଇନିସ ୧୬ ବଲରେ ୩ ଚୌକା ଓ ୪ ଛକା ସହ ଅପରାଜିତ ୪୪ ରନ କରିବା ଫଳରେ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଭସିମରନ ସିଂହ ୨୮, ଜୋଶ ଇଂଲିଶ ୩୨, ନେହାଲ ୱାଧେର ୧୬, ଶଶାଙ୍କ ସିଂହ ୧୧, ହର୍‌ପ୍ରୀତ୍ ବ୍ରାରର୍ ଅପରାଜିତ ୭ ରନ କରିଥିଲେ। ବୋଲିଂରେ ମୁସ୍ତାଫିଜୁର ସର୍ବାଧିକ ୩ଟି ଏବଂ ବିପରାଜ ନିଗମ ଓ କୁଲଦୀପ୍ ଯାଦବ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

**ଧୋନିଙ୍କ ଶେଷ ମ୍ୟାଚ୍‌କୁ ନେଇ ଚର୍ଚ୍ଚା**


ଆଇପିଏଲ୍‌ରେ ରବିବାର ଡବଲ୍ ହେଡର୍ ମୁକାବିଲାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅପରାହ୍ଣରେ ମ୍ୟାଚ୍ ଖେଳାଯିବ। ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ପାଇଁ ଚଳିତ ସିଜନରେ ଏହା ଶେଷ ଲିଗ୍ ମ୍ୟାଚ୍। ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ପୂର୍ବରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ତେଣୁ ୪୪ ବର୍ଷ ବୟସରେ ପଦାର୍ପଣ କରିବାକୁ ଯାଉଥିବା ଧୋନିଙ୍କ ଲାଗି ଏହା ଶେଷ ଆଇପିଏଲ୍ ମ୍ୟାଚ୍ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। କାରଣ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ସେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ବୟସ ଓ ଫିଟ୍‌ନେସକୁ ଯଦି ଆଲୋଚନାକୁ ନିଆଯାଏ ତେବେ ଧୋନିଙ୍କ ଖେଳିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଅପରପକ୍ଷରେ ଏହା ନିଶ୍ଚିତ ଯେ ଅଧିନାୟକ ଭାବେ ଚେନ୍ନାଇ ପାଇଁ ଧୋନିଙ୍କ ଏହା ଶେଷ ମ୍ୟାଚ୍। ଚଳିତ ସିଜନରେ ନିୟମିତ ଅଧିନାୟକ ତଥା ଆହତ ଥିବା ଋତୁରାଜ ଗାଏକୱାଡଙ୍କ ସ୍ଥାନରେ ସେ ଦାୟିତ୍ୱ ସମ୍ଭାଳୁଛନ୍ତି।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +0.୬0୨ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +0.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +0.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +0.0୧୧ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +0.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -0.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪0 |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -0.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.0୩0 |

**ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

## ୬ ବର୍ଷ ପରେ ଫାଇନାଲରେ ଶ୍ରୀକାନ୍ତ




କ୍ୱାଲାଲମ୍ପୁର,୨୪।୫(ଏଜେନ୍ସି): ସ୍ଥାନୀୟ ଅକ୍ସିଆତା ଏରିନାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। ଏକମାତ୍ର ଭାରତୀୟ ଭାବେ ସେ ଏହି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ସେମିଫାଇନାଲରେ ୨୧-୧୮, ୨୪-୨୨ ସିଧାସଳଖ ଗେମ୍‌ରେ ଜାପାନର ୟୁଶି ତନକାଙ୍କୁ ମାତ୍ର ୪୯ ମିନିଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି। ଏଥିସହ ସେ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ଶ୍ରୀକାନ୍ତ ଶେଷଥର ପାଇଁ ୨୦୧୯ ଇଣ୍ଡିଆ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ଓ ରନର୍ସଅପ୍ ହୋଇଥିଲେ। ଏଥର ସଫଳ ହେଲେ ସେ ୮ ବର୍ଷପରେ କୌଣସି ଟାଇଟଲ ହାସଲ କରିବେ। ୨୦୧୭ରେ ସେ ୪ଟି ଟାଇଟଲ ଅର୍ଜନ କରିଥିଲେ। ୩୨ ବର୍ଷୀୟ ଶୀକାନ୍ତ ଏବେ ଟାଇଟଲ ପାଇଁ ରବିବାର ଚୀନ୍‌ର ଲି ଶିଫେଙ୍ଗ୍‌ଙ୍କୁ ଭେଟିବେ।

**ଅଢ଼େଇ ଦିନରେ ଜିମ୍ବାୱେର ପାଳି ପରାଜୟ**

## ବସିର୍‌ଙ୍କୁ ୯ ୱିକେଟ୍; ଇଂଲଣ୍ଡର ସହଜ ବିଜୟ

ନଟିଂହାମ, ୨୪।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ୨୨ ବର୍ଷ ପରେ ପ୍ରଥମଥର ଲାଗି ଖେଳାଯାଇଥିବା ଏକ ଟେଷ୍ଟ ମ୍ୟାଚ୍ ଅଢ଼େଇ ଦିନରେ ସମାପ୍ତ ହୋଇଯାଇଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଏକପାଖିଆ ମୁକାବିଲାରେ ଭ୍ରମଣକାରୀ ଜିମ୍ବାୱେ ଏକ ପାଳି ଓ ୪୫ ରନରେ ଶୋଚନୀୟ ଭାବେ ପରାଜୟବରଣ କରିଛି। ଲେଗ୍-ସ୍ପିନର ସୋଏବ ବସିର ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇ ଇଂଲଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଇଂଲଣ୍ଡ ଏହାର ସମର ସିଜନ ବିଜୟରୁ ଆରମ୍ଭ କରିଛି। ଚାରିଦିବସୀୟ ଏହି ଟେଷ୍ଟ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍ ଓପନର୍ ଜାକ୍ କ୍ରଲୀ (୧୨୪), ବେନ୍ ଡକେଟ୍ (୧୪୦) ଓ ଓଲି ପୋପ୍ (୧୭୧)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୬ ୱିକେଟ୍‌ରେ ୫୬୫ ରନ କରି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ଓପନର୍ ବ୍ରାଏନ ବେନେଟ (୧୩୯)ଙ୍କ ଶତକ ସତ୍ତ୍ୱେ ୨୬୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଇଂଲଣ୍ଡର ବସିର ୩ଟି ୱିକେଟ୍ ନେଇଥିଲେ। ୩୦୦ ରନ ପଛରେ ଥାଇ ଫଲୋଅପ୍ ପାଇଥିବା ଜିମ୍ବାୱେ ଶନିବାର ମ୍ୟାଚର ୩ୟ ଦିବସ ପ୍ରଥମ ସେସନରେ ଦ୍ୱିତୀୟ ପାଳିରେ ୨୫୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ମଧ୍ୟକ୍ରମରେ ସିନ୍ ୱିଲିୟମ୍ସ ୮୮ ଓ ସିକନ୍ଦର ରାଜା ୬୦ ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ପାଳିରେ ମଧ୍ୟ ବସିର ସର୍ବାଧିକ ୬ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୦୦୩ ରେ ଉଭୟ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ଥିଲା। ଓଭରଅଲ୍ ଦୁଇଦେଶ ମଧ୍ୟରେ ଏହା ୭ମ ଟେଷ୍ଟ ହୋଇଥିବାବେଳେ ସେଥିରୁ ଇଂଲଣ୍ଡ ୪ଟି ଜିତିଥିବାବେଳେ ୩ଟି ଡ୍ର ରହିଛି।

## ଚତୁର୍ଥ ସିରି ଏ’ ଟାଇଟଲ ଜିତିଲା ନାପୋଲି



ନାପ୍ଲେସ୍,୨୪।୫(ଏଜେନ୍ସି): ଇଟାଲୀ ଫୁଟବଲ ପ୍ରଣାଳୀ ସର୍ବୋଚ୍ଚ ପେସାଦାର ଲିଗ୍ ସିରି ଏ’ରେ ଏଥର ନାପୋଲି କ୍ଲବ ବାଜି ମାରିଛି। ଶୁକ୍ରବାର ବିଳମ୍ବିତ ରାତିରେ ନାପୋଲି ୨-୦ ଗୋଲରେ କାଗ୍ଲିଆରୀ ଫୁଟବ କ୍ଲବକୁ ପରାସ୍ତ କରି ଟାଇଟଲ ଜିତିଛି। ୩୮ଟି ମ୍ୟାଚ୍ ଖେଳି ୨୪ ବିଜୟ, ୧୦ ଡ୍ର ଓ ୪ ପରାଜୟ ସହ ୮୨ ପଏଣ୍ଟ ହାସଲ କରିବା ସହ ନାପୋଲି ମାତ୍ର ଗୋଟିଏ ପଏଣ୍ଟରେ ଇଣ୍ଟର ମିଲାନକୁ ପଛରେ ପକାଇ ଚାମ୍ପିଅନ ହୋଇଛି। ଇଟାଲୀର ନାପ୍ଲେସ ସହର ପର୍ଯ୍ୟବସିତ ନାପୋଲି ଏଥିସହ ଚତୁର୍ଥ ସିରି ଏ ଟାଇଟଲ ଜିତିଛି। ନାପୋଲି ତରଫରୁ ୪୨ତମ ମିନିଟ୍‌ରେ ସ୍କଟ ମ୍ୟାକ୍ ଟୋମିନେ ଓ ୫୧ତମ ମିନିଟ୍‌ରେ ରୋମେଲୁ ଲୁକାକୁ ଗୋଲ ସ୍କୋର କରିଥିଲେ। ଏଥିସହ ଗତ ୩ ବର୍ଷ ମଧ୍ୟରେ ନାପୋଲି ଦ୍ୱିତୀୟଥର ପାଇଁ ସିରି ଏ ଟାଇଟଲ ଜିତିଛି। ନାପୋଲି କୋଚ୍ ଆଣ୍ଟୋନିଓ କୋଣ୍ଟେ ପ୍ରଥମ ପ୍ରଶିକ୍ଷକ ଭାବେ ୩ଟି ଭିନ୍ନ ଭିନ୍ନ ଦଳ ସହ ଇଟାଲୀଆନ ଚାମ୍ପିଅନସିପ୍ ହାସଲ କରି ଏକ ଭିନ୍ନ ପ୍ରକାର ସଫଳତା ଅର୍ଜନ କରିଛନ୍ତି।

## ଜୁନ୍ ୧୮ରୁ ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ଅଭିଜ୍ଞ ହକି ଖେଳାଳିଙ୍କୁ ନେଇ ଆୟୋଜନ ହେବାକୁ ଯାଉଛି ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍। ଏହା ଚେନ୍ନାଇରେ ହକି ତାମିଲନାଡୁ ଦ୍ୱାରା ଜୁନ୍ ୧୮ ରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ୪୦ ବର୍ଷ କିମ୍ବା ତଦୁର୍ଦ୍ଧ ପୁରୁଷ ଓ ୩୫ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ମହିଳା ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ୧୦୦ତମ ଟାଇଟଲ୍ କ୍ଲବ୍‌ରେ ଜୋକୋଭିଚ୍



ଜେନେଭା, ୨୪।୫ (ଏଜେନ୍ସି): କିଂବଦନ୍ତୀ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ତାଙ୍କ ଜାଜଲ୍ୟମୟ କ୍ୟାରିୟରରେ ଆଉ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସୁଇଜରଲାଣ୍ଡରେ ଅନୁଷ୍ଠିତ ଜେନେଭା ଓପନ୍‌ରେ ସର୍ବୀୟ ତାରକା ୩୮ ବର୍ଷୀୟ ଜୋକୋଭିଚ୍ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ସେ ପୋଲାଣ୍ଡର ହବର୍ଟ ହରକାଜଙ୍କୁ ୫-୭, ୭-୬ (୨), ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ଏଥିସହ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ କ୍ୟାରିୟରରେ ୧୦୦ତମ ଟାଇଟଲ୍ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଓପନ୍ ଏରା (୧୯୬୮ ପରଠୁ) ରେ ପୁରୁଷ ଟେନିସରେ ୧୦୦ ଟାଇଟଲ୍ ଜିତିବାରେ ଜୋକୋଭିଚ୍ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଆମେରିକାର ଜିମ୍ମି କନୋର୍ସ (୧୦୯ଟି) ଓ ରୋଜର ଫେଡରର (୧୦୩) ଏହି ସଫଳତା ପାଇଥିଲେ। ଇଭାନ ଲେଣ୍ଡଲ (୯୪) ଓ ରାଫାଲ ନାଡାଲ (୯୨) ଏହି ତାଲିକାରେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ସେହିଭଳି ମହିଳା ବିଭାଗରେ ମାର୍ଟିନା ନାଭ୍ରାତିଲୋଭା (୧୬୭), କ୍ରାଇସ ଏଭର୍ଟ (୧୫୭) ଓ ଷ୍ଟେଫି ଗ୍ରାଫ୍ (୧୦୭) ୧୦୦ରୁ ଉର୍ଦ୍ଧ୍ୱ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରବିବାରଠାରୁ ଫ୍ରେଞ୍ଚ ଓପନ ଆରମ୍ଭ ହେବାକୁ ଯାଉଥିବାବେଳେ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ସୋମବାର ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କୁ ଭେଟିବେ।

## ଟେନିସ୍‌ରୁ କାରୋଲିନ୍ ଗାର୍ସିଆଙ୍କ ଅବସର



ପ୍ୟାରିସ୍,୨୪।୫(ଏଜେନ୍ସି): ବିଶ୍ୱର ପୂର୍ବତନ ୪ ନଂ ମହିଳା ଟେନିସ ଖେଳାଳି ଫ୍ରାନ୍ସର କାରୋଲିନ୍ ଗାର୍ସିଆ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ରବିବାରଠାରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଖେଳି ଟେନିସକୁ ଅଲବିଦା କରିବେ ବୋଲି ଗାର୍ସିଆ କହିଛନ୍ତି।ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏକ ପୋଷ୍ଟ ମାଧ୍ୟମରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ୩୧ ବର୍ଷୀୟା ଗାର୍ସିଆ ୧୫ବର୍ଷର କ୍ୟାରିଅରରେ ମୋଟ୍ ୧୧ଟି ଏକକ ଓ ୮ଟି ଯୁଗଳ ଟାଇଟଲ ହାସଲ କରିଛନ୍ତି। ୨୦୧୬ ଓ ୨୦୨୨ ଫ୍ରେଞ୍ଚ୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ସେ ଡବଲ୍ସ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୧୦ରେ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିଅର ଶ୍ରେଷ୍ଠ ୪ ନଂ ସ୍ଥାନ ଅଧିକାର କରିଥିଲେ। ୨୦୨୨ରେ ସେ ୟୁଏସ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏବେ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୧୪୫ତମ ସ୍ଥାନରେ ରହିଛନ୍ତି।

**ଜୁନିଅର ଡେଭିସ୍ କପ୍**


## ପାକିସ୍ତାନକୁ ଭେଟିବ ଭାରତ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ୧୬ ବର୍ଷରୁ କମ୍ ଏସିଆ- ଓସେନିଆ ଜୁନିଅର ଡେଭିସ୍ କପ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। କାଜାଖସ୍ତାନର ସିମ୍‌କେଣ୍ଟରେ ଦୁଇ ଦେଶ ଏକାଦଶ ସ୍ଥାନ ପାଇଁ ମୁହାଁମୁହିଁ ହେବେ। ଏହାପୂର୍ବରୁ ଭାରତ ୧-୨ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଜାପାନ ଓ କୋରିଆ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଜାପାନ ଚାଇନିଜ ତାଇପେ ଓ କୋରିଆ ଚୀନକୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୪ଟି ଦଳ ବିଶ୍ୱ ଗ୍ରୁପ୍ ପର୍ଯ୍ୟାୟକୁ ଉଠିବେ। ଏହି ପର୍ଯ୍ୟାୟ ୟୁରୋପରେ ଖେଳାଯିବ।

**ନାଡାଲଙ୍କ ବିନା ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆଜିଠାରୁ**

# ସିନର୍, ସାବାଲେଙ୍କା ଶ୍ରେଷ୍ଠ ସିଡ୍

ପ୍ୟାରିସ୍,୨୪।୫(ସମିସ)



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ରବିବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ରୋନାଲ୍ଡ ଗ୍ୟାରସରେ ବିଶ୍ୱର ଶ୍ରେଷ୍ଠ ଟେନିସ ଖେଳାଳିମାନେ ଟାଇଟଲ ପାଇଁ କ୍ଲେ- କୋର୍ଟରେ ଅବତୀର୍ଣ୍ଣ ହେବେ। ମେ ୨୫ରୁ ଏହି ପ୍ରତଯୋଗିତା ଆରମ୍ଭ ହୋଇ ଜୁନ୍ ୮ରେ ଶେଷ ହେବ। ପୁରୁଷ ଏକକରେ ଇଟାଲୀର ଜାନିକ ସିନରଙ୍କୁ ଓ ମହିଳା ଏକକରେ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ଶ୍ରେଷ୍ଠ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ସ୍ପେନ୍‌ର କାର୍ଲୋସ ଆଲକାରାଜ, ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଆମେରିକାର ଟେଲର ଫ୍ରିଜ୍, ବ୍ରିଟେନର ଜ୍ୟାକ ଡ୍ରାପରଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଅପରପକ୍ଷରେ ମହିଳା ଏକକରେ ଆମେରିକାର କୋକୋ ଗଫ୍, ଜେସିକା ପେଗୁଲା, ଇଟାଲୀରୀ ଜସ୍ମିନ ପାଓଲିନ୍, ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଗତ ସଂସ୍କରଣରେ ଅଲକାରାଜ ଓ ସ୍ୱିଆଟେକ ଟାଇଟଲ ଜିତିଥିଲେ। ତେବେ ଏହି ଦୁଇ ଖେଳାଳିଙ୍କୁ ଟାଇଟଲ ବଜାୟ ରଖିବାକୁ ଏଥର କଷ୍ଟକର ହେବ। ଏଥର ଟାଇଟଲ ପାଇଁ ସିଡେଡ ଖେଳାଳିମାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଫ୍ରେଞ୍ଚ୍ ଓପନର ସଫଳତମ ଖେଳାଳି ରାଫେଲ ନାଡାଲଙ୍କ ବିନା ଏଥର ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଅର୍ଥାତ୍ ନାଡାଲ ଅବସର ନେବା ପରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଖେଳାଯିବ।

**■ ଯୁଗଳରେ ୧୮ ବର୍ଷୀୟ ତ୍ୟାଗୀ ସମେତ ୫ ଭାରତୀୟ ଖେଳାଳି**

ପୁରୁଷ ଏକକରେ ସୁମିତ ନାଗଲ ଏକମାତ୍ର ଭାରତୀୟ ଭାବେ ଅଭିଯାନ ଜରି ରଖିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ସେ କ୍ୱାଲିଫାୟର୍ସରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଉଭୟ ପରୁଷ ଓ ମହିଳା ଏକକରେ ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଗତବର୍ଷ ମଧ୍ୟ ସେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ବିଶ୍ୱର ୧୭୧ତମ ସ୍ଥାନରେ ରହିଥିବା ନାଡାଲ ପ୍ରଥମ ରାଉଣ୍ଡରେ ରୁଷିଆର କାରେନ ଖାଚାନୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏଥର ଫ୍ରେଞ୍ଚ୍ ଓପନ୍ ଏକକ ଇଭେଣ୍ଟରେ କୌଣସି ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ତେଣୁ ଭାରତୀୟ ଖେଳାଳିମାନେ କେବଳ ପୁରୁଷ ଯୁଗଳ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଗତବର୍ଷ ସେମିଫାଇନାଲରେ ପ୍ରବେଶ କରିଥିବା ୪୪ ବର୍ଷୀୟ ରୋହନ ବୋପାନ୍ନା ଏଥର ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ଏନ୍ ଶ୍ରୀରାମ ବାଲଜୀ, ୟୁକି ଭାମ୍ବ୍ରୀ, ଋଥଭିକ୍ ବୋଲିପାଲି ଓ ୧୮ ବର୍ଷୀୟ କ୍ରିସ୍ ତ୍ୟାଗୀ ମଧ୍ୟ ସେମାନଙ୍କ ପାର୍ଟନରଙ୍କ ସହ ଯୁଗଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ମିଶ୍ରିତ ଯୁଗଳରେ ମଧ୍ୟ ଭାରତୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ଯୁଗଳ ଓ ମିଶ୍ରିତ ଯୁଗଳର ଡ୍ର ପରେ ଘୋଷଣା କରାଯିବ।

**■ ନାଡାଲଙ୍କୁ ଦିଆଯିବ ସ୍ୱତନ୍ତ୍ର ସମ୍ମାନ**

ଏଥର କ୍ଲେ- କୋର୍ଟର ରାଜା କୁହାଯାଇଥିବା ଓପନର ସଫଳତମ ଖେଳାଳି ସ୍ପେନ୍‌ର ରାଫେଲ ନାଦାଲଙ୍କୁ ଏଥର କୋର୍ଟରେ ଦେଖିବାକୁ ମିଳିବ ନାହିଁ। ଫ୍ରେଞ୍ଚ୍ ଓପନରେ ନାଡ଼ାଲ ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଜିତିଥିବା ନାଡ଼ାଲ ୧୪ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଏକ ରେକର୍ଡ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ଚାମ୍ପିଅନ (ବେଜିଂ ୨୦୦୮ ଏକକ, ରିଓ ୨୦୧୬ ଯୁଗଳ) ହୋଇଥିବା ୩୮ ବର୍ଷୀୟ ନାଦାଲ ଗତବର୍ଷ ନଭେମ୍ବରରେ ଟେନିସରୁ ଅବସର ଘୋଷଣା କରିଥିଲେ। ଦୀର୍ଘ ୨୩ ବର୍ଷର ଉଜ୍ଜଳମୟ କ୍ୟାରିଅରରେ ନାଦାଲ ମୋଟ୍ ୯୨ଟି ଟାଇଟଲ ହାସଲ କରି ଓପନ୍ ଏରାରେ ୫ମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଫ୍ରେଞ୍ଚ୍ ଓପନ ଟେନିସ୍- ୨୦୨୫**

| | | |
|---|---|---|
| ସଂସ୍କରଣ | : | ୧୨୪ତମ |
| ସର୍ଫେସ | : | କ୍ଲେ କୋର୍ଟ |
| ଭେନ୍ୟୁ | : | ରୋଲାଣ୍ଡ ଗ୍ୟାରସ ଷ୍ଟାଡିୟମ, ପ୍ୟାରିସ୍ |
| ଟପ୍ ସିଡ୍ ପୁରୁଷ | : | ଜାନିକ ସିନର |
| ଟପ୍ ସିଡ୍ ମହିଳା | : | ଅରିନା ସାବାଲେଙ୍କା |

**ଗତଥର ଚାମ୍ପିଅନ**

| | | |
|---|---|---|
| ପୁରୁଷ | - | କର୍ଲୋସ ଆଲକାରଜ |
| ମହିଳା | - | ଇଗା ସ୍ୱିଆଟେକ |
| ସିଧାପ୍ରସାରଣ | : | ସୋନି ଟେନ ନେଟ୍‌ୱର୍କ, |
| ଲାଇଭଷ୍ଟ୍ରିମିଂ | : | ସୋନୀଲିଭ୍, ଫ୍ୟାନ୍‌କୋଡ୍ |

## ଆଜିର ମ୍ୟାଚ୍

| | | |
|---|---|---|
| ଗୁଜରାଟ ବନାମ ଚେନ୍ନାଇ | ଅପରାହ୍ଣ ୩.୩୦ | ଅହମ୍ମଦାବାଦ |
| ହାଇଦରାବାଦ୍ ବନାମ କୋଲକାତା | ରାତି ୭ଟା ୩୦ | ନୂଆଦିଲ୍ଲୀ |

## ଟାଇଟନ୍ସରୁ ସର୍ବାଧିକ ୫; ଆର୍‌ସିବି ନିରାଶ

ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଲାଗି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଶନିବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। କରୁନ ନାୟାର ଦୀର୍ଘ ୭ ବର୍ଷ ପରେ ଦଳକୁ ଫେରିଥିବାବେଳେ ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ନୀତୀଶ ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିଛି। ତେବେ ବର୍ତ୍ତମାନ ଆଇପିଏଲର ୧୮ତମ ସଂସ୍କରଣ ଖେଳ ଜାରି ରହିଥିବାରୁ ଏହି ଲିଗ୍‌ର କେଉଁ ଦଳରୁ ସର୍ବାଧିକ ଖେଳାଳି ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ରିପୋର୍ଟ ମୁତାବକ ଗୁଜରାଟ ଟାଇଟନ୍ସର ସର୍ବାଧିକ ୫ଜଣ ଖେଳାଳି ଘୋଷିତ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିନାୟକ ଗିଲ୍‌ଙ୍କ ବ୍ୟତୀତ ସୁଦର୍ଶନ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ତେବେ ଭାରତୀୟ ଟେଷ୍ଟ ଦଳ ଘୋଷଣାରେ ସବୁଠୁ ନିରାଶ ହୋଇଛି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଘୋଷିତ ଭାରତୀୟ ଟେଷ୍ଟ ଦଳରେ ଆର୍‌ସିବିର ଜଣେ ହେଲେ ଖେଳାଳି ସ୍ଥାନ ପାଇନାହାନ୍ତି। ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ଆର୍‌ସିବିର ପ୍ରତିନିଧିତ୍ୱ ଟେଷ୍ଟ ଦଳରେ ଶୂନ୍ୟ ହୋଇଯାଇଛି। ଅନ୍ୟ ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସରୁ ୩ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସୁପର୍ ଜାଏଣ୍ଟ୍ସର ଋଷଭ ପନ୍ତ, ଶାର୍ଦ୍ଦୁଳ ଠାକୁର ଓ ଆକାଶଦୀପ୍ ଏବଂ କ୍ୟାପିଟାଲ୍ସର ଲୋକେଶ ରାହୁଲ, କୁଲଦୀପ୍ ଯାଦବ ଓ କରୁଣଙ୍କୁ ସୁଯୋଗ ମିଳିଛି। ସେହିଭଳି ରାଜସ୍ଥାନରୁ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ଏବଂ ମୁମ୍ବାଇ ଇଣ୍ଡିଆନ୍ସରୁ ଯଶପ୍ରୀତ ବୁମରା, ଚେନ୍ନାଇ ସୁପର୍ କିଙ୍ଗ୍‌ସର ରବୀନ୍ଦ୍ର ଜାଡେଜା ଓ ସନରାଇଜର୍ସ ହାଇଦରାବାଦରୁ ନୀତୀଶ ରେଡ୍ଡୀ ରହିଛନ୍ତି।

ଇଂଲଣ୍ଡ ଟୁର ଜୁନ୍ ୨୦ରୁ

# ଶୁବମନ୍ ଭାରତର ନୂଆ ଟେଷ୍ଟ ଅଧିନାୟକ



ନୂଆ ଯୁଗ ଆରମ୍ଭ

ନୂଆଦିଲ୍ଲୀ,୨୪।୫ (ଏଜେନ୍ସି): ଯୁବ ଖେଳାଳି ଶୁବମନ ଗିଲ୍ ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ଅଧିନାୟକ ଇଂନିସ ଆରମ୍ଭ କରିବେ। ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ସେ ଟେଷ୍ଟ ଦଳର ନେତୃତ୍ୱ ନେବେ। ରୋହିତଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ପୂର୍ବରୁ ନେତୃତ୍ୱ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଏହି ସିରିଜ୍‌ରେ ସମସ୍ତ ଟେଷ୍ଟ ଖେଳିପାରିବେ ନାହିଁ। ୱାର୍କଲୋଡ ମ୍ୟାନେଜ୍‌ମେଣ୍ଟ ଯୋଗୁଁ ତାଙ୍କୁ ବିଶ୍ରାମ ଦିଆଯିବ। ଏଣୁ ଶୁବମନଙ୍କୁ ଭାରତୀୟ ଟେଷ୍ଟ ଦଳର ନିୟମିତ ଅଧିନାୟକ ମନୋନୀତ କରାଯାଇଛି ବୋଲି ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜାତୀୟ ବରିଷ୍ଠ ଚୟନ କମିଟି ମୁଖ୍ୟ ଅଜିତ ଅଗରକର। ସେହିପରି ୱିକେଟରକ୍ଷକ ଋଷଭ ପନ୍ତଙ୍କୁ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ୧୮ ଜଣିଆ ଦଳରେ ଅନେକ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଜୟସ୍ୱାଲ, ଅଭିମନ୍ୟୁ ଈଶ୍ୱରନ, ସାଇ ସୁଦର୍ଶନ, ଦ୍ୱିତୀୟ ୱିକେଟ ରକ୍ଷକ ଜୁରେଲ, ସୀମିତ ଓଭର ବୋଲର ଅର୍ଶଦୀପଙ୍କୁ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାନ୍ ଓ ହର୍ଷିତ ରାଣାଙ୍କୁ ଏହି ଟେଷ୍ଟ ଦଳରୁ ବାଦ୍ ଦିଆଯାଇଛି। ଫାଷ୍ଟ ବୋଲର ମହମ୍ମଦ ସାମି ଟେଷ୍ଟ ମ୍ୟାଚ୍ ଲାଗି ପୂରା ଫିଟ ହୋଇ ନ ଥିବାରୁ ତାଙ୍କୁ ନିଆଯାଇନାହିଁ।

ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟିଂ ବିଦେଶରେ କିପରି କ୍ଲିକ୍ କରିବ ତାହାକୁ ନେଇ ସନ୍ଦେହ ରହିଛି। ଗିଲଙ୍କ ନେତୃତ୍ୱରେ ଜୟସ୍ୱାଲ, ଲୋକେଶ ରାହୁଲ, ଈଶ୍ୱରନ୍, ପନ୍ତ, ସୁଦର୍ଶନ ଓ ଦଳକୁ ଫେରିଥିବା କରୁନ ନାୟାର ପ୍ରମୁଖ ବ୍ୟାଟିଂ ଦାୟିତ୍ୱରେ ରହିବେ। ୧୮ ଜଣିଆ ଦଳରେ ୪ଜଣ ଅଲରାଉଣ୍ଡର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ପେସ୍ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁର ରହିଛନ୍ତି। ଅନ୍ୟ ଦୁଇ ସ୍ପିନ୍ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଦଳରେ ୫ ଫାଷ୍ଟ ବୋଲରଙ୍କୁ ନିଆଯାଇଛି। ଅନ୍ୟମାନେ ହେଲେ ମହମ୍ମଦ୍ ସିରାଜ, ଆକାଶ ଦୀପ୍, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ। କୁଲଦୀପ ଯାଦବ ଏକମାତ୍ର ବିଶେଷଜ୍ଞ ସ୍ପିନର ଭାବେ ଦଳରେ ନିଆଯାଇଛି।

କିଂବଦନ୍ତୀ ଖେଳାଳି ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଓ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଭାରତ ପ୍ରଥମଥର ଏକ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ପର୍ଯ୍ୟାପ୍ତ ଫିଟ୍ ହୋଇ ନ ଥିବାରୁ ମହମ୍ମଦ୍ ସାମି ମଧ୍ୟ ଦଳରେ ନାହାନ୍ତି। ଫଳରେ ଏହି ସିରିଜ୍‌ରୁ ଭାରତୀୟ କ୍ରିକେଟରେ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଶୁବମନ ଗିଲ୍ ଏହି ଯୁଗର ପ୍ରଥମ ନେତୃତ୍ୱ ନେବାକୁ ଯାଉଛନ୍ତି। ପୂର୍ବରୁ ଭାରତର ଟି-୨୦ ଦଳ ଓ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସେ ବେଶ ସଫଳତା ପାଇଛନ୍ତି। ନେତୃତ୍ୱ ନେବାରେ ପରିପକ୍ୱତା ଓ ଥଣ୍ଡା ମିଜାଜ ଲାଗି ସେ କୋଚ୍ ଓ ସାଥି ଖେଳାଳିଙ୍କଠାରୁ ପ୍ରଶଂସା ପାଇଛନ୍ତି। ୨୦୨୦ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ସିରିଜ୍‌ରେ ସେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ସେ ୩୨ଟି ଟେଷ୍ଟ ଖେଳି ୩୫.୦୫ ହାରରେ ୧୮୯୩ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ନିକଟରେ ଥିବା ପ୍ରତିଭା ଓ ଦକ୍ଷତା ଯୋଗୁଁ ଭାରତ ଏକ ସଫଳ ଅଧିନାୟକ ପାଇବ ବୋଲି ଆଶା କରାଯାଉଛି।

### ୨୦ରୁ ଟେଷ୍ଟ ସିରିଜ୍ ଆରମ୍ଭ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲିଡ୍ସର ହେଡିଂଲେରେ ଜୁନ୍ ୨୦ରୁ ଆରମ୍ଭ ହେବ। ଏଠାରେ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ। ଏହା ପୂର୍ବରୁ କେଣ୍ଟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଭାରତ-ଏ' ଦଳ ସହ ଭାରତ ସିନିୟର ଦଳ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଭାରତ-ଏ ଦଳ ଏହା ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଛି। ବର୍ମିଂହାମ୍‌ର ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ ୬ ଯାଏ ଦ୍ୱିତୀୟ ଟେଷ୍ଟ, ଲଣ୍ଡନର ଲର୍ଡ୍ସଠାରେ ଜୁଲାଇ ୧୦ରୁ ୧୪ ଯାଏ ତୃତୀୟ ଟେଷ୍ଟ, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ୍‌ରେ ଜୁଲାଇ ୨୩ରୁ ୨୭ ଯାଏ ଚତୁର୍ଥ ଟେଷ୍ଟ ଓ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଅଗଷ୍ଟ ୪ ଯାଏ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ।

### ଭାରତୀୟ ଦଳ

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ/ ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ ଓ ଅର୍ଶଦୀପ ସିଂହ।

ଇତିହାସ ସୃଷ୍ଟି କଲେ ଓଡ଼ିଶା ଏଫ୍‌ସିର ରାହୁଲ କେପି

## ପ୍ରଥମ ଭାରତୀୟ ଭାବେ ଇପିଏଲ୍ କ୍ଲବ ୱେଷ୍ଟହାମ୍ ତରଫରୁ ଖେଳିବେ

ଭୁବନେଶ୍ୱର,୨୪।୫(ସମିସ): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) କ୍ଲବ ଓଡ଼ିଶା ଏଫ୍‌ସି ୱିଙ୍ଗର ତଥା ଫରୱାର୍ଡ ରାହୁଲ କାନୋଲି ପ୍ରବୀଣ ଇତିହାସ ସୃଷ୍ଟି କରିଛନ୍ତି। ସେ ପ୍ରଥମ ଭାରତୀୟ ଫୁଟବଲର ଭାବେ ଇଂଲିଶ ପ୍ରିମିୟର ଲିଗ୍ (ଇପିଏଲ୍)



ରେ ୱେଷ୍ଟହାମ ୟୁନାଇଟେଡ ତରଫରୁ ପ୍ରତିନିଧିତ୍ୱ କରିବେ। ୨୫ ବର୍ଷୀୟ ରାହୁଲଙ୍କ ସହ ଚୁକ୍ତି କରିବା ନେଇ ଶୁକ୍ରବାର ୱେଷ୍ଟହାମ୍ ତରଫରୁ ସୂଚନା ଦିଆଯାଇଛି। ସେ ଏବେ ଆମେରିକାର ଆୟୋଜନ ହେବାକୁ ଯାଉଥିବା ୭-ଏ-ସାଇଡ୍ ଫୁଟବଲ 'ଦି ସକର ଟୁର୍ଣ୍ଣାମେଣ୍ଟ (ଟିଏସ୍‌ଟି)'ଟୁର୍ଣ୍ଣାମେଣ୍ଟରେ ୱେଷ୍ଟହାମ୍ ତରଫରୁ ପ୍ରତିନିଧିତ୍ୱ କରିବେ।

ସେ ପ୍ରଥମ ଭାରତୀୟ ଖେଳାଳି ଭାବେ ଏହି ଟିଏସ୍‌ଟିରେ ଏବଂ କୌଣସି ଟପ୍- ଡିଭିଜନ ଇପିଏଲ୍ ପୁରୁଷ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଏହା କେବଳ ରାହୁଲଙ୍କ ପାଇଁ ନୁହେଁ ଓଡ଼ିଶା ଓ ଭାରତୀୟ ଫୁଟବଲ ପାଇଁ ମଧ୍ୟ ଗୌରବର ବିଷୟ। ଆମେରିକାର ନର୍ଥ କାରିଲୋନାସ୍ଥିତ ରାଲେରେ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୪ରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ୟୁକେ, ସ୍ପେନ୍, ସ୍ୱିଜରଲାଣ୍ଡ, ବ୍ରାଜିଲ, ମେକ୍ସିକୋ, ନାଇଜେରିଆ ଓ ଭାରତ ତରଫରୁ ଫୁଟବଲରମାନେ ପ୍ରତିନିଧିତ୍ୱ କରିବେ। ଲୁଇସ୍ ନାନି, ସର୍ଜିଓ ଅଗୁଏରୋ ଓ ହୋପ୍ ସୋଲୋଙ୍କ ଭଳି ତାରକା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟରେ ଦଳଗୁଡିକୁ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ରାହୁଲ ଭାରତ ପାଇଁ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୭,୨୦ ଓ ୨୩ ବର୍ଷରୁ କମ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଓଡ଼ିଶା ଏଫ୍‌ସି ତରଫରୁ ୫ଟି ମ୍ୟାଚ୍ ଖେଳିଥିବା ରାହୁଲ ଇଣ୍ଡିଆନ ଆରୋଜ ତରଫରୁ ୩୭ ଓ କେରଳ ବ୍ଲାଷ୍ଟର୍ସ ପାଇଁ ୮୧ଟି ମ୍ୟାଚ୍ ଖେଳି ଯଥାକ୍ରମେ ୧, ୫ ଓ ୯ଟି ଗୋଲ ସ୍କୋର କରିଛନ୍ତି।

■ ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍

## ବିଡାନାସୀକୁ ହରାଇଲା ମଙ୍ଗଳା କ୍ଲବ୍



କଟକ,୨୪।୫(ସମିସ): ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍‌ରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ବିଜୟୀ ହୋଇଛି। ଖେଳାଯାଇଥିବା ଏହି ଏକ ପାଖିଆ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୩-୦ ଗୋଲରେ ବିଡାନାସୀ କ୍ଲବକୁ ପରାସ୍ତ କରିଛି। ମଙ୍ଗଳା ତରଫରୁ ଅବିନାଶ ଦାସ ୧୯ ଓ ୬୭ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ, ସାଇ ଦଲାଲ ୨୩ ତମ ମିନିଟ୍ ଗୋଲ ସ୍କୋର କରିଥିଲେ।

## କିଟ୍‌ରେ ଖୋର୍ଦ୍ଧା ଉପକନିଷ୍ଠ ଚେସ୍ ୨୮ରୁ

ଭୁବନେଶ୍ୱର,୨୪।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ମିଳିତ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ୧୫ ବର୍ଷରୁ କମ୍ ଉପ କନିଷ୍ଠ ଚେସ୍ ପ୍ରତିଯୋଗିତା ଚଳିତମାସ ୨୮ରୁ ଖେଳାଯିବ। କିଟ୍ ଡିମ୍‌ଡ ୟୁନିଭର୍ସିଟି ପରିସରରେ ଖେଳାଯିବାକୁ ଥିବା ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ଉଭୟ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। କୃତୀ ଖେଳାଳିମାନଙ୍କୁ ନଗଦ ଅର୍ଥ ସହ ୨୪ଟି ଟ୍ରଫି ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳିମାନେ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ବରିଷ୍ଠ ସଦସ୍ୟ ସ୍ୱାଂଶୁ ସତ୍ୟକାମଙ୍କୁ ଫୋନ ନଂ- ୯୯୩୭୦-୦୭୯୪୫ କିମ୍ବା ଡଃ ଦୁର୍ଗା ଷଡଙ୍ଗୀଙ୍କୁ ଫୋନ୍ ନଂ- ୯୯୩୭୧-୩୭୬୮୦ରେ ଯୋଗାଯୋଗ କରିପାରିବେ।

## ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲରେ ଭାଗନେବ ଓଡ଼ିଶା




ଭୁବନେଶ୍ୱର, ୨୪।୫ (ସମିସ): ଗୌହାଟୀଠାରେ ଆସନ୍ତା ମେ ୨୬ରୁ ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଗୌହାଟୀ ଅଭିମୁଖେ ଯାତ୍ରା କରିଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସାମାଜିକ ଅନୁଷ୍ଠାନ 'ବ୍ଲୁଆଇ' ପକ୍ଷରୁ ଓଡ଼ିଶା ଦଳର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଶନିବାର ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ସନ୍ତୋଷୀ ଜୈନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଗୌହାଟୀ ଗସ୍ତ ପୂର୍ବରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ତ୍ରିଲୋଚନ ବେଉରା ଉଭୟ ବାଳକ ଓ ବାଳିକା ଦଳର ପ୍ରଶିକ୍ଷକ ଓ ଅବିନାଶ ସୌରା ଗୋଲ୍‌ରକ୍ଷକ ଗାଇଡ୍ ଭାବେ ଭାବେ ଗସ୍ତ କରିଛନ୍ତି।

**ଓଡ଼ିଶା ବାଳକ ଦଳ:** ଆଶିଷ କୁମାର ସାହୁ (ଅଧିନାୟକ), ଦୀପକ ସିଂ, ମିଥୁନ ତ୍ରିବିଦ୍, ଦେବଦତ୍ତ ବେହେରା, ଆଲୋକଦୀପ୍ (ଉପଅଧିନାୟକ), ଆକାଶ ପୋଡିଆମି (ଗୋଲରକ୍ଷକ)।

**ଓଡ଼ିଶା ବାଳିକା ଦଳ:** ପ୍ରିୟଙ୍କା ସ୍ୱାଇଁ (ଅଧିନାୟିକା), ଗିରିବାଳା ଶବର, ପ୍ରିୟଙ୍କା ଦାସ, ତନିଶା ହରିଜନ, ମାଳତୀ ହେମ୍ବ୍ରମ, ଓଶି ମଲିକ, ସ୍ଥିତିପ୍ରଜ୍ଞା ବାରିକ (ଉଭୟ ଗୋଲ୍‌ରକ୍ଷକ)।

## ବୀରେନ୍ଦ୍ର ଲାକ୍ରା ଭାରତୀୟ କନିଷ୍ଠ ହକି ଦଳର ସହ-ପ୍ରଶିକ୍ଷକ

ଭୁବନେଶ୍ୱର, ୨୪।୫ (ସମିସ): ଟୋକିଓ ଅଲିମ୍ପିକ୍ ପଦକ ବିଜେତା ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କୁ ବଡ଼ ଦାୟିତ୍ୱ ମିଳିଛି। ହକି ଇଣ୍ଡିଆ ପକ୍ଷରୁ ବୀରେନ୍ଦ୍ରଙ୍କୁ ଶନିବାର ଭାରତୀୟ କନିଷ୍ଠ ପୁରୁଷ ଦଳର ସହାୟକ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ କନିଷ୍ଠ ହକି ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଖେଳାଯିବାକୁ ଥିବାରୁ ଏହି ପୂର୍ବତନ ଡିଫେଣ୍ଡରଙ୍କୁ ବଡ଼ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେସ ପୂର୍ବରୁ କନିଷ୍ଠ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ୩୫ ବର୍ଷୀୟ ବୀରେନ୍ଦ୍ର ଏବେ ଶ୍ରୀଜେସଙ୍କ ସହଯୋଗୀ ଭାବେ ଏକାଠି କାର୍ଯ୍ୟ କରିବେ। 'ଆଗକୁ ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ସମୟରେ ଭାରତୀୟ କନିଷ୍ଠ ହକି ଦଳର ଅଂଶବିଶେଷ ହେବା ବିଶେଷ ସମ୍ମାନର କଥା। ଭାରତୀୟ ଜର୍ସି ପିନ୍ଧିବା ଲାଗି କ'ଣ ଆବଶ୍ୟକ ତାହା ମୁଁ ଜାଣେ। ସେହିଭଳି ଭାରତର ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ବଡ଼ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଉତ୍ସାହିତ ରହିଛି' ବୋଲି ଏହି ବଡ଼ ଦାୟିତ୍ୱ ମିଳିବା ପରେ ବୀରେନ୍ଦ୍ର ଲାକ୍ରା କହିଛନ୍ତି।



କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ଦଳର ରକ୍ଷଣଭାଗକୁ ଶକ୍ତ କରିବା ଲାକ୍ରାଙ୍କ ପ୍ରମୁଖ କାର୍ଯ୍ୟ ହେବ। 'ବୀରେନ୍ଦ୍ର ଦଳ ସହ ଯୋଗଦେବା ଆମ ପାଇଁ ଏକ ବଡ଼ ଉତ୍ସାହର କଥା। ତାଙ୍କର ଅଭିଜ୍ଞତା, କୌଶଳଗତ ବୁଦ୍ଧିମତା ଓ ଶାନ୍ତ ନେତୃତ୍ୱ ଯୁବ ଖେଳାଳିଙ୍କମାନଙ୍କ ପାଇଁ ବେଶ୍ ଅମୂଲ୍ୟ ହେବ' ବୋଲି ମୁଖ୍ୟ ପ୍ରଶିକ୍ଷକ ଶ୍ରୀଜେଶ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୦ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୀରେନ୍ଦ୍ର ପରବର୍ତ୍ତୀ ସମୟରେ ଭାରତୀୟ ଦଳର ଜଣେ ପ୍ରମୁଖ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ସେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ଦୁଇଥର ୨୦୧୨ (ଲଣ୍ଡନ) ଓ ୨୦୨୦ (ଟୋକିଓ) ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ଜିତିଥିବା ଭାରତୀୟ ହକି ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୮ ସଂସ୍କରଣରେ କାଂସ୍ୟ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଓ ୨୦୧୮ ଚାମ୍ପିଅନ୍ସ ଟ୍ରଫିରେ ରୌପ୍ୟପଦକ ଜିତିଥିବା ଭାରତୀୟ ଦଳରେ ସେ ପ୍ରମୁଖ ସଦସ୍ୟ ଥିଲେ।

୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ଡିଏଲ୍‌ରେ ଜିତିଲା ବୌଦ୍ଧ



ଭୁବନେଶ୍ୱର, ୨୪।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ଏକମାତ୍ର ମ୍ୟାଚରେ ବୌଦ୍ଧ ଡିଏଲ୍ ପଦ୍ଧତିରେ ୬ ୱିକେଟ୍‌ରେ ନୟାଗଡ଼କୁ ପରାସ୍ତ କରିଛି। ବିଡ଼ାନାସୀ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୧୮.୨ ଓଭରରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ପ୍ରଧାନ ୨୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୨୩ ରନ କରିଥିଲେ। ପ୍ରତିପକ୍ଷ ବୌଦ୍ଧର ସମ୍ପଦ କୁମାର ଦାସ ୫ଟି ଓ ଦୀପକ ପାତ୍ର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାପରେ ଖରାପ ପାଗ ଲାଗି ଡିଏଲ୍ ପଦ୍ଧତିରେ ମ୍ୟାଚକୁ ୨୭ ଓଭରବିଶିଷ୍ଟ କରାଯାଇଥିଲା ଏବଂ ବୌଦ୍ଧ ସାମ୍ନାରେ ୮୪ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ବୌଦ୍ଧ ଏହି ଲକ୍ଷ୍ୟକୁ ୨୦ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦୀପକ ପାତ୍ର ଅପରାଜିତ ୨୧ ଓ ସତ୍ୟବ୍ରତ ଦାସ ୨୦ ରନ କରିଥିଲେ। ପ୍ରଭାବୀ ବୋଲିଂ ଲାଗି ସମ୍ପଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ରେଭେନଶା ଗ୍ରାଉଣ୍ଡ-୧ରେ ସମ୍ବଲପୁର-ବି ଓ ରାୟଗଡ଼ା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ସିପକ୍‌ଟାକ୍ରରେ ଓଡ଼ିଶାକୁ ରୌପ୍ୟ ଓ କାଂସ୍ୟ ସଫଳତା



ଭୁବନେଶ୍ୱର, ୨୪।୫ (ସମିସ): ଡାମନ ଓ ଡିଉଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସିପକ୍‌ଟାକ୍ର କ୍ରୀଡ଼ାରେ ଓଡ଼ିଶାକୁ ଏକାଧିକ ପଦକ ସଫଳତା ମିଳିଛି। ଓଡ଼ିଶା ମହିଳା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କ୍ୱାଡ୍ ଇଭେଣ୍ଟରେ କାଂସ୍ୟରେ ସନ୍ତୁଷ୍ଟ ରହିଥିଲା। ସେହିଭଳି ମହିଳା ଦଳ କ୍ୱାଡ୍‌ରେ କାଂସ୍ୟ ପଦକ ମଧ୍ୟ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଓଡ଼ିଶା ପୁରୁଷ ଦଳରେ ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ, ଗୁରୁ ମାଝୀ, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଓ ବୁଲୁ ପାତ୍ର ସଦସ୍ୟ ରହିଥିଲେ। ଲଲାଟେନ୍ଦୁ ସ୍ୱାଇଁ ଦଳର ପ୍ରଶିକ୍ଷକ ଓ ସୁଶାନ୍ତ ଷଡ଼ଙ୍ଗୀ ମ୍ୟାନେଜର ଭାବେ ଦଳ ଦଳ ଗସ୍ତ କରିଥିଲେ। ସେହିଭଳି ଏ. ଶ୍ରାବଣୀ, ସଙ୍ଗୀତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଓ ରାଇମଣି ଟୁଡୁ ରୌପ୍ୟ ବିଜୟୀ ମହିଳା ଦଳର ସଦସ୍ୟା ରହିଛନ୍ତି। ମହିଳା ଦଳରେ ଲକ୍ଷ୍ମୀପ୍ରିୟା ନାୟକ ପ୍ରଶିକ୍ଷକ ଓ ସ୍ୱାରିକା ଦାଶ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ରାଜ୍ୟ ସିପକଟାକ୍ର ସଂଘର ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର ଓ କୋଷାଧକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS